
# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୭/୨୦୨୫ (୧୨ ପୃଷ୍ଠା) | Bhubaneswar, Tuesday, October 7/2025 | Page 12 | ₹ 7.00 | BALASORE

୫୧ଶ ଭାଗ ୩୧୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 311 | ମୂଲ୍ୟ ₹୭/-

କଟକ ସହରରେ କର୍ଫ୍ୟୁ ଲାଗୁ ହୋଇଥିବାବେଳେ ସୋମବାର ବାଲୁବଜାରରେ ଦୋକାନଗୁଡ଼ିକ ବନ୍ଦ ରହିବା ସହ ରାସ୍ତା ଜନଶୂନ୍ୟ ହୋଇଛି। (ଫଟୋ: ରାଜକିଶୋର ମହାନ୍ତି)

# କଟକରେ କର୍ଫ୍ୟୁ ବଳବତ୍ତର

## ଆଉ ୨୪ ଘଣ୍ଟା ଇଣ୍ଟରନେଟ କଟକଣା ବଢ଼ିଲା

କଟକ,୬।୧୦(କାର୍ତ୍ତିକ ସାହୁ)

### ୮ ବିଶୃଙ୍ଖଳାକାରୀ ଗିରଫ

କଟକ ଦୁର୍ଗା ପୂଜା ଭସାଣି ସମୟରେ ସୃଷ୍ଟ ବିବାଦ ରବିବାର ଉଗ୍ରରୂପ ଧାରଣ କରିବା ପରେ ସହରର ୧୩ଟି ଥାନା ଅଞ୍ଚଳରେ ୩୬ଘଣ୍ଟିଆ କର୍ଫ୍ୟୁ ଲାଗୁ କରାଯାଇଛି। ସୋମବାର ସମ୍ପୂର୍ଣ୍ଣ ସହର ପୋଲିସ ଛାଉଣି ଭିତରେ ରହିଥିଲା। କର୍ଫ୍ୟୁ ଲାଗୁ ଫଳରେ କେବଳ ଜରୁରୀ ସେବା ବ୍ୟତୀତ ଦୋକାନବଜାର, ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ରାସ୍ତାଘାଟ ଶୂନଶାନ ହୋଇଯାଇଥିଲା। ୧୦୦ ପ୍ଲାଟୁନ୍ ଫୋର୍ସ ସହରର ବିଭିନ୍ନ ସ୍ଥାନରେ ପଇଁତରା ମାରିବା ସହ ଲୋକମାନଙ୍କୁ ଘର ଭିତରେ ସୁରକ୍ଷିତଭାବେ ରହିବାକୁ ପରାମର୍ଶ ଦେଇଥିଲେ। ସହରରେ ଉତ୍ତେଜନା ଏବଂ ବିଶୃଙ୍ଖଳା ସୃଷ୍ଟି କରୁଥିବା ଅଭିଯୋଗରେ ୮ଜଣଙ୍କୁ ଗିରଫ କରାଯାଇଛି। ସେପଟେ ସ୍ଥିତିକୁ ଦେଖି ରବିବାର ରାତିରୁ ୨୪ ଘଣ୍ଟା ପାଇଁ ଲାଗିଥିବା ଇଣ୍ଟରନେଟ ଏବଂ ସୋସିଆଲ୍ ମିଡିଆ କଟକଣାକୁ ଆଉ ୨୪ ଘଣ୍ଟା ଅର୍ଥାତ ମଙ୍ଗଳବାର ରାତି ୭ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସିଏମ୍‌ସି, ସିଡିଏ, ବୟାଳିଶ ମୌଜାରେ ହ୍ୱାଟ୍ସଆପ୍, ଫେସବୁକ୍, ଏକ୍ସ, ସ୍ନାପ୍‌ଚାଟ୍, ଇନ୍‌ଷ୍ଟାଗ୍ରାମ୍ ସେବା ବନ୍ଦ ରହିବ।

କମିଶନରେଟ ପୋଲିସ ଦ୍ୱାରା ରବିବାର ରାତି ୧୦ଟାରୁ ଜାରି ହୋଇଥିବା କର୍ଫ୍ୟୁ ସହରରେ ବଳବତ୍ତର ରହିଛି। କର୍ଫ୍ୟୁ ହେତୁ ସୋମବାର ସରକାରୀ କାର୍ଯ୍ୟାଳୟ, ଔଷଧ ଓ ଅତ୍ୟାବଶ୍ୟକ ସେବାକୁ ବାଦ୍ ଦେଲେ ବ୍ୟାଙ୍କ, ବେସରକାରୀ କାର୍ଯ୍ୟାଳୟ, ମାଲଗୋଦାମ ସମେତ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଛି। ପୂରା ସହରକୁ ୧୦୦ ପ୍ଲାଟୁନ୍ ଫୋର୍ସ ସହ ୮ କମ୍ପାନୀ ସିଆର୍‌ପିଏଫ୍ ଯବାନ ଓ ୧ କମ୍ପାନୀ ରାପିଡ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଚାକିରି ପାଇଁ ନିବେଶ

# ନଭେମ୍ବର ୧୧ରେ ନୂଆପଡ଼ା ଭୋଟ

ଭୁବନେଶ୍ୱର,୬।୧୦ (ରବିନାରାୟଣ ଜେନା)




- ■ ୧୪ରେ ଫଳାଫଳ
- ■ ଉପନିର୍ବାଚନ ପାଇଁ ଲାଗୁହେଲା ଆଦର୍ଶ ଆଚରଣବିଧି: ସିଇଓ

ନୂଆପଡ଼ା ଉପନିର୍ବାଚନ ଭୋଟ୍ ନଭେମ୍ବର ୧୧ ତାରିଖରେ ହେବ। ଏଥିସହିତ ବିଧିବଦ୍ଧ ଭାବେ ସୋମବାରଠାରୁ ଆଦର୍ଶ ଆଚରଣବିଧି ଲାଗୁ ହେଲା ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର. ସନ୍ଥ ଗୋପାଳନ କହିଛନ୍ତି। ସୋମବାର ସନ୍ଧ୍ୟାରେ ସିଇଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗୋପାଳନ କହିଥିଲେ, ନୂଆପଡ଼ା ଉପନିର୍ବାଚନ ଲାଗି ସମ୍ପୂର୍ଣ୍ଣ ଜିଲାରେ ଆଦର୍ଶ ଆଚରଣବିଧି ବଳବତ୍ତର ରହିବ। ଏହି ଅବଧି ନଭେମ୍ବର ୧୬ ପର୍ଯ୍ୟନ୍ତ ଲାଗୁ ହେବ।

ସେ କହିଥିଲେ, ନୂଆପଡ଼ା ଉପନିର୍ବାଚନ ଲାଗି ଆସନ୍ତା ୧୩ରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି ହେବ। ୨୦ରେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ରହିଥିବାବେଳେ ୨୨ ତାରିଖ ସୁଦ୍ଧା ନାମାଙ୍କନପତ୍ର ଯାଞ୍ଚ ପ୍ରକ୍ରିୟା ☞ପୃଷ୍ଠା-୪

## ୨ ପର୍ଯ୍ୟାୟରେ ବିହାର ନିର୍ବାଚନ

ନୂଆଦିଲ୍ଲୀ,୬।୧୦(ପି.ଟି.)

### ନଭେମ୍ବର ୬, ୧୧ରେ ମତଦାନ

ବିହାର ବିଧାନସଭା ନିର୍ବାଚନ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ବିଧାନସଭାର ୨୪୩ ଆସନ ମଧ୍ୟରୁ ୧୨୧ଟିରେ ନଭେମ୍ବର ୬ରେ ଏବଂ ଅବଶିଷ୍ଟ ୧୨୨ ଆସନରେ ସେହି ମାସ ୧୧ ତାରିଖରେ ଭୋଟ ଗ୍ରହଣ କରାଯିବ। ଭୋଟ ଗଣତି ନଭେମ୍ବର ୧୪ରେ କରାଯିବ ବୋଲି ସୋମବାର ଅପରାହ୍ନରେ ନିର୍ବାଚନ କମିଶନ (ଇସି) ସୂଚନା ଦେଇଛନ୍ତି। ଇସିଙ୍କ ଏହି ଘୋଷଣା ସହ ବିହାରରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି।

ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ବିହାର ନିର୍ବାଚନ ନଭେମ୍ବର ୬ ଓ ୧୧ରେ ହେବାକୁ ଥିବାବେଳେ ୧୪ ତାରିଖରେ ଭୋଟ ଗଣତି କରାଯିବ। ସମଗ୍ର ନିର୍ବାଚନୀ ପ୍ରକ୍ରିୟା ନଭେମ୍ବର ୧୬ରେ ସମାପ୍ତ ହେବ। ପ୍ରଥମ ପର୍ଯ୍ୟାୟରେ ୧୨୧ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୨୨ ଆସନରେ ନିର୍ବାଚନ ହେବ। ଭୋଟ ଗଣତିର ଶେଷ ୨ଟି ପର୍ଯ୍ୟାୟ ପୂର୍ବରୁ ପୋଷ୍ଟାଲ ବାଲଟ୍ ଗଣତି କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ବାଧ୍ୟତାମୂଳକ କରାଯାଇଛି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ସମେତ କେତେକ ନୂଆ ପଦକ୍ଷେପ ନିଆଯାଉଥିବାରୁ ସିଇସି ବିହାର ନିର୍ବାଚନକୁ 'ସବୁ ନିର୍ବାଚନର ଜନନୀ' ଭାବେ ଅଭିହିତ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ପାଇଁ ନାମାଙ୍କନପତ୍ର ☞ପୃଷ୍ଠା-୪

# ୩ ବୈଜ୍ଞାନିକଙ୍କୁ ମେଡିସିନରେ ନୋବେଲ

### ରୋଗ ପ୍ରତିଷେଧକ ପ୍ରଣାଳୀ ଉପରେ ଗବେଷଣା ପାଇଁ ସମ୍ମାନ

ଷ୍ଟକ୍‌ହୋମ,୬।୧୦



ମେରି ଇ ବ୍ରୁନ୍‌କୋ | ଫ୍ରେଡ୍ ରାମ୍ସଡେଲ | ଶିମୋନ ସାକାଗୁଚି

୨୦୨୫ ନୋବେଲ ପୁରସ୍କାର ପାଇଁ ବିଜେତାଙ୍କ ନାମ ଘୋଷଣା ହେବା ଆରମ୍ଭ ହୋଇଛି। ମେଡିସିନ କ୍ଷେତ୍ରରେ ୩ ବୈଜ୍ଞାନିକଙ୍କୁ ଚଳିତ ଥରର ନୋବେଲ ପୁରସ୍କାର ଦିଆଯିବା ନେଇ ସୋମବାର ସୁଇଡେନ୍‌ର ଷ୍ଟକ୍‌ହୋମରେ ରୟାଲ ସ୍ୱିଡିଶ ଏକାଡେମୀ ଅଫ୍ ସାଇନ୍ସ ପକ୍ଷରୁ ଘୋଷଣା କରାଯାଇଛି। ମାନବ ଶରୀରର ପେରିଫେରାଲ ଇମ୍ୟୁନ୍ ଟଲରାନ୍ସ ଉପରେ ଗବେଷଣା ପାଇଁ ଆମେରିକୀୟ ବୈଜ୍ଞାନିକ ମେରି ଇ ବ୍ରୁନ୍‌କୋ, ଫ୍ରେଡ୍ ରାମ୍ସଡେଲ ଏବଂ ଜାପାନର ବୈଜ୍ଞାନିକ ଶିମୋନ ସାକାଗୁଚିଙ୍କୁ ନୋବେଲ ପୁରସ୍କାର ପାଇଁ ମନୋନୀତ ☞ପୃଷ୍ଠା-୪

# ନୂଆପଡ଼ାବାସୀଙ୍କ ପାଇଁ ମୋ ଦୁଆର ସବୁବେଳେ ଖୋଲା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର/ନୂଆପଡ଼ା, ୬।୧୦ (ରବିନାରାୟଣ ଜେନା/ମକାରୁ ବେମାଲ)



ନୂଆପଡ଼ା ମିନି ଷ୍ଟାଡିୟମଠାରେ ସୋମବାର ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

ନୂଆପଡ଼ାବାସୀଙ୍କ ପାଇଁ ମୋ ଦୁଆର ସବୁବେଳେ ଖୋଲା। ସେମାନେ ଯେତେବେଳେ ଚାହିଁବେ, ମୋତେ ଭେଟିପାରିବେ। ସେମାନଙ୍କ କୌଣସି ସମସ୍ୟା ଯଦି ମୋ ନଜରକୁ ଆସେ, ସେ ସବୁକୁ ଗୁରୁତ୍ୱ ଦେଇ ସମାଧାନ କରିବାକୁ ଉଦ୍ୟମ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ନୂଆପଡ଼ା ମିନି ଷ୍ଟାଡିୟମଠାରେ ସୋମବାର ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ, ଦୂର ହେଉ କି ପାଖ, ବଡ଼ ହେଉ ବା ଛୋଟ, ରାଜ୍ୟର ସବୁ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ରାଜ୍ୟର ଜନସାଧାରଣଙ୍କ ସେବା ପାଇଁ ସବୁ ସମୟରେ, ସବୁ ମୁହୂର୍ତ୍ତରେ ଉପସ୍ଥିତ ଅଛି। ନୂଆପଡ଼ା ସହିତ ମୋର ଭାବଗତ ସମ୍ପର୍କ ରହିଛି ଏବଂ ଏହା ବଢ଼ି ବଢ଼ି ଚାଲିଛି। ଆଗାମୀ ଦିନରେ ଏହି ସମ୍ପର୍କ ଆହୁରି ଦୃଢ଼ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ନୂଆପଡ଼ା ଜିଲା ପାଇଁ ୧୧୦୧ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ ଓ ଘୋଷଣା କରିଥିଲେ। ସେ କହିଥିଲେ, ଇତିମଧ୍ୟରେ ତିନି ☞ପୃଷ୍ଠା-୪

# ସିଜେଆଇଙ୍କୁ ଜୋତା ଫିଙ୍ଗିଲେ ଆଇନଜୀବୀ



### ଏଭଳି କାର୍ଯ୍ୟ ମୋତେ ପ୍ରଭାବିତ କରେନି: ସିଜେଆଇ ଜଷ୍ଟିସ୍ ଗବଇ

ନୂଆଦିଲ୍ଲୀ,୬।୧୦

ସୁପ୍ରିମକୋର୍ଟରେ ସୋମବାର ଏକ ମାମଲାର ଶୁଣାଣି ଚାଲିଥିବାବେଳେ ଜଣେ ୭୧ ବର୍ଷୀୟ ଆଇନଜୀବୀ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇଙ୍କୁ ଜୋତା ଫିଙ୍ଗିବାକୁ ଉଦ୍ୟମ କରିଥିଲେ। ଜଣେ ବରିଷ୍ଠ ଆଇନଜୀବୀଙ୍କ ଏଭଳି କାର୍ଯ୍ୟ ଅଦାଲତ ଶିଷ୍ଟାଚାରର ଗୁରୁତର ଉଲ୍ଲଂଘନ କରିଛି। ଏଭଳି କାର୍ଯ୍ୟ ଦ୍ୱାରା ମୁଁ ବିଚଳିତ ନୁହେଁ, ଏଗୁଡ଼ିକ ମୋତେ ପ୍ରଭାବିତ କରେନାହିଁ ବୋଲି ଜଷ୍ଟିସ୍ ଗବଇ କହିବା ସହ ଶୁଣାଣି ଜାରି ରଖିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସନ୍ଧ୍ୟାରେ ସିଜେଆଇଙ୍କ ସହ କଥା ହୋଇଛନ୍ତି। ସୁପ୍ରିମକୋର୍ଟ ପରିସରରେ ସିଜେଆଇଙ୍କ ଉପରେ ଆକ୍ରମଣକୁ ପ୍ରଧାନମନ୍ତ୍ରୀ ନିନ୍ଦା କରିବା ସହ ଏହି ଘଟଣା ପ୍ରତ୍ୟେକ ଭାରତୀୟଙ୍କୁ କ୍ଷୁବ୍ଧ କରିଥିବା କହିଛନ୍ତି।

ଓକିଲମାନଙ୍କ କହିବା ଅନୁଯାୟୀ, ଆଇନଜୀବୀମାନେ ସେମାନଙ୍କ ମାମଲାଗୁଡ଼ିକର ତ୍ୱରିତ୍ ଶୁଣାଣି ପାଇଁ ସିଜେଆଇ ଏବଂ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠରେ ଉପସ୍ଥାପନା କରୁଥିଲେ। ଏହି ସମୟରେ ମୟୂରବିହାର ଅଞ୍ଚଳର ଆଇନଜୀବୀ ରାକେଶ କିଶୋର ଡାଏସ୍ ପାଖରେ ପହଞ୍ଚି ଜୋତା ଖୋଲିବା ସହ ବିଚାରପତିମାନଙ୍କ ଉପରକୁ ଫିଙ୍ଗିବାକୁ ଉଦ୍ୟମ କରିଥିଲେ। କୋର୍ଟରୁମ୍‌ରେ ସଜାଗ ଥିବା ସୁରକ୍ଷା କର୍ମଚାରୀ ତୁରନ୍ତ ହସ୍ତକ୍ଷେପ କରି ରାକେଶଙ୍କୁ ଅଟକାଇଥିଲେ। ପରେ ତାଙ୍କୁ ସୁରକ୍ଷା କର୍ମଚାରୀ ଘେରିଯାଇ କୋର୍ଟ ବାହାରକୁ ନେଇଯାଇଥିଲେ।

ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ମଧ୍ୟପ୍ରଦେଶର ଖଜୁରାହୋଠାରେ ଭଗବାନ ବିଷ୍ଣୁଙ୍କ ମୂର୍ତ୍ତି ପୁନଃନିର୍ମାଣରେ ନ୍ୟାୟିକ ହସ୍ତକ୍ଷେପ ସକାଶେ ଏକ ଜନସ୍ୱାର୍ଥ ମାମଲା ଦାଖଲ ହୋଇଥିଲା। ସିଜେଆଇ ଉକ୍ତ ଆବେଦନକୁ ପ୍ରଚାରଧର୍ମୀ କହି ଖାରଜ ☞ପୃଷ୍ଠା-୪

## ଖରିଆରରୋଡ୍ ମ୍ୟୁନିସିପାଲିଟି, କୋମନା ଓ ସିନାପାଲିକୁ ଏନ୍‌ଏସି ଘୋଷଣା

### ୧୧୦୧ କୋଟିର ସ୍ୱତନ୍ତ୍ର ପ୍ୟାକେଜ୍

ନୂଆପଡ଼ା ଜିଲାର ସର୍ବାଙ୍ଗୀନ ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ନୂଆପଡ଼ା ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ୧୧୦୧ କୋଟି ଟଙ୍କାର ପ୍ରକଳ୍ପ ଶୁଭାରମ୍ଭ ଓ ଘୋଷଣା କରିଛନ୍ତି। ସେଥିମଧ୍ୟରେ ୬୪ କୋଟି ୨ ଲକ୍ଷ ଟଙ୍କା ବିନିଯୋଗରେ ୧୦୯ଟି ପ୍ରକଳ୍ପର ଲୋକାର୍ପଣ ସହ ୧୫୯ କୋଟି ୭୬ ଲକ୍ଷ ଟଙ୍କାର ୩୯ଟି ପ୍ରକଳ୍ପର ଶିଳାନ୍ୟାସ ରହିଛି। ଏହାସହିତ ୭୫ କୋଟି ୩୭ ଲକ୍ଷ ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପ କରାଯିବ। ନୂଆପଡ଼ାରେ ଜଳସେଚନର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଭାବେ ୮୦୨ କୋଟି ୯ ଲକ୍ଷ ☞ପୃଷ୍ଠା-୪




## ସଂକ୍ଷେପରେ

### ୮୦ ବର୍ଷର ପୁରୁଣା କୋଠା ଭୁଶୁଡ଼ି ୩ ମୃତ

ଅହମଦାବାଦ, ୬।୧୦

ଗୁଜରାଟର ଗିର-ସୋମନାଥ ଜିଲାର ଭେରାଭଲ ସହରରେ ଏକ ୮୦ ବର୍ଷର ପୁରୁଣା ୩ ମହଲା ବିଶିଷ୍ଟ କୋଠା ରବିବାର ବିଳମ୍ବିତ ରାତିରେ ଭୁଶୁଡ଼ି ପଡ଼ିବାରୁ ୩ ଜଣଙ୍କର ମୃତ୍ୟୁ ଘଟିଛି। କୋଠା ମଧ୍ୟରେ ଥିବା ଜଣେ ମା' ଓ ଝିଅଙ୍କ ମୃତ୍ୟୁ ଘଟିଥିବା ବେଳେ କୋଠା ସମ୍ମୁଖରେ ଥିବା ରାସ୍ତାରେ ବାଇକରେ ଯାଉଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସୂଚନା ପାଇ ତୁରନ୍ତ ଅଗ୍ନିଶମ ବାହିନୀ ଏବଂ ପୋଲିସ ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲେ। ରେସ୍କ୍ୟୁ ଟିମ୍ ଭଗ୍ନାବଶେଷ ମଧ୍ୟରୁ ୨ ଜଣଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଛି। କୋଠା ଭୁଶୁଡ଼ିବାକୁ ନେଇ ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ କୁହାଯାଇଛି।

### ପ୍ରମାଣର ସ୍ଥାନ ସନ୍ଦେହ ନେଇପାରିବ ନାହିଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ ,୬।୧୦

ସନ୍ଦେହ ଯେତେ ଦୃଢ଼ ହୋଇଥାଉନା କାହିଁକି, ଏହା ପ୍ରମାଣର ସ୍ଥାନ ନେଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ୨୦୦୭ର ଏକ ହତ୍ୟା ମାମଲାରେ ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦ୍ରେଶ ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ୩ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଦେବା ସହ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ମାମଲାର ତଦନ୍ତରେ ଯଥେଷ୍ଟ ଶୂନ୍ୟତା ରହିଛି। ରେକର୍ଡ ହୋଇଥିବା ପ୍ରମାଣ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିବାକୁ ଯଥେଷ୍ଟ ନୁହେଁ। ୩ ଅଭିଯୁକ୍ତଙ୍କୁ ତଳକୋର୍ଟ ଦୋଷୀସାବ୍ୟସ୍ତ କରି ଆଜୀବନ ଜେଲଦଣ୍ଡାଦେଶ ଦେଇଥିବାବେଳେ ୨୦୧୭ ନଭେମ୍ବରରେ ଉତ୍ତରାଖଣ୍ଡ ହାଇକୋର୍ଟ ଏହାକୁ କାଏମ ରଖିଥିଲେ। ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଅଭିଯୁକ୍ତମାନେ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ବିଜ୍ଞାନସମ୍ମତ ପ୍ରମାଣକୁ ଅଣଦେଖା କରି ସନ୍ଦେହପୂର୍ଣ୍ଣ ପ୍ରମାଣ ଆଧାରରେ ଦୋଷୀସାବ୍ୟସ୍ତ କରିବା ଅର୍ଥ ପ୍ରମାଣ ସ୍ଥାନରେ ସନ୍ଦେହକୁ ଗ୍ରହଣ କରିବା। ସନ୍ଦେହ ଯେତେ ଦୃଢ଼ ହେଲେ ବି ଏହା ପ୍ରମାଣକୁ ସ୍ଥାନାନ୍ତର କରିପାରିବ ନାହିଁ ବୋଲି ଖଣ୍ଡପୀଠ ରାୟରେ କହିଛନ୍ତି।

### ଆମେରିକାକୁ ରେୟାର ଆର୍ଥ ପଠାଇଲା ପାକିସ୍ତାନ

ଇସ୍‌ଲାମାବାଦ, ୬।୧୦

ପାକିସ୍ତାନ ସୋମବାର ପ୍ରଥମ ପର୍ଯ୍ୟାୟରେ ଆମେରିକାକୁ ରେୟାର ଆର୍ଥ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ପଠାଇଛି। ଏନେଇ ପାକିସ୍ତାନୀ ଖବରକାଗଜ ଡନ୍‌ରେ ରିପୋର୍ଟ ପ୍ରକାଶ ପାଇଛି। ପ୍ରଥମ ପର୍ଯ୍ୟାୟରେ ଆମେରିକାକୁ ପଠାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ମଧ୍ୟରେ ଆଣ୍ଟିମୋନି, କପର କନ୍‌ସେନ୍‌ଟ୍ରେଟ୍ ଏବଂ ନିଓଡିମିୟମ, ପ୍ରସେଓଡିମିୟମ ପରି ରେୟାର ଆର୍ଥ ଉପାଦାନ ରହିଛି। ପାକିସ୍ତାନର ଖଣିଜ ସମ୍ପଦ ଅନୁସନ୍ଧାନ ଏବଂ ବିକାଶ ପାଇଁ ଗତ ମାସରେ ଏକ ଆମେରିକୀୟ କମ୍ପାନୀ ସହ ପାକିସ୍ତାନ ସରକାର କରିଥିବା ଚୁକ୍ତି ଅନୁଯାୟୀ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଆମେରିକା ପଠାଯାଇଛି। ଏହାକୁ ନେଇ ପାକିସ୍ତାନରେ ବିରୋଧ ଆରମ୍ଭ ହୋଇଛି।

ଦିଲ୍ଲୀରେ ଆଜି




ଖବରଦାତା ସମ୍ମିଳନୀରେ ବିହାର ବିଧାନସଭା ନିର୍ବାଚନ ସମ୍ପର୍କରେ ସୂଚନା ଦେଉଛନ୍ତି ସିଇସି ଜ୍ଞାନେଶ କୁମାର। ତାଙ୍କ ସହ ୨ ନିର୍ବାଚନ କମିଶନର ସୁଖବୀର ସିଂ ସାନ୍ଧୁ ଏବଂ ବିବେକ ଜୋଷୀ ଉପସ୍ଥିତ ଅଛନ୍ତି। (ଫଟୋ: ଚମନ ଗୌତମ)

## ବିହାର ବିଗୁଲ ବାଜିଲା

# ଫୋକସ୍‌ରେ ୩ ନେତା

**ବିହାରରେ ନିର୍ବାଚନୀ ବିଗୁଲ ବାଜିବା ସହ ରାଜନୈତିକ ମଇଦାନ ପ୍ରସ୍ତୁତ ହୋଇଛି। ଏଥିସହ ଗଣମାଧ୍ୟମର ଫୋକସ୍ ମୁଖ୍ୟତଃ ୩ଟି ଚେହେରା ଉପରେ କେନ୍ଦ୍ରୀଭୂତ ହୋଇଛି। କେତେକ ଜାତୀୟ ଗଣମାଧ୍ୟମ ଜେଡିୟୁ ମୁଖ୍ୟ ନୀତୀଶ କୁମାରଙ୍କୁ 'ଡିଫେଣ୍ଡର' ଆଖ୍ୟା ଦେଇଥିବାବେଳେ ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କୁ 'ଚ୍ୟାଲେଞ୍ଜର' ଓ ରଣନୀତିକାରରୁ ରାଜନେତା ସାଜିଥିବା ପ୍ରଶାନ୍ତ କିଶୋରଙ୍କୁ 'ଡିସ୍‌ରପ୍ଟର' ବୋଲି ଅଭିହିତ କରିଛନ୍ତି। ଏହି ୩ ଜଣଙ୍କ ସଫଳତା ବା ବିଫଳତା ସେମାନଙ୍କ ଦଳର ଭବିଷ୍ୟତକୁ ପ୍ରଭାବିତ କରିବା ସହ ବିହାର ରାଜନୈତିକ ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡ଼ିପାରେ ବୋଲି ମନେକରାଯାଉଛି।**

ପାଟନା/ନୂଆଦିଲ୍ଲୀ,୬।୧୦

ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ନେତୃତ୍ୱାଧୀନ ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟ ବିହାରରେ ଛଟ୍‌ପୂଜା ଓ ଦୀପାବଳି ପରେ ନିର୍ବାଚନ ହେବ ବୋଲି ଊଣାଅଧିକେ ସମସ୍ତେ ଅବଗତ ଥିଲେ ହେଁ ଏହାର ଆନୁଷ୍ଠାନିକ ତାରିଖ ଘୋଷଣାକୁ ରାଜନୈତିକ ଦଳଗୁଡ଼ିକ ଅପେକ୍ଷା କରିଥିଲେ। ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ସୋମବାର ଏହି ତାରିଖ ଘୋଷଣା କରିବା ସହ ବିହାର ନିର୍ବାଚନ ପାଇଁ ବିଗୁଲ ବାଜିଛି। ନିର୍ବାଚନରେ ଶାସକ ଭାରତୀୟ ଜନତା ପାର୍ଟି (ଭାଜପା) ଏବଂ ସଂଯୁକ୍ତ ଜନତା ଦଳ (ଜେଡିୟୁ) ମେଣ୍ଟ ସହ କଂଗ୍ରେସ ଓ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତୃତ୍ୱାଧୀନ ମହାମେଣ୍ଟ ମଧ୍ୟରେ ପ୍ରତ୍ୟକ୍ଷ ଲଢ଼େଇ ହେବ। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ତାଙ୍କ ପଶ୍ଚିମବଙ୍ଗ ପ୍ରତିପକ୍ଷ ମମତା ବାନାର୍ଜୀଙ୍କ ପାଇଁ ପୂର୍ବରୁ ନିର୍ବାଚନୀ ରଣନୀତି ପ୍ରସ୍ତୁତ କରି ସଫଳ ହୋଇଥିବା ପ୍ରଶାନ୍ତ କିଶୋର ଏଥର ନିର୍ବାଚନୀ ରାଜନୀତିରେ ପ୍ରବେଶ କରି ମଇଦାନକୁ ଓହ୍ଲାଇଛନ୍ତି। ତାଙ୍କ ଜନ ସୁରାଜ ପାର୍ଟି ବିହାରର ସମସ୍ତ ୨୪୩ ଆସନରେ ପ୍ରାର୍ଥୀ ଦେବ। ନିର୍ବାଚନ କମିଶନଙ୍କ ପକ୍ଷରୁ କରାଯାଇଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ରାଜନୈତିକ ଓ ଆଇନଗତ ବିବାଦ ଥମି ନ ଥିବାବେଳେ ବିହାରୀ ଭୋଟର ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରି ପ୍ରତିନିଧି ବାଛିବାକୁ ଯାଉଛନ୍ତି।



**ନୀତୀଶ କୁମାର:** ଜେଡିୟୁର ୭୪ ବର୍ଷୀୟ ନୀତୀଶ କୁମାର ୨ ଦଶନ୍ଧି ଧରି ବିହାର ମୁଖ୍ୟମନ୍ତ୍ରୀ ରହିଆସିଛନ୍ତି। ବିକାଶମୂଳକ କାର୍ଯ୍ୟକୁ ନେଇ ଏକଦା ସୁଶାସନ ବାବୁ ନାମରେ ପରିଚିତ ନୀତୀଶ ନିକଟ ଅତୀତରେ ନିଜ ପ୍ରଶାସନିକ ପଦକ୍ଷେପ ତୁଳନାରେ ଓଲଟାପାଲଟା ବୟାନ ଦେଇ ଅଧିକ ଚର୍ଚ୍ଚା ସାଉଣ୍ଟିଛନ୍ତି। ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ନୀତୀଶଙ୍କ ଭିଡିଓଗୁଡ଼ିକୁ ନେଇ ତାଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଶ୍ନ ଉଠିଛି। ଜେଡିୟୁ-ଭାଜପା ମେଣ୍ଟ ଯଦି ନିର୍ବାଚନ ଜିତେ ତେବେ ନୀତୀଶ ଆଉ ଥରେ ମୁଖ୍ୟମନ୍ତ୍ରୀ ପଦ କିପରି ସମ୍ଭାଳିବେ ତାକୁ ନେଇ ଲୋକଙ୍କ ମନରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। ଭାଜପା ଅଦ୍ୟାବଧି କୌଣସି ବିକଳ୍ପ ଚେହେରାକୁ ସାମ୍ନାକୁ ଆଣି ନ ଥିବାରୁ ଶାସକ ମେଣ୍ଟ ନୀତୀଶଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ିବାକୁ ଯାଉଥିବା ଏକପ୍ରକାର ନିଶ୍ଚିତ। ତେଣୁ ନୀତୀଶ ୧୦ମ ଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ନା ଫଳାଫଳ ବିହାରରେ ନୀତୀଶ ରାଜ୍‌ର ଅବସାନ ଘଟାଇବ ତାହା ଉପରେ ସମସ୍ତଙ୍କ ନଜର।



**ତେଜସ୍ୱୀ ଯାଦବ:** ଆର୍‌ଜେଡି ପ୍ରତିଷ୍ଠାତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁପ୍ରସାଦ ଯାଦବଙ୍କ ସାନପୁଅ ୩୫ ବର୍ଷୀୟ ତେଜସ୍ୱୀ ଯାଦବ ଏହି ନିର୍ବାଚନରେ ଏକ ପ୍ରମୁଖ ଚେହେରା। ୨୦୨୦ ନିର୍ବାଚନରେ ଆର୍‌ଜେଡି ୧୪୪ ଆସନରେ ଲଢ଼ିଥିବାବେଳେ ୭୫ଟିରେ ବିଜୟୀ ହୋଇ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଥିଲା। କିନ୍ତୁ ଏହାର ସହଯୋଗୀ ଦଳ କଂଗ୍ରେସର ଦୁର୍ବଳ ପ୍ରଦର୍ଶନ ଯୋଗୁ ମହାମେଣ୍ଟ ସରକାର ଗଢ଼ିବାକୁ ସୁଯୋଗ ପାଇ ନ ଥିଲା। ଇତିମଧ୍ୟରେ ଲାଲୁଙ୍କ ଅସୁସ୍ଥତା ଯୋଗୁ ତେଜସ୍ୱୀ ନିଜେ ଆର୍‌ଜେଡିର ନେତୃତ୍ୱ ନେଇ ଦଳ ପରିଚାଳନା କରୁଛନ୍ତି। ଏପରି କି କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ 'ଭୋଟର ଅଧିକାର ଯାତ୍ରା'ଠାରୁ ନେଇ ଆର୍‌ଜେଡିର 'ବିହାର ଅଧିକାର ଯାତ୍ରା' ପର୍ଯ୍ୟନ୍ତ ସବୁଥିରେ ତେଜସ୍ୱୀ ସାମିଲ ହୋଇ ଭୋଟରଙ୍କ ନିକଟତର ହୋଇପାରିଛନ୍ତି। ଏହି ଯୁବ ରାଜନେତା ବର୍ତ୍ତମାନ ଭାଜପା ସମ୍ମୁଖରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ରୂପେ ଉଭା ହୋଇଛନ୍ତି।



**ପ୍ରଶାନ୍ତ କିଶୋର:** ପିକେ ନାମରେ ପରିଚିତ ନିର୍ବାଚନୀ ରଣନୀତିକାର ପ୍ରଶାନ୍ତ କିଶୋର ଅନ୍ୟ ଦଳର ପ୍ରଚାର ଅଭିଯାନ ଯୋଜନା ଛାଡ଼ି ଜନ ସୁରାଜ ପାର୍ଟି ଗଢ଼ିଛନ୍ତି। ଏଥର ନିର୍ବାଚନରେ ସେ ନିଜ ଭାଗ୍ୟ ପରୀକ୍ଷା ପାଇଁ ଅଣ୍ଟା ଭିଡ଼ିଛନ୍ତି। ୨୦୨୨ରେ ବିହାର ସାରା ଏକ ଯାତ୍ରା କରି ଲୋକପ୍ରିୟତା ହାସଲ କରିଥିବା ପିକେ ତାଙ୍କ ପ୍ରତି ଲୋକଙ୍କ ରହିଥିବା ସମର୍ଥନ ଆଗାମୀ ନିର୍ବାଚନରେ ପ୍ରତିଫଳିତ ହେବ ବୋଲି ଆଶା ବାନ୍ଧିଛନ୍ତି। ଅନ୍ୟପକ୍ଷେ ମୁଖ୍ୟସ୍ରୋତର ଦଳଗୁଡ଼ିକର ନେତାମାନେ ରାଜନୀତିରେ ପ୍ରଶାନ୍ତ କିଶୋରଙ୍କ ପ୍ରବେଶ ଏକ ଫ୍ଲପ୍ ଶୋ' ହେବ ବୋଲି ଭବିଷ୍ୟବାଣୀ କରିଛନ୍ତି। ଆଉ କେତେକଙ୍କ ମତରେ ପିକେଙ୍କ ପାର୍ଟି ଅନ୍ୟ ଦଳଗୁଡ଼ିକର ଭୋଟ କାଟିବା ଛଡ଼ା ବିଶେଷ ପ୍ରଦର୍ଶନ କରି ନ ପାରେ।

### ୱାଙ୍ଗ୍‌ଚୁକ୍‌ଙ୍କ ଗିରଫଦାରି କେନ୍ଦ୍ର, ଲଦାଖକୁ ଜବାବ ତଲବ

ନୂଆଦିଲ୍ଲୀ,୬।୧୦(ପି.ଟି.)

ଲେହରେ ହିଂସାତ୍ମକ ବିକ୍ଷୋଭ ପରେ ଜଳବାୟୁ କର୍ମୀ ସୋନମ୍ ୱାଙ୍ଗ୍‌ଚୁକ୍‌ଙ୍କୁ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ)ରେ ଅଟକ ରଖାଯାଇଥିବାରୁ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ଜେ ଆଙ୍ଗ୍‌ମୋ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ୱାଙ୍ଗ୍‌ଚୁକ୍‌ଙ୍କୁ ତୁରନ୍ତ ମୁକ୍ତ କରିଦେବା ପାଇଁ ସେ ନିବେଦନ କରିଥିଲେ। ସର୍ବୋଚ୍ଚ ଅଦାଲତ ସୋମବାର ଏହାର ଶୁଣାଣି କରି କେନ୍ଦ୍ର ସରକାର ଏବଂ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନକୁ ଜବାବ ମାଗିଛନ୍ତି। ତେବେ ଜଷ୍ଟିସ୍ ଅରବିନ୍ଦ କୁମାର ଏବଂ ଏନ୍.ଭି. ଅଞ୍ଜରିଆଙ୍କ ଖଣ୍ଡପୀଠ ପିଟିଶନ୍ ଉପରେ କୌଣସି ରାୟ ଦେବାକୁ ମନା କରିଦେଇ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୪ ତାରିଖକୁ ଧାର୍ଯ୍ୟ କରିଛନ୍ତି।



ଲଦାଖକୁ ରାଜ୍ୟ ଘୋଷଣା କରାଯିବା ସମେତ ଷଷ୍ଠ ପରିଚ୍ଛଦ ମାନ୍ୟତା ପ୍ରଦାନ ଦାବିରେ ସେପ୍ଟେମ୍ବର ୨୬ରେ ଲେହ ସହରରେ ବିକ୍ଷୋଭ ବେଳେ ହିଂସାକାଣ୍ଡ ଘଟିଥିଲା। ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିବା ସହ ୯୦ ଜଣ ଆହତ ହୋଇଥିଲେ। ହିଂସା ପାଇଁ ଉସୁକାଇବା ଅଭିଯୋଗରେ ୱାଙ୍ଗ୍‌ଚୁକ୍‌ଙ୍କୁ ୨୮ ତାରିଖରେ ଏନ୍‌ଏସ୍‌ଏ ବଳରେ ଗିରଫ କରାଯାଇ ରାଜସ୍ଥାନର ଯୋଧପୁର ଜେଲରେ ରଖାଯାଇଛି। ୱାଙ୍ଗ୍‌ଚୁକ୍‌ଙ୍କ ସ୍ତ୍ରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ୍ କୋର୍ଟରେ ଉପସ୍ଥିତ ରହି ଅଟକ ରଖାଯିବାର କାରଣ ଜଣାଇବା ନିମନ୍ତେ ସରକାରଙ୍କୁ ନିର୍ଦ୍ଦେଶ ଦେବା ଲାଗି କୋର୍ଟଙ୍କୁ ନିବେଦନ କରିଥିଲେ। ଏ ସମ୍ପର୍କରେ ୱାଙ୍ଗ୍‌ଚୁକ୍‌ଙ୍କୁ ଜଣାଇ ଦିଆଯାଇଛି ଏବଂ ତାଙ୍କ ସ୍ତ୍ରୀଙ୍କୁ ଜଣାଇବାର ଆଇନଗତ ଆବଶ୍ୟକତା ନାହିଁ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ।

# ହସ୍ପିଟାଲରେ ନିଆଁ: ୮ ରୋଗୀ ମୃତ

## ଅବହେଳା ଅଭିଯୋଗର ତଦନ୍ତ ନିର୍ଦ୍ଦେଶ

ଜୟପୁର,୬।୧୦

ରାଜସ୍ଥାନ ଜୟପୁରରେ ଥିବା ସୱାଇ ମାନ୍‌ସିଂ (ଏସ୍‌ଏମ୍‌ଏସ୍) ହସ୍ପିଟାଲର ନ୍ୟୁରୋ ଆଇସିୟୁରେ ରବିବାର ବିଳମ୍ବିତ ରାତିରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି। ଏଥିରେ ୮ ଜଣ ରୋଗୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକଙ୍କ ମଧ୍ୟରେ ୩ ଜଣ ମହିଳା ରହିଛନ୍ତି। ତେବେ ନିଆଁ ଲାଗିବା ସମୟରେ ରୋଗୀଙ୍କ ସମ୍ପର୍କୀୟମାନେ ସତର୍କ କରାଇବା ସହ ଧାଁଦଉଡ଼ କରୁଥିଲେ ମଧ୍ୟ ହସ୍ପିଟାଲ କର୍ମଚାରୀମାନେ ଏହାକୁ ଅଣଦେଖା କରିଥିଲେ ବୋଲି ଅଭିଯୋଗ ହୋଇଛି। କର୍ମଚାରୀଙ୍କ ଅବହେଳାର ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି।

ଏସ୍‌ଏମ୍‌ଏସ୍ ଜୟପୁରର ସର୍ବବୃହତ୍ ସରକାରୀ ହସ୍ପିଟାଲ ହୋଇଥିବାବେଳେ ରାତି ପ୍ରାୟ ୧୧ଟା ୨୦ ମିନିଟ୍ ସମୟରେ ଏହାର ଟ୍ରମା ସେଣ୍ଟର ଆଇସିୟୁରେ ନିଆଁ ଲାଗିଥିଲା। ଶର୍ଟସର୍କିଟରୁ ଏଭଳି ଅଗ୍ନିକାଣ୍ଡ ଘଟିଲା ବୋଲି ଅଧିକାରୀମାନେ ସନ୍ଦେହ କରୁଛନ୍ତି। ଆଇସିୟୁ ୱାର୍ଡର ଷ୍ଟୋରରୁମ୍‌ରେ କାଗଜପତ୍ର, ମେଡିକାଲ ଉପକରଣ ଏବଂ ରକ୍ତ ନମୁନା ଟ୍ୟୁବ୍ ରଖାଯାଇଥିବାବେଳେ ଶର୍ଟସର୍କିଟରୁ ଭୟଙ୍କର ଅଗ୍ନିକାଣ୍ଡ ଘଟି ତୁରନ୍ତ ସମ୍ପୂର୍ଣ୍ଣ ୱାର୍ଡକୁ ବ୍ୟାପିଯାଇଥିଲା। ବିଲ୍ଡିଂରେ ଧୂଆଁ ଭର୍ତ୍ତି ହୋଇଯିବାରୁ ରୋଗୀ ଓ କର୍ମଚାରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ହସ୍ପିଟାଲ ପ୍ରଶାସନର ସୂଚନା ଅନୁଯାୟୀ, ଅଗ୍ନିକାଣ୍ଡ ସମୟରେ ଆଇସିୟୁ ଏବଂ ସେମି-ଆଇସିୟୁରେ ମୋଟ ୧୮ ଜଣ ରୋଗୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୧ ଜଣ ନିଆଁ ଲାଗିଥିବା ୱାର୍ଡରେ ରହିଥିଲେ। ଅଗ୍ନିଶମ ଗାଡ଼ି ପହଞ୍ଚିଥିଲେ ମଧ୍ୟ ନିଆଁ ଓ ବିଷାକ୍ତ ଧୂଆଁ ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଅଧିକାଂଶ ରୋଗୀ ସେମାନଙ୍କ ପରିବାର ସଦସ୍ୟ ଓ କର୍ମଚାରୀଙ୍କ ସହାୟତାରେ ଝରକା ଓ କବାଟ ଭାଙ୍ଗି ବାହାରି ଯାଇଥିଲେ। ସେମାନଙ୍କୁ ରାସ୍ତାରେ ବେଡ୍‌ରେ ରଖାଯାଇ ଅକ୍ସିଜେନ୍ ଓ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିଲା।



ଏସ୍‌ଏମ୍‌ଏସ୍ ହସ୍ପିଟାଲର ନ୍ୟୁରୋ ଆଇସିୟୁ ଜଳୁଛି।

ଅଗ୍ନିକାଣ୍ଡ ପରେ ହସ୍ପିଟାଲର ସୁରକ୍ଷା ବ୍ୟବସ୍ଥାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠିଛି। ନିଆଁ ଲାଗିବା ପରେ ପରେ ଫାୟାର ଆଲାର୍ମ ସିଷ୍ଟମ୍ ପ୍ରଥମେ ଠିକ୍ ଭାବେ କାର୍ଯ୍ୟ କରି ନ ଥିଲା ବୋଲି ଅଭିଯୋଗ ହୋଇଛି। ଏଥିସହିତ ଅକ୍ସିଜେନ୍ ଲାଇନ୍‌କୁ ବନ୍ଦ କରିବାରେ ମଧ୍ୟ ବିଳମ୍ବ ହୋଇଥିଲା। କର୍ମଚାରୀଙ୍କ ପାଖରେ ପର୍ଯ୍ୟାପ୍ତ ଅଗ୍ନି ସୁରକ୍ଷା ଉପକରଣ ନ ଥିବାରୁ ନିଆଁ ଅଧିକ ବ୍ୟାପିଲା ବୋଲି କୁହାଯାଉଛି। କର୍ମଚାରୀମାନଙ୍କ ଅବହେଳାରୁ ୮ ରୋଗୀଙ୍କ ଜୀବନ ଗଲା ବୋଲି ସେମାନଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିବା ସହ ହସ୍ପିଟାଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ସମ୍ପର୍କୀୟମାନେ ଟ୍ରମା ସେଣ୍ଟର ବାହାରେ ଧାରଣାରେ ବସିବା ସହ ମୁଖ୍ୟ ରାସ୍ତାରେ ପ୍ରତିବାଦ କରିଥିଲେ। ମୁଖ୍ୟମନ୍ତ୍ରୀ ଭଜନଲାଲ୍ ଶର୍ମା ବିଳମ୍ବିତ ରାତିରେ ହସ୍ପିଟାଲରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଆହତମାନଙ୍କ ଚିକିତ୍ସା ପାଇଁ ତୁରନ୍ତ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଅତ୍ୟନ୍ତ ଦୁଃଖଦ ଓ ଚିନ୍ତାଜନକ ଘଟଣା ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ସେ ଡାକ୍ତରୀ ଶିକ୍ଷା ସଚିବ ଅମ୍ବିଶ କୁମାର, ପୋଲିସ କମିଶନର ବିଜୁ ଜର୍ଜ ଜୋସେଫ, ଜୟପୁର ଜିଲାପାଳ ଜିତେନ୍ଦ୍ର ସୋନି ଏବଂ ଏସ୍‌ଏମ୍‌ଏସ୍ ମେଡିକାଲ କଲେଜ ପ୍ରିନ୍ସିପାଲ୍ ଡା. ଦୀପକ ମାହେଶ୍ୱରୀଙ୍କଠାରୁ ସବିଶେଷ ରିପୋର୍ଟ ମାଗିଛନ୍ତି।

### ୧୪ ଘଣ୍ଟାରେ ଭାଙ୍ଗିଗଲା ସରକାର

ପ୍ୟାରିସ୍,୬।୧୦

**ଫ୍ରାନ୍ସରେ ରାଜନୈତିକ ସଙ୍କଟ**

**ମାସେ ନ ପୂରୁଣୁ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା**

ଦାୟିତ୍ୱ ଗ୍ରହଣର ମାସେ ନ ପୂରୁଣୁ ଫ୍ରାନ୍ସର ନୂଆ ପ୍ରଧାନମନ୍ତ୍ରୀ ସେବାଷ୍ଟିଆନ୍ ଲେକୋର୍ନୁ ସୋମବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଲକୋର୍ନୁ ରବିବାର ମନ୍ତ୍ରିମଣ୍ଡଳ ଗଠନ କରିଥିଲେ। ୧୪ ଘଣ୍ଟା ପରେ ତାଙ୍କ ଇସ୍ତଫା ଫଳରେ ନୂଆ ସରକାର ଭାଙ୍ଗିଯିବା ସହ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଛି। ରାଷ୍ଟ୍ରପତି ଏମାନୁଏଲ୍ ମାକରଁ ତାଙ୍କ ଇସ୍ତଫାପତ୍ର ଗ୍ରହଣ କରଛନ୍ତି। ଲେକୋର୍ନୁ ମନୋନୀତ କରିଥିବା ମନ୍ତ୍ରୀମାନଙ୍କୁ ବିଶେଷକରି ପୂର୍ବତନ ଅର୍ଥମନ୍ତ୍ରୀ ବ୍ରୁନୋ ଲେ ମାଇରେଙ୍କୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଦାୟିତ୍ୱ ଦେବା ନିଷ୍ପତ୍ତି ବିଭିନ୍ନ ମହଲରେ ସମାଲୋଚିତ ହୋଇଥିଲା। ଏପରିକି ସରକାର ଭାଙ୍ଗିଦେବାକୁ ମଧ୍ୟ ତାଙ୍କ ସହଯୋଗୀ ଓ ବିରୋଧୀମାନେ ଧମକ ଦେଇଥିଲେ।



ସେବାଷ୍ଟିଆନ୍ ଲେକୋର୍ନୁ

### ଦାର୍ଜିଲିଂ ଭୂସ୍ଖଳନ: ଯୋଜନାବିହୀନ ସହରୀକରଣ ଦାୟୀ

ଦାର୍ଜିଲିଂ,୬।୧୦

ପଶ୍ଚିମବଙ୍ଗର ଦାର୍ଜିଲିଂରେ ପ୍ରବଳ ବର୍ଷା ଓ ଭୂସ୍ଖଳନଜନିତ ମୃତ୍ୟୁସଂଖ୍ୟା ୨୪ରେ ପହଞ୍ଚିଥିବାବେଳେ ପରିବେଶବିତ୍‌ମାନେ ଏହାକୁ ମନୁଷ୍ୟକୃତ ବିପର୍ଯ୍ୟୟ କହିଛନ୍ତି। ଦୀର୍ଘ ଦଶନ୍ଧି ଧରି ଗଛକଟା, ଯୋଜନାବିହୀନ ସହରୀକରଣ ଏବଂ ନିମ୍ନମାନର ପରିଚାଳନା ହିମାଳୟ ପାଦଦେଶ ଅଞ୍ଚଳ ପାଇଁ ବିପର୍ଯ୍ୟୟକୁ ଡାକିଆଣିଥିବା ସେମାନେ ମତ ଦେଇଛନ୍ତି। ବିପର୍ଯ୍ୟୟ ଯୋଜନାର ବିକେନ୍ଦ୍ରୀକରଣ, ନିର୍ମାଣ ନିୟମାବଳୀ କଡ଼ାକଡ଼ି ଲାଗୁ ଏବଂ ଜଳବାୟୁସମ୍ବେଦୀ ବିକାଶ ହିମାଳୟକୁ ବିପର୍ଯ୍ୟୟରୁ ରକ୍ଷା କରିପାରିବ। ମାନବୀୟ ଅବହେଳାରୁ ସୌନ୍ଦର୍ଯ୍ୟଭରା ଦାର୍ଜିଲିଂ ଏବେ ଧ୍ୱଂସାବଶେଷ ସ୍ଥାନରେ ପରିଣତ ହୋଇଛି।

## ଗାଜା ଯୁଦ୍ଧକୁ ୨ ବର୍ଷ, ଶାନ୍ତି ଉଦ୍ୟମ ଜାରି

କାଏରୋ,୬।୧୦(ଏ.ପି./ରଏଟର୍ସ)

୨୦୨୩ ଅକ୍ଟୋବର ୭ରେ ଗାଜାର ସଶସ୍ତ୍ର ଶାସକ ହମାସ୍ ଇସ୍ରାଏଲ୍ ଉପରେ ଅତର୍କିତ ଆକ୍ରମଣ କରିଥିଲା। ଏଥିରେ ୧,୨୦୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ହମାସ୍ ୨୫୧ ଜଣଙ୍କୁ ପଣବନ୍ଦୀ କରିନେଇଥିଲା। ଏହାର ଜବାବରେ ଇସ୍ରାଏଲ୍ ଗାଜା ଷ୍ଟ୍ରିପ୍ ଉପରେ ଆକ୍ରମଣ କରିଥିଲା, ଯାହାକି ଅଦ୍ୟାବଧି ଜାରି ରହିଛି। ଯୁଦ୍ଧକୁ ମଙ୍ଗଳବାର ୨ ବର୍ଷ ପୂରୁଥିବାବେଳେ ଆମେରିକା, କାତାର ଓ ଇଜିପ୍ଟ ମଧ୍ୟସ୍ଥତାରେ ଶାନ୍ତି ପ୍ରତିଷ୍ଠା ଉଦ୍ୟମ ଚାଲିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୨୦-ସୂତ୍ରୀ ଶାନ୍ତି ଯୋଜନାକୁ ବାସ୍ତବ ରୂପ ଦେବା ପାଇଁ ଇସ୍ରାଏଲୀ ଅଧିକାରୀମାନେ ଇଜିପ୍ଟରର ଶାର୍ମ ଏଲ୍-ଶେଖ୍‌ସ୍ଥିତ ରେଡ୍ ସି ରିସର୍ଟରେ ଏକାଠି ହୋଇଛନ୍ତି। ଇସ୍ରାଏଲ୍ ପକ୍ଷରୁ ପ୍ରତିନିଧି ଦଳର ନେତୃତ୍ୱ ରୋନ୍ ଡେରମର ନେଉଛନ୍ତି। ହମାସ୍‌ର ଡେଲିଗେଶନ୍‌କୁ ଖଲିଲ ଅଲ୍-ହୟାହ ଲିଡ୍ କରୁଛନ୍ତି। ଆମେରିକାର ମଧ୍ୟପ୍ରାଚ୍ୟ ପ୍ରତିନିଧି ଷ୍ଟିଭ୍ ୱିଟ୍‌କୋଫ୍ ଏବଂ ରାଷ୍ଟ୍ରପତି ଟ୍ରମ୍ପଙ୍କ ଜ୍ୱାଇଁ ଜରେଡ୍ କୁଶନେର ମଧ୍ୟ ଏହି ରିସର୍ଟରେ ପହଞ୍ଚିଥିବା ଜଣାପଡ଼ିଛି।



ଶାନ୍ତି ଆଲୋଚନା ମଧ୍ୟରେ ଇସ୍ରାଏଲ୍‌ର ରକେଟ୍ ମାଡ଼ରେ ଗାଜା ଷ୍ଟ୍ରିପ୍‌ର କୋଠଗୁଡ଼ିକରୁ ଧୂଆଁ ଉଠୁଛି।

## ୩୦୦ କୋଟି କ୍ଲବ୍‌ରେ 'କାନ୍ତାରା: ଚାପ୍ଟର ୧'

ବେଙ୍ଗାଲୁରୁ

ଅଭିନେତା ଋଷବ ଶେଟ୍ଟୀଙ୍କ 'କାନ୍ତାରା: ଚାପ୍ଟର ୧' ଫିଲ୍ମ ଗତ ୨ ତାରିଖରେ ରିଲିଜ୍ ହୋଇଥିଲା। ରିଲିଜ୍ ହେବାର ୪ ଦିନ ମଧ୍ୟରେ ଏହି ଫିଲ୍ମ ବିଶ୍ୱବ୍ୟାପୀ ୩୩୫ କୋଟି ଟଙ୍କା ରୋଜଗାର କରିଛି। କେବଳ ଭାରତୀୟ ସିନେମା ହଲଗୁଡ଼ିକରୁ ଏହି ଫିଲ୍ମ ୨୨୩.୭୫ କୋଟି ଟଙ୍କାର ବ୍ୟବସାୟ କରିଛି। ଗୁରୁବାର ରିଲିଜ୍ ହେବା ଦିନ ଏହି ଫିଲ୍ମ ଘରୋଇ ବକ୍ସ ଅଫିସରୁ ୬୧.୮୫ କୋଟି ଟଙ୍କା ରୋଜଗାର କରିଥିଲା। ସେହିପରି ଶୁକ୍ରବାର, ଶନିବାର ଏବଂ ରବିବାର ଏହି ଫିଲ୍ମ ଭାରତୀୟ ସିନେମାହଲ୍‌ଗୁଡ଼ିକରୁ ଯଥାକ୍ରମେ ୪୫.୪, ୫୫ ଏବଂ ୬୧.୫ କୋଟି ଟଙ୍କା ବ୍ୟବସାୟ କରିଛି। ଏହାସହ 'କାନ୍ତାରା: ଚାପ୍ଟର ୧' ଫିଲ୍ମ ଚଳିତ ବର୍ଷ ବିଶ୍ୱବ୍ୟାପୀ ସର୍ବାଧିକ ରୋଜଗାର କରିଥିବା ୫ ଭାରତୀୟ ଫିଲ୍ମ ମଧ୍ୟରେ ସ୍ଥାନ ପାଇଛି।






# ପୁରୀରେ ପହଞ୍ଚିଲେ ହବିଷିଆଳି

## ଆଜିଠୁ କାର୍ତ୍ତିକ ବ୍ରତ

ପୁରୀ,୬।୧୦(ଅଜିତ କୁମାର ମହାନ୍ତି)

ଚଳିତବର୍ଷର କାର୍ତ୍ତିକ ବ୍ରତ ବା ରାଇଦାମୋଦର ବ୍ରତ ମଙ୍ଗଳବାରଠାରୁ ଆରମ୍ଭ ହୋଇ ନଭେମ୍ବର ୫ରେ ସରିବ। ବ୍ରତ ପାଳନ ପାଇଁ ହବିଷିଆଳିମାନେ ସୋମବାର ପୁରୀରେ ଆସି ପହଞ୍ଚିଛନ୍ତି। ସେହିପରି ଅନ୍‌ଲାଇନ ମାଧ୍ୟମରେ ଆବେଦନ କରି ଯୋଗ୍ୟ ବିବେଚିତ ହୋଇଥିବା ହବିଷିଆଳିମାନେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କେନ୍ଦ୍ରଗୁଡ଼ିକରେ ପହଞ୍ଚିବା ପରେ ନାମ ପଞ୍ଜୀକରଣ କରାଇ ନିଜ ନିଜ କୋଠରିକୁ ଯାଇଥିଲେ। ସରକାରଙ୍କ ପକ୍ଷରୁ ବୃନ୍ଦାବତୀ ନିବାସ, ରେଲୱେ ପର୍ଯ୍ୟଟକ କମ୍ପ୍ଲେକ୍ସ, ବଗଲା ଧର୍ମଶାଳା ଓ ମୋଚିସାହି ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପରେ ହବିଷିଆଳି କେନ୍ଦ୍ର ଖୋଲାଯାଇଛି। ସୋମବାର ସନ୍ଧ୍ୟା ସୁଦ୍ଧା ୧୯୫୦ ହବିଷିଆଳି ବିଭିନ୍ନ କେନ୍ଦ୍ରରେ ରହିଥିବା ସୂଚନା ମିଳିଛି। ପୂର୍ବାହ୍ନରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମସ୍ତ କେନ୍ଦ୍ର ପରିଦର୍ଶନ କରିଥିଲେ। ପଞ୍ଜୀକରଣ କାର୍ଯ୍ୟ ସହ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥାକୁ ଜିଲାପାଳ ଅନୁଧ୍ୟାନ କରି ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଠିକ୍ ଭାବେ କର୍ତ୍ତବ୍ୟ ତୁଲାଇବାକୁ ପରାମର୍ଶ ଦେଇଥିଲେ। ଯେପରି କୌଣସି କ୍ଷେତ୍ରରେ ହବିଷିଆଳି ମା'ମାନଙ୍କର ଅସୁବିଧା ନ ହୁଏ, ସେଥିପ୍ରତି ଯତ୍ନବାନ ହେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପରେ ସେ ହବିଷିଆଳି ଓ ସ୍ୱେଚ୍ଛାସେବୀମାନଙ୍କ ସହ ଆଲୋଚନା କରିଥିଲେ। କେନ୍ଦ୍ରଗୁଡ଼ିକରେ ବରିଷ୍ଠ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବିଭାଗର କର୍ମଚାରୀ, ସ୍ୱେଚ୍ଛାସେବୀ, ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା କାର୍ଯ୍ୟରତ ଅଛନ୍ତି। ଅନ୍ୟପକ୍ଷରେ ସମସ୍ତ ତୀର୍ଥ ପୁଷ୍କରିଣୀରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୨୨ ପ୍ଲାଟୁନ ପୋଲିସ ଫୋର୍ସ, ୪ ଜଣ ଅତିରିକ୍ତ ଏସ୍‌ପି, ୧୫ ଡିଏସ୍‌ପି, ୧୫ ଇନ୍ସପେକ୍ଟର, ୬୫ ସବ୍‌ଇନ୍ସପେକ୍ଟର, ୧୦୦ କନଷ୍ଟେବଲ ମୁତୟନ ରହିବେ ବୋଲି ଏସ୍‌ପି ପ୍ରତୀକ ସିଂ କହିଛନ୍ତି।



ବୃନ୍ଦାବତୀ ନିବାସ କେନ୍ଦ୍ରରେ ପହଞ୍ଚିଥିବା ହବିଷିଆଳିମାନେ। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ସମବାୟ ନୀତି-୨୦୨୫ ଲାଗି ମତାମତ ଲୋଡ଼ିଲା ବିଭାଗ

ଭୁବନେଶ୍ୱର, ୬।୧୦(ସୁନିତ୍ ମିଶ୍ର)

ରାଜ୍ୟରେ ସମବାୟ କ୍ଷେତ୍ରକୁ ଅଧିକ ସଶକ୍ତ, କ୍ରିୟାଶୀଳ ଓ ବହୁମୁଖୀ କରିବା ଲକ୍ଷ୍ୟରେ 'ଓଡ଼ିଶା ରାଜ୍ୟ ସମବାୟ ନୀତି-୨୦୨୫' ପ୍ରକାଶ ପାଇବାକୁ ଯାଉଛି। ଏହିକ୍ରମରେ ଏକ ଚିଠା ସମବାୟ ନୀତି ପ୍ରସ୍ତୁତ କରାଯାଇ ଜନସାଧାରଣଙ୍କ ସୁଚିନ୍ତିତ ମତାମତ/ପ୍ରସ୍ତାବ ରଖିବାକୁ ସମବାୟ ବିଭାଗ ପକ୍ଷରୁ ନିବେଦନ କରାଯାଇଛି। ଚିଠା ନୀତି ସମବାୟ ବିଭାଗର ୱେବସାଇଟ 'http://coop.odisha.gov.in' ରେ ଉପଲବ୍ଧ ଅଛି। ଜନସାଧାରଣ, ସମବାୟବିତ୍, ବୁଦ୍ଧିଜୀବୀ ସେମାନଙ୍କ ମତାମତ/ପ୍ରସ୍ତାବ ଇମେଲ୍: coopsec.or@od.gov.in /cooperationodisha@gmail.comରେ ପଠାଇପାରିବେ। ସୂଚନାଯୋଗ୍ୟ, କେନ୍ଦ୍ର ସମବାୟ ମନ୍ତ୍ରଣାଳୟ ପକ୍ଷରୁ ଚିଠା ସମବାୟ ନୀତି ପ୍ରକାଶ ପାଇଛି। କେନ୍ଦ୍ର ସରକାରଙ୍କ ପ୍ରସ୍ତାବକ୍ରମେ ରାଜ୍ୟ ସମବାୟ ବିଭାଗ ଚିଠା ନୀତି ପ୍ରସ୍ତୁତ କରିଛି। ଏକ ସମୟୋପଯୋଗୀ, ବ୍ୟବହାରିକ ଓ ଉନ୍ନତ ସମବାୟ ନୀତି ପ୍ରସ୍ତୁତ କରିବା ପାଇଁ ସମବାୟ ବିଭାଗ ପକ୍ଷରୁ ଜନସାଧାରଣଙ୍କ ସୁଚିନ୍ତିତ ମତାମତ/ପ୍ରସ୍ତାବ ଆହ୍ୱାନ କରାଯାଇଛି।

# ଯୁକ୍ତ୨ ଫର୍ମ ପୂରଣ ପାଇଁ ତାରିଖ ଘୋଷଣା

## ୧୩ରୁ ଏକ୍ସ-ରେଗୁଲାର, ୨୦ରୁ ରେଗୁଲାର

ଭୁବନେଶ୍ୱର,୬।୧୦ (ସୁଚିସ୍ମିତା ସାହୁ)

ଆସନ୍ତା ୨୦୨୬ରେ ହେବାକୁ ଥିବା ଯୁକ୍ତ ୨ ପରୀକ୍ଷା ପାଇଁ ଫର୍ମ ପୂରଣ ତାରିଖ ସୋମବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ପକ୍ଷରୁ ଘୋଷଣା କରାଯାଇଛି। କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ପାଠ୍ୟକ୍ରମର ଉଭୟ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷାର୍ଥୀମାନେ ଫର୍ମ ପୂରଣ କରିବେ। ରେଗୁଲାର ପରୀକ୍ଷାର୍ଥୀମାନେ ଅକ୍ଟୋବର ୨୦ରୁ ନଭେମ୍ବର ୬ ପର୍ଯ୍ୟନ୍ତ ଫର୍ମ ପୂରଣ କରିପାରିବେ। ସେହିପରି ଏକ୍ସ-ରେଗୁଲାର ଫର୍ମ ପୂରଣ ପାଇଁ ଅକ୍ଟୋବର ୧୩ରୁ ୨୫ ତାରିଖ ଧାର୍ଯ୍ୟ କରାଯାଇଛି। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସିଏଚ୍ଏସ୍ଇ ଅଧୀନରେ ଥିବା ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଓ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଚିଠି ଲେଖି ଜଣାଇଛନ୍ତି।

ଫର୍ମ ପୂରଣ ପାଇଁ ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କୁ ୬୦୦ଟଙ୍କା ସହିତ ମାଇଗ୍ରେଶନ ସାର୍ଟିଫିକେଟ ପାଇଁ ୧୦୦ ଟଙ୍କା ଏବଂ ପାସ୍ ସାର୍ଟିଫିକେଟ ପାଇଁ ୧୦୦ ଟଙ୍କା ପୈଠ କରିବାକୁ ପଡିବ। ଏହାସହିତ ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କୁ ନିଜ ବିଷୟ ଅନୁଯାୟୀ ପ୍ରୋଜେକ୍ଟ ୱାର୍କ/ପ୍ରାକ୍ଟିକାଲ ପରୀକ୍ଷା/ ଇଭାଲ୍ୟୁଏଶନ କିମ୍ବା ଇଣ୍ଟରନାଲ ପରୀକ୍ଷା ପାଇଁ ପ୍ରତି ପେପର ପିଛା ୪୦ ଟଙ୍କା ଲେଖାଏ ଦାଖଲ କରିବାକୁ ପଡ଼ିବ। ଯେଉଁ ପରୀକ୍ଷାର୍ଥୀମାନେ ବିଳମ୍ବରେ ଫର୍ମ ପୂରଣ କରିବେ, ସେମାନଙ୍କୁ ଅତିରିକ୍ତ ଦେୟ ବା ଫାଇନ ଦେବାକୁ ପଡ଼ିବ। ଫର୍ମ ପୂରଣ କରିବା ପାଇଁ ଦିଆଯାଇଥିବା ନିର୍ଦ୍ଧାରିତ ତାରିଖ ପରେ ଅର୍ଥାତ୍ ନଭେମ୍ବର ୧୦ରୁ ୧୪ ମଧ୍ୟରେ ଫର୍ମ ପୂରଣ କଲେ ୨୦୦ ଟଙ୍କା ଫାଇନ ଦେବାକୁ ପଡିବ। ଯଦି ଏହି ସମୟରେ ପରୀକ୍ଷାର୍ଥୀମାନେ ଫର୍ମ ପୂରଣ କରିପାରିବେ ନାହିଁ, ତେବେ ସେମାନେ ନଭେମ୍ବର ୧୭ରୁ ୧୯ ଭିତରେ ଫର୍ମ ପୂରଣ କରିବା ପାଇଁ ପରିଷଦ ପକ୍ଷରୁ ସୁଯୋଗ ଦିଆଯିବ। କିନ୍ତୁ ଏଥିନିମନ୍ତେ ଅତିରିକ୍ତ ଦେୟ ୬୦୦ ଟଙ୍କା ପଇଠ କରିବାକୁ ପଡିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

# ୪୪ ଓଏଏସ୍ ଅଧିକାରୀଙ୍କ ବଦଳି

ଭୁବନେଶ୍ୱର, ୬।୧୦ (ରବିନାରାୟଣ ଜେନା)

ରାଜସ୍ୱ ଏବଂ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୪୪ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଧିକାରୀଙ୍କୁ ସୋମବାର ବଦଳି କରାଯାଇଛି। ରାଜସ୍ୱ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ଆଲୋମଣି ସେଠୀ ୩୮ ଓଏଏସ୍ ଅଧିକାରୀଙ୍କ ବଦଳି ବିଜ୍ଞପ୍ତି ଜାରି କରିଥିବାବେଳେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏମ୍. କେ. ସେଠୀ ୬ଜଣଙ୍କ ବିଜ୍ଞପ୍ତି ଜାରି କରିଛନ୍ତି। ରାଜସ୍ୱ ବିଭାଗର ବିଜ୍ଞପ୍ତି ଅନୁଯାୟୀ, ଥୁଆମୂଳ ରାମପୁର ତହସିଲଦାର ନିରୋଜ କୁମାର ଭର୍ତ୍ତାଙ୍କୁ ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ଭାବେ ବଦଳି କରାଯାଇଥିବାବେଳେ ରାୟଗଡା କୋଲନରା ତହସିଲଦାର ଆକାଶ ରଞ୍ଜନ ସାହୁଙ୍କୁ ପଞ୍ଚାୟତିରାଜ ବିଭାଗକୁ ବଦଳି କରାଯାଇଛି। ସେହିପରି ଟିଙ୍କୁନୁ ପାତ୍ରଙ୍କୁ ବଲାଙ୍ଗୀର ଲୋଇସିଂହାର ତହସିଲଦାର ଭାବେ ବଦଳି କରାଯାଇଥିବାବେଳେ ଆଉ ୩୫ କନିଷ୍ଠ ଓଏଏସ୍ ଅଧିକାରୀଙ୍କୁ ବିଭିନ୍ନ ସ୍ଥାନକୁ ବଦଳି କରାଯାଇଛି। ଅନୁରୂପ ଭାବେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୬ ଓଏଏସ୍ ଅଧିକାରୀଙ୍କୁ ବିଡିଓ ଭାବେ ବଦଳି କରାଯାଇଛି। ସେମାନଙ୍କ ମଧ୍ୟରେ ଜୟଜଗତ ସାହୁ, ସାର୍ଥକ ସୌରଭ ମହାପାତ୍ର, ଶୁଭଙ୍କରୀ ସୁଦେଷ୍ଣା ଦାଶ, ବିବେକାନନ୍ଦ ମିଶ୍ର, ନମିତା ବାରିକ ଏବଂ ଶରତ ଚନ୍ଦ୍ର ମଲ୍ଲିକ ରହିଛନ୍ତି।

# ବର୍ଷା: ଆଜି ୨୦ ଜିଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର, ୬।୧୦ (ବନ୍ଦନା ସେଠୀ)

ଟ୍ରଫ୍ ଲାଇନ୍ ପ୍ରଭାବରେ ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଲାଗି ରହିଛି। ଏଥିସହ ୩ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ପୁରୀଠାରେ ସର୍ବାଧିକ ୭୭.୨ ମି.ମି. ବର୍ଷା ରେକର୍ଡ କରାଯାଇଥିବାବେଳେ ଭଦ୍ରକ ଚାନ୍ଦବାଲିରେ ୫୬.୪ ମି.ମି ଏବଂ ସୋନପୁରଠାରେ ୩୨.୨ ମି.ମି. ବର୍ଷା ହୋଇଥିବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଡ. ମନୋରମା ମହାନ୍ତି କହିଛନ୍ତି, ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ବର୍ଷା ଲାଗି ରହିବ। ମଙ୍ଗଳବାର ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ୨୦ଟି ଜିଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।


NOTICE FOR EXTENSION OF E-TENDER SUBMISSION DATE

STATE INSTITUTE OF HOTEL MANAGEMENT
TITILAGARH ROAD,BALANGIR - 767001 (ODISHA)

No. 624 /SIHM/2025-26/Tender Notice Date: 06.10.2025

In continuation of E-Tender NIT No.578/SIHM/2025-26/E-Tender, dated 10.09.2025, the last date for submission of E-Tender documents for the Supply/Contract of the following items for a period of 7 months (from 1st November 2025 to 31st May 2026) has been extended by 30 days:

Items under Tender:
1. Sec-A:- Groceries, Tins and Bottle Products etc.
2. Sec-B:- Vegetables, Fruits, Milk and Milk Products etc.
3. Sec-C:- Mutton, Chicken, Fish, Egg and other Non-veg items etc.
4. Sec-D:- Cleaning Material

Revised Schedule:
Last Date for submission: 04/11/2025 up to 05.00 P.M
Date & Time of Tender Opening: 06/11/2025 at 11.00 A.M

All other terms and conditions of the tender remain unchanged.
For detailed information and corrigendum, please visit the e-tender portal: www.tenderwizard.com/SIHM and the Official website: www.sihmbalangir.org

Sd/-
Principal


# ଯୁବକଙ୍କୁ ଦଳିଦେଲା ଦନ୍ତା

ଲାଞ୍ଜିଗଡ଼,୬।୧୦ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ କାତୁଲବାଇ ଗାଁର ଜଣେ ଯୁବକଙ୍କୁ ଏକ ଦନ୍ତାହାତୀ ପାଦରେ ଦଳି ମାରିଦେଇଛି। ମୃତକ ହେଲେ ଉକ୍ତ ଗ୍ରାମର ଅନିଲ ମାଝୀ (୧୮)। ସୂଚନା ଅନୁସାରେ ରବିବାର ସକାଳେ ଅନିଲ ଗାଁର ଅନ୍ୟ ଯୁବକମାନଙ୍କ ସହ ନିଜ ଗାଈ ଓ ଛେଳିକୁ ନେଇ ନିକଟସ୍ଥ ବରୀ ଜଙ୍ଗଲକୁ ଚରାଇବା ପାଇଁ ଯାଉଥିବା ବେଳେ ହଠାତ୍ ଏକ ହାତୀ ସେମାନଙ୍କ ସାମ୍ନାକୁ ଚାଲିଆସିଥିଲା। ହାତୀ ଦେଖି ପ୍ରାଣ ବିକଳରେ ଅନ୍ୟ ଗାଈ ଚରାଳିମାନେ ଦୌଡ଼ି ପଳାଇ ଯାଇଥିବା ବେଳେ ଅନିଲ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ଆକ୍ରମଣ ଦେଖି ଅନ୍ୟ ପିଲାମାନେ ପାଟି କରିବାରୁ ହାତୀ ଛାଡି ପଳାଇଥିଲା। ଗୁରୁତର ଅବସ୍ଥାରେ ଅନିଲଙ୍କୁ ଡାକ୍ତରଖାନା ନିଆଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବିଶ୍ୱନାଥପୁର ଏସିଏଫ୍ ନରୋତ୍ତମ ମାଝୀ ଓ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏସିଏଫ୍ ମାଝୀ ବିଶ୍ୱନାଥପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨/୨୫) ରୁଜୁ କରିଛି। ସୋମବାର ବିଶ୍ୱନାଥପୁର ଥାନାଧିକାରୀ ତୁଳସିରାମ ଶବରଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ଗାଁକୁ ଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି। ଅନିଲଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଶିକାର କରିବାକୁ ଯାଇ ନିଜେ ଶିକାର ହେଲେ

ଲାଞ୍ଜିଗଡ଼, ୬।୧୦ (ରମେଶ ଚନ୍ଦ୍ର ନାୟକ)

ଶିକାର କରିବାକୁ ଯାଇ ନିଜେ ଶିକାର ହୋଇଛନ୍ତି ଜଣେ ଯୁବକ। ନିଜ ବନ୍ଧୁକରୁ ଗୁଳି ଫୁଟି ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ଖିକ୍ସାଭଟା ଗାଁର ସଦା ଗଉଡ଼(୪୫)। ସୂଚନା ଅନୁସାରେ, ଖିକ୍ସାଭଟା ଗାଁର ସଦାଙ୍କ ସହ ତାଙ୍କର ୩ ସାଙ୍ଗ ଲଛମନ ଗଉଡ଼, ଯଦୁମଣି ଗଉଡ଼ ଓ ଗୋପୀନାଥ ଗଉଡ଼ ଶନିବାର ସକାଳୁ ଗାଁ ନିକଟ ଜଙ୍ଗଲକୁ ଶିକାର କରିବାକୁ ଯାଇଥିଲେ। ସମସ୍ତେ ଜଙ୍ଗଲରେ ଶିକାର ଅନ୍ୱେଷଣରେ ବୁଲୁଥିବା ବେଳେ ଆଗରେ ଚାଲୁଥିବା ସଦା ଏକ ପଥରରେ ଝୁଣ୍ଟି ପଡ଼ିଥିଲେ। ସେହି ସମୟରେ ସେ ନିଜେ ଧରିଥିବା ବନ୍ଧୁକରୁ ଗୁଳିଫୁଟି ତାଙ୍କ ଶରୀର ଭେଦ କରିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ସାଥୀମାନେ କହିଛନ୍ତି। ଏ ନେଇ ସାଙ୍ଗମାନେ ତାଙ୍କ ଘରକୁ ଖବର ଦେବା ସହ ମୃତଦେହ ଆଣି ଗାଁ ନିକଟରେ ଜଗିରହିଥିଲେ। ରବିବାର ସକାଳେ କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝୀଙ୍କ ସମେତ ନର୍ଲା ଥାନାଧିକାରୀ ବିଜୟରାଜ ମାଝୀ ଓ ପୋଲିସ ଟିମ୍ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଘଟଣାରେ ପୋଲିସ ଲଛମନ, ଯଦୁମଣି ଓ ଗୋପୀନାଥଙ୍କୁ ଅଟକ ରଖିବା ସହିତ ଏକ ଦେଶୀ ବନ୍ଧୁକ ଜବତ କରିଛି। ଏ ନେଇ ନର୍ଲା ଥାନାରେ ଏକ ମାମଲା (ନଂ.୨୩୮/୨୫) ରୁଜୁ ହୋଇଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଦୈନିକ ୧୦ଘଣ୍ଟା କାର୍ଯ୍ୟ ନିଷ୍ପତ୍ତି ବାତିଲ ଦାବିରେ ଧାରଣା





୯ ଶ୍ରମିକ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱରସ୍ଥିତ ରାଜ୍ୟ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

ଭୁବନେଶ୍ୱର, ୬।୧୦ (ବନ୍ଦନା ସେଠୀ)

କର୍ମଚାରୀମାନେ ଦୈନିକ ୧୦ଘଣ୍ଟା କାର୍ଯ୍ୟ କରିବା ନେଇ ସେପ୍ଟେମ୍ବର ୨୯ରେ ରାଜ୍ୟ କ୍ୟାବିନେଟ୍‌ରେ ନିଷ୍ପତ୍ତି ହୋଇଛି। ଏହାକୁ ବିରୋଧ କରିବା ସହ ରାତିରେ ମହିଳା କର୍ମଚାରୀ କାର୍ଯ୍ୟ କରିବା ଅନୁମତିକୁ ତୁରନ୍ତ ବାତିଲ ଦାବିରେ ୯ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ସୋମବାର ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏହି ଅବସରରେ ଶ୍ରମ ଆୟୁକ୍ତଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ଶ୍ରମ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। କାରଖାନା ଆଇନ ଧାରା ୫୧ ଓ ୫୪କୁ ସଂଶୋଧନ କରି କର୍ପୋରେଟ୍ ମାଲିକମାନଙ୍କୁ ମୁନାଫା ଦେବା ଲାଗି ସରକାରଙ୍କ ଶ୍ରମିକମାରଣ ନୀତି ଓ ଶ୍ରମ ଲୁଟ୍ ପ୍ରୟାସ ବନ୍ଦ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ସରକାର ଶ୍ରମିକମାନଙ୍କ ଲାଗି ଶ୍ରମ ଆଇନରେ କୌଣସି ସଂଶୋଧନ କଲାବେଳେ ଶ୍ରମିକ ସଂଗଠନଗୁଡ଼ିକ ସହିତ ଆଲୋଚନା ନ କରିବା ଭାରତୀୟ ସମ୍ବିଧାନକୁ ଉଲ୍ଲଂଘନ କରୁଛି। ଶ୍ରମିକମାନଙ୍କୁ ଦୈନିକ ୧୦ଘଣ୍ଟା କାମ କରାଇବା ଆନ୍ତର୍ଜାତିକ ଶ୍ରମିକ ସଂଗଠନ ଧାରା-୧କୁ ଉଲ୍ଲଂଘନ କରିବା ସହିତ ଭାରତୀୟ ଆଇଏଲ୍‌ସିର ନିଷ୍ପତ୍ତିକୁ ମଧ୍ୟ ଅବମାନନା କରୁଛି। ତେଣୁ ସରକାର ତୁରନ୍ତ ଶ୍ରମିକ ସଂଗଠନଗୁଡିକ ସହିତ ଏନେଇ ଆଲୋଚନା କରି ନିଷ୍ପତ୍ତିରେ ପରିବର୍ତ୍ତନ ଆଣିବାକୁ ଦାବି କରାଯାଇଛି।

କେନ୍ଦ୍ରୀୟ ଶ୍ରମିକ ସଂଗଠନର ମହେନ୍ଦ୍ର ପରିଡ଼ାଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ଆଇଏନ୍‌ଟିୟୁସି ନେତା କିଶୋର ଜେନା, ପ୍ରଣତି ମିଶ୍ର, ଏଆଇଟିୟୁସି ନେତା ବିଜୟ ଜେନା, ସୁର ଜେନା, ଏଚ୍ଏମ୍ଏସ୍ ନେତା ବି.ଏନ. ମହାପାତ୍ର, ସିଆଇଟିୟୁ ନେତା ବିଷ୍ଣୁ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଭାଜପା ଶାସିତ ରାଜ୍ୟଗୁଡ଼ିକ ଶ୍ରମିକ/କର୍ମଚାରୀଙ୍କ ମଜୁରି ବୃଦ୍ଧି ନ କରି କର୍ପୋରେଟ୍‌ମାନଙ୍କୁ ମୁନାଫା ଦେବା ଲାଗି ଏହି ପ୍ରକାର ଶ୍ରମିକ ବିରୋଧୀ ନୀତି ଆପଣାଇବା ସହ ଶ୍ରମ କୋଡ୍ ଲାଗୁ କରିବା ଲାଗି ଚେଷ୍ଟା କରୁଛନ୍ତି। ଏହାକୁ କେବେ ବରଦାସ୍ତ କରାଯିବ ନାହିଁ ବୋଲି ସେମାନେ କହିଛନ୍ତି।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ବାଲିଯାତ୍ରା ସାଂସ୍କୃତିକ ମହୋତ୍ସବ ୨୦୨୫ ଭୂମିପୂଜା, ସ୍ଥାନ: ବାଲିଯାତ୍ରା ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ସାହିତ୍ୟ ଏକାଡେମୀ ପକ୍ଷରୁ ଆଦିକବି ମହର୍ଷି ବାଲ୍ମିକୀ ଜୟନ୍ତୀ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ଅପରାହ୍ନ ୪ଟା।
- ଯୁଗର ଗୋପିକ ଜୟନ୍ତୀ ପାଳନ ଅବସରରେ ୨୫ତମ କୁମାର ଉତ୍ସବ ଏବଂ ଯୁଗ ପ୍ରତିଭା ସମ୍ମାନ ୨୦୨୫, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଡ୍ୟାନ୍ସ ଇମେଜ୍ ଏକାଡେମୀ ପକ୍ଷରୁ ଡ୍ୟାନ୍ସ ଇମେଜ୍ ଉତ୍ସବ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

**ବାଲେଶ୍ୱର**
- ପରିବେଶ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାହାନଗା, ବାଲେଶ୍ୱର, ସମୟ: ସକାଳ ୯ଟା।
- ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଭଜନ ସମାରୋହ, ସ୍ଥାନ: ରାଉତପଡ଼ା, ରୂପସା, ସମୟ: ସନ୍ଧ୍ୟା ୭ଟା।

**ମୟୂରଭଞ୍ଜ**
- ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ପ୍ରସାଦ ବଣ୍ଟନ, ସ୍ଥାନ: ଚିତ୍ରଡ଼ା ତଳସାହି, ମୋରଡ଼ା, ସମୟ: ସକାଳ ୯ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗଡ଼ି ଧବଳେଶ୍ୱର, ମୋରଡ଼ା, ସମୟ: ସନ୍ଧ୍ୟା ୭ଟା।
- ମୟୂରଭଞ୍ଜ ଆଇଡଲ୍ ଡ୍ୟାନ୍ସ ନାଇଟ୍, ସ୍ଥାନ: ତୁଳସୀଚଉରା ଦୁର୍ଗାପୂଜା ମଣ୍ଡପ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

**ବ୍ରହ୍ମପୁର**
- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଗୁରୁଙ୍ଗ ସେବା ରୋଗୀ ଓ ରେଡକ୍ରସ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ସକାଳ ୮ଟା।
- କୁଣ୍ଡିଆ ପୁରସ୍କାର ଜନ୍ମଦିନ କାର୍ଯ୍ୟକ୍ରମ, ସ୍ଥାନ: ଆଇଟିଆଇ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା।

**ଢେଙ୍କାନାଳ**
- କାଞ୍ଚନ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ପ୍ରତିମା ବିସର୍ଜନ, ସ୍ଥାନ: ଢେଙ୍କାନାଳ କାଞ୍ଚନ ବଜାର, ସମୟ: ସନ୍ଧ୍ୟା ୬ଟା ୩୦।
- ୪୦ତମ ନଟରାଜ କୁମାରୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଢେଙ୍କାନାଳ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୭ଟା।

**ଅନୁଗୋଳ**
- ବରିଷ୍ଠ ନାଗରିକଙ୍କ ଅଯୋଧ୍ୟା ଓ ବାରଣାସୀ ତୀର୍ଥ ଯାତ୍ରାର ଶୁଭାରମ୍ଭ, ସ୍ଥାନ: ଅନୁଗୋଳ ସଭାଘର, ସମୟ: ଅପରାହ୍ନ ୨ଟା।
- କାର୍ତ୍ତିକେଶ୍ୱର ପୂଜା ପାଇଁ ୧୦ରୁ ଅଧିକ ପୂଜା ମଣ୍ଡପ ପକ୍ଷରୁ ଶୁଭ ମାଟି ଅନୁକୂଳ, ସ୍ଥାନ: ମହାଧରପୁର, ସମୟ: ଅପରାହ୍ନ ୫ଟା।
- ଅନୁଗୋଳ ମେଳା ଶୁଭ ଉଦ୍‌ଘାଟନ, ସ୍ଥାନ: ବିଜୁ ମଇଦାନ, ସମୟ: ସନ୍ଧ୍ୟା ୬ଟା।

**ଜଗତ୍‌ସିଂହପୁର**
- ଡିଏଲ୍‌ଆଇ ଆସୋସିଏସନ ପକ୍ଷରୁ ସାଧାରଣ ବୈଠକ, ସ୍ଥାନ: ୟୁନିୟନ ପରିସର, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ମୁଆଁବଜାର ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ପାଲା ପ୍ରତିଯୋଗିତା, ସ୍ଥାନ: ପୂଜା ମଣ୍ଡପ, ମୁଆଁବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- କୁମାର ଉତ୍ସବ ସମିତିର ୫୨ ତମ ବାର୍ଷିକୋତ୍ସବ ଓ ପାଣି ଜୟନ୍ତୀ ଉଦ୍‌ଯାପନୀ ସଭା, ସ୍ଥାନ: ଜୟପ୍ରକାଶ ମଇଦାନ, ତିର୍ତ୍ତୋଲ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦାନବନ୍ଧୁ ସାହୁଙ୍କ ଶ୍ରଦ୍ଧାଞ୍ଜଳି, ସ୍ଥାନ: ଟଡ଼ସିଲ ଛକ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଜଗାଙ୍ଗ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲ୍ଲା ପ୍ରଶାସନ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ଉତ୍ସବର ଶାନ୍ତି କମିଟି ବୈଠକ, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୧ଟା।
- ମା' ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମଝିଆଳ, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୭ଟା।

ପ୍ରଥମ ପୃଷ୍ଠାରୁ...

## କଟକରେ କର୍ଫ୍ୟୁ...

ଆକ୍ସନ ଫୋର୍ସ ମଧ୍ୟ ମୁତୟନ ରହିଛନ୍ତି। ସହରର ଗଳି, କନ୍ଦିରେ ପୋଲିସ ଫୋର୍ସ ପଇଁତରା ମାରୁଛନ୍ତି। କେବଳ ଜରୁରୀ କାର୍ଯ୍ୟ ପାଇଁ ଯାଉଥିବା ଲୋକଙ୍କୁ ପୋଲିସ ରାସ୍ତାରେ ଯିବା ପାଇଁ ଅନୁମତି ଦେଉଛି। ଚଳଚଞ୍ଚଳ ଥିବା ବାଦାମବାଡ଼ି, ଚାନ୍ଦିନୀଚୌକ, ମାଲଗୋଦାମ, ବାଲୁବଜାର ପୂରା ଶୂନଶାନ୍ ହୋଇଛି। ଲିଙ୍କ୍ ରୋଡ୍ ଦେଇ କଟକ ନେତାଜୀ ବସ୍ ଟର୍ମିନାଲକୁ ସ୍ୱଳ୍ପସଂଖ୍ୟକ ବସ୍ ଚଳାଚଳ କରୁଥିବା ଦେଖାଯାଇଛି। ପ୍ରତ୍ୟହ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଯାତ୍ରୀବାହୀ ବସ୍ ସଂଖ୍ୟା ହ୍ରାସ ପାଇଛି। ଦୋକାନ, ବଜାର ବନ୍ଦ ଥିବାରୁ ବସ୍‌ରେ ଯାତ୍ରୀଙ୍କ ସଂଖ୍ୟା ମଧ୍ୟ କମ୍ ରହିଛି। କାଁଭାଁ ଲୋକେ ବାଦାମବାଡ଼ି, ମଧୁପାଟଣା, ଓଏମ୍‌ପି ଆଦି ଅଞ୍ଚଳରେ ବସ୍‌କୁ ଅପେକ୍ଷା କରିଥିବା ଦେଖାଯାଇଥିଲା। ସେପଟେ ସହରରେ ସ୍ଥିତିକୁ ଦେଖି ରବିବାର ରାତି ୭ଟାରୁ ଲାଗୁ କରାଯାଇଥିବା ୨୪ ଘଣ୍ଟିଆ ଇଣ୍ଟରନେଟ କଟକଣାକୁ ଆଉ ୨୪ ଘଣ୍ଟା ବୃଦ୍ଧି କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଗୃହ ବିଭାଗକୁ ଅନୁମତି ମଗାଯାଇଥିଲା। ଗୃହ ବିଭାଗ ଏହାକୁ ଗ୍ରହଣ କରି ମଙ୍ଗଳବାର ରାତି ୭ଟା ପର୍ଯ୍ୟନ୍ତ ଇଣ୍ଟରନେଟ ସେବା କଟକଣାକୁ ଅନୁମତି ଦେଇଛନ୍ତି।

ଗଣ୍ଡଗୋଳ ସଂଘଟିତ ସ୍ଥଳ ଦରଘାବଜାରର କଦମରସୁଲ ସମେତ ଆଖପାଖ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସାଧାରଣ ଲୋକଙ୍କ ଯାତାୟାତ ଉପରେ କଟକଣା ଜାରି କରାଯାଉଛି। ସହରର ପ୍ରବେଶ ପଥଗୁଡ଼ିକୁ ପୋଲିସ ଛାଉଣି ଦ୍ୱାରା ବ୍ଲକିଂ କରାଯାଇଛି। ଅବାଧ ଯାତାୟାତକୁ ପ୍ରତିହତ କରିବା ପାଇଁ ପୋଲିସ୍ ଫୋର୍ସ ସବୁଠି ମୁତୟନ ରହିଛନ୍ତି। ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ପର୍ଯ୍ୟାୟକ୍ରମେ ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି। କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ଘଟଣାସ୍ଥଳରେ ଉପସ୍ଥିତ ଥିବାବେଳେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଡିଜିପି ଆଇନଶୃଙ୍ଖଳା ସଞ୍ଜୟ କୁମାର ପ୍ରମୁଖ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି।

### କର୍ଫ୍ୟୁ ବଢ଼ିବା ନିଷ୍ପତ୍ତି ପରେ

କର୍ଫ୍ୟୁ ଅବଧି ବଢ଼ିବ କି ନାହିଁ ସେ ନେଇ ମଙ୍ଗଳବାର ପୋଲିସ ପକ୍ଷରୁ ସୂଚନା ଦିଆଯିବ। ସହରର ପରିସ୍ଥିତିକୁ ତର୍ଜମା କରାଯାଉଛି। କର୍ଫ୍ୟୁ ଅବଧି ସରିବା ପରେ ସ୍ଥିତି ଦେଖି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ଗଣ୍ଡଗୋଳ ଘଟଣାରେ ୮ ଗିରଫ, ୩ ମାମଲା

ଦରଘାବଜାରଠାରେ ରବିବାର ଘଟିଥିବା ଗଣ୍ଡଗୋଳ ଘଟଣାରେ ପୋଲିସ ୩ଟି ମାମଲା ରୁଜୁ କରିଛି। ଏଥିସହ ସିସିଟିଭି ଫୁଟେଜ ଯାଞ୍ଚ କରି ଗଣ୍ଡଗୋଳରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ପୋଲିସ ନେଇଛି। ଅଦ୍ୟାବଧି ୮ ଜଣଙ୍କୁ ଗିରଫ କରାଯାଇଥିବା ଜଣାଯାଇଛି।

### କଟକରେ ଶାନ୍ତି ଫେରୁଛି: ସଞ୍ଜୟ କୁମାର

କଟକକୁ ଶାନ୍ତି ଫେରୁଛି। ସହରରେ କର୍ଫ୍ୟୁ ଜାରି ରହିଛି। ହାଇକୋର୍ଟ ସମେତ ସରକାରୀ କାର୍ଯ୍ୟାଳୟଗୁଡ଼ିକ ଖୋଲା ରହିଛି। ରବିବାରର ଘଟଣା ପରେ ଆଉ କିଛି ଅଘଟଣ ବା ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ଲୋକମାନଙ୍କୁ ଅନୁରୋଧ କରୁଛୁ, ସେମାନେ ଗୁଜବ ଠାରୁ ଦୂରେଇ ରୁହନ୍ତୁ, ଆଉ ପୋଲିସକୁ ସାହାଯ୍ୟ କରନ୍ତୁ। ଏହି ଘଟଣା ଘଟାଇବାରେ ଯେଉଁମାନେ ସାମିଲ ଅଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କଟକ ଏକ ଶାନ୍ତିପ୍ରିୟ ସ୍ଥାନ, ଶାନ୍ତି ନିଶ୍ଚିତ ଫେରିବ ବୋଲି ଆଇନ ଶୃଙ୍ଖଳା ଡିଜିପି ସଞ୍ଜୟ କୁମାର କହିଛନ୍ତି।

### ଆୟୁଷ୍ମାନ କାର୍ଡଧାରୀ ଗୁରୁତର ରୋଗୀଙ୍କ ସେବା ଅଟକିଛି

ଇଣ୍ଟରନେଟ ସେବା ବନ୍ଦ ଯୋଗୁ ଆୟୁଷ୍ମାନ କାର୍ଡଧାରୀ ଗୁରୁତର ରୋଗୀଙ୍କ ସେବା ଅଟକି ଯାଇଛି। କଟକ ସହରର ବିଭିନ୍ନ ଘରୋଇ ହସ୍ପିଟାଲରେ ଏଭଳି ରୋଗୀଙ୍କ କାର୍ଡ ପଞ୍ଜୀକରଣ ସୋମବାର ହୋଇପାରି ନାହିଁ। ଫଳରେ ରୋଗୀମାନେ ସେବା ପାଇବା ପାଇଁ ଅପେକ୍ଷା କରିଛନ୍ତି। ବିଭିନ୍ନ ଘରୋଇ ହସ୍ପିଟାଲରେ ଏଭଳି ରୋଗୀମାନଙ୍କୁ ସମ୍ପର୍କୀୟମାନଙ୍କ ସହ ବସି ରହିଥିବା ଦେଖିବାକୁ ମିଳିଥିଲା।

## ୩ ବୈଜ୍ଞାନିକଙ୍କୁ ମେଡିସିନରେ...

କରାଯାଇଛି। ପେରିଫେରାଲ ଇମ୍ୟୁନ ଟଲରାନ୍ସ ହେଉଛି ଶରୀର ମଧ୍ୟରେ ଏପରି ଏକ ପ୍ରକ୍ରିୟା, ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ନିଜ ଟିସୁ ଉପରେ ଆକ୍ରମଣ କରିବାରୁ ରୋକିଥାଏ। ନିଜ ଗବେଷଣାରେ ଏହି ୩ ବୈଜ୍ଞାନିକ ରେଗୁଲେଟୋରି ଟି ସେଲ୍ସକୁ ଚିହ୍ନଟ କରିଥିଲେ, ଯାହାକୁ ମଣିଷ ଶରୀରର ପ୍ରତିଷେଧକ ପ୍ରଣାଳୀର ସୁରକ୍ଷା କବଚ କୁହାଯାଇଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ସନ୍ତୁଳିତ ରଖିବାରେ ଏହି ଟି ସେଲ୍ସଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ ବୋଲି ବୈଜ୍ଞାନିକମାନେ ଗବେଷଣାରେ ଦର୍ଶାଇଥିଲେ। ଏହି ଗବେଷଣା ଦ୍ୱାରା କର୍କଟ ରୋଗ, ଅଟୋ ଇମ୍ୟୁନ ରୋଗ ଏବଂ ଅଙ୍ଗ ପ୍ରତିରୋପଣର ଚିକିତ୍ସା ପାଇଁ ନୂତନ ରାସ୍ତା ଖୋଲିଛି, ଯାହା ମଧ୍ୟରୁ ସମ୍ପ୍ରତି ଅନେକ କ୍ଲିନିକାଲ ପରୀକ୍ଷଣ ପର୍ଯ୍ୟାୟରେ ରହିଛି। 'ଦି ନୋବେଲ କମିଟି ଫର୍ ମେଡିସିନ'ର ଅଧ୍ୟକ୍ଷ ଓଲେ କାମ୍ପେ କହିଛନ୍ତି, ମଣିଷ ଶରୀରର ରୋଗ ପ୍ରତିଷେଧକ ପ୍ରଣାଳୀ କିପରି କାମ କରିଥାଏ ଏବଂ ଗୁରୁତର ଅଟୋ-ଇମ୍ୟୁନ ରୋଗରେ ସମସ୍ତେ କାହିଁକି ପୀଡ଼ିତ ହୋଇ ନ ଥାନ୍ତି, ସେ ନେଇ ବୁଝାଉଥିବା ଯୁଗାନ୍ତକାରୀ ଗବେଷଣା ପାଇଁ ୩ ବୈଜ୍ଞାନିକଙ୍କୁ ମେଡିସିନ କ୍ଷେତ୍ରରେ ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଛି।

୧୯୬୧ରେ ଜନ୍ମ ହୋଇଥିବା ମେରି ଆମେରିକାର ନ୍ୟୁ ଜର୍ସିସ୍ଥିତ ପ୍ରିନ୍ସଟନ୍ ୟୁନିଭର୍ସିଟିରୁ ପିଏଚ୍.ଡି. କରିଛନ୍ତି। ସେ ଏବେ ୱାଶିଂଟନର ସିଏଟଲସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସିଷ୍ଟମ ବାୟୋଲୋଜିରେ ସିନିୟର ପ୍ରୋଗ୍ରାମ ମ୍ୟାନେଜର ଭାବେ କାର୍ଯ୍ୟରତ ଅଛନ୍ତି। ୧୯୬୦ରେ ଜନ୍ମିତ ଫ୍ରେଡ୍ ୧୯୮୭ରେ ୟୁନିଭର୍ସିଟି ଅଫ୍ କାଲିଫର୍ନିଆ-ଲସ୍ ଏଞ୍ଜେଲ୍ସରୁ ପିଏଚ୍.ଡି. କରିଛନ୍ତି। ଏବେ ସେ ଆମେରିକାର ସାନ୍ ଫ୍ରାନ୍ସିସ୍କୋସ୍ଥିତ ସୋନୋମା ବାୟୋଥେରାପ୍ୟୁଟିକ୍ସର ବୈଜ୍ଞାନିକ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ୧୯୫୧ରେ ଜନ୍ମିତ ଶିମୋନ୍ ୧୯୮୩ରେ ଜାପାନର କ୍ୟୋଟୋ ୟୁନିଭର୍ସିଟିରୁ ପିଏଚ୍.ଡି. କରିଥିଲେ। ଏବେ ସେ ଓସାକା ୟୁନିଭର୍ସିଟିର ଇମ୍ୟୁନୋଲୋଜି ଫ୍ରଣ୍ଟିୟର ରିସର୍ଚ୍ଚ ସେଣ୍ଟରର ବିଶିଷ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି। ମେଡିସିନ କ୍ଷେତ୍ରରେ ବିଜେତା ଘୋଷଣା ହୋଇଥିବା ଏହି ୩ ବୈଜ୍ଞାନିକଙ୍କ ମଧ୍ୟରେ ୧୧ ମିଲିୟନ ସ୍ୱିଡିଶ କ୍ରୋନର (ପ୍ରାୟ ୧୦.୪ କୋଟି ଟଙ୍କା)ର ପୁରସ୍କାର ରାଶି ସମାନ ଭାବରେ ବଣ୍ଟନ କରାଯିବ। ବିଭିନ୍ନ କ୍ଷେତ୍ରରେ ନୋବେଲ ପୁରସ୍କାର ୨୦୨୫ର ବିଜେତାଙ୍କ ଘୋଷଣା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଆସନ୍ତା ଡିସେମ୍ବର ୧୦ରେ ଆଲ୍‌ଫ୍ରେଡ୍ ନୋବେଲଙ୍କ ମୃତ୍ୟୁ ବାର୍ଷିକୀ ଅବସରରେ ବିଜେତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ।



ନୂଆପଡ଼ା ମିନି ଷ୍ଟାଡିୟମଠାରେ ସୋମବାର ଆୟୋଜିତ ସଭାରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରବି ନାରାୟଣ ନାୟକ, ମୁକେଶ ମହାଲିଙ୍ଗ ଓ ଏମ୍‌ପି ମାଳବିକା ଦେବୀ।

## ନୂଆପଡ଼ାବାସୀଙ୍କ ପାଇଁ...

ଥର ନୂଆପଡ଼ା ଆସିଛି। ଏପ୍ରିଲ ମାସରେ ମାରାଗୁଡ଼ା ମହୋତ୍ସବ ବେଳେ ୩୨୦ କୋଟି ଟଙ୍କାର ପ୍ରକଳ୍ପ ଶୁଭାରମ୍ଭ ହୋଇଥିଲା। ନୂଆପଡ଼ା ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିଲି। ଏଥରକୁ ମିଶାଇ ନୂଆପଡ଼ାକୁ ତିନିଥର ଗସ୍ତ କରିଥିବାବେଳେ ୧୪୨୦ କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏଥିସହ ସେ କହିଥିଲେ, ରାଜ୍ୟର କେନ୍ଦୁପତ୍ର ତୋଳାଳିଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ହୋଇ କାମ କରୁଛନ୍ତି। ଚଳିତବର୍ଷ ଜିଏସ୍‌ଟି କାଉନ୍‌ସିଲ ବୈଠକରେ କେନ୍ଦୁପତ୍ର ଉପରେ ଜିଏସ୍‌ଟି ହ୍ରାସ କରିବାକୁ ପ୍ରସ୍ତାବ ଦେଇଥିଲି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଜିଏସ୍‌ଟି ହାର ୧୮ ପ୍ରତିଶତରୁ ୫ ପ୍ରତିଶତକୁ କମ୍ କରିଛନ୍ତି। ଏହାଦ୍ୱାରା ସାରାଦେଶର ତଥା ରାଜ୍ୟର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳି ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ, ଭାଜପା ସରକାର ସବୁ ଅଞ୍ଚଳକୁ ସମାନ ଗୁରୁତ୍ୱ ଦେଉଛନ୍ତି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦକୁ ଅଧିକ ଅନୁଦାନ ସହିତ ଦୃଢ଼ କରାଯାଇଛି ଏବଂ ତା' ସହିତ ଉତ୍ତର ଓ ଦକ୍ଷିଣ ଓଡ଼ିଶାର ବିକାଶ ପାଇଁ ସ୍ୱତନ୍ତ୍ର ବିକାଶ ପରିଷଦ ଗଠନ ଲାଗି ପଦକ୍ଷେପ ନିଆଯାଇଛି। ପୂର୍ବରୁ ପ୍ରିମାଟ୍ରିକ ସ୍କଲାରଶିପର୍ ଛାତ୍ରମାନଙ୍କୁ ୧୦,୫୦୦ ଟଙ୍କା ମିଳୁଥିବା ବେଳେ ଏବେ ୧୬,୦୦୦ ଟଙ୍କା ପ୍ରଦାନ କରାଯିବ। ସେହିପରି ଅନ୍ୱେଷା ଯୋଜନା ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ପୂର୍ବରୁ ୧୧ ହଜାର ଟଙ୍କା ମିଳୁଥିବା ବେଳେ ଏବେ ଏଥିରେ ୧୭ ହଜାର ଟଙ୍କା ମିଳିବ। ପୋଷ୍ଟ ମାଟ୍ରିକ ସ୍କଲାରଶିପ୍‌ରେ ପୂର୍ବରୁ ଛାତ୍ରଙ୍କୁ ୧୧ ହଜାର ଟଙ୍କା ମିଳୁଥିବା ବେଳେ ଏବେ ୧୬ ହଜାର ଟଙ୍କା ମିଳିବ ଏବଂ ଛାତ୍ରୀଙ୍କୁ ୧୭ ହଜାର ଟଙ୍କା ମିଳିବ। ମୋଦିଜୀଙ୍କ ନେତୃତ୍ୱରେ ଦେଶରେ ଏବେ ବିକାଶର ଏକ ନୂଆ ଯୁଗ ଆରମ୍ଭ ହୋଇଛି। ଓଡ଼ିଶାରେ ନୂଆ ସରକାର ଆସିବା ପରଠାରୁ କେନ୍ଦ୍ର ସରକାର ଓଡ଼ିଶା ପାଇଁ ୩୦ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ ମଞ୍ଜୁର କରିଛନ୍ତି ଏବଂ ଏଥିରେ ନୂଆପଡ଼ା ପାଇଁ ମଧ୍ୟ ଦୁଇଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏଥିସହ ସୁଭଦ୍ରା ଯୋଜନାରେ ନୂଆପଡ଼ାର ୧ ଲକ୍ଷ ୫୫ ହଜାର ମହିଳା ଉପକୃତ ହୋଇଛନ୍ତି, ଅନ୍ତ୍ୟୋଦୟ ଗୃହ ଯୋଜନାରେ ୨୫୪୮ ପରିବାରକୁ ଘର ଯୋଗାଇଦେବା ପାଇଁ ପଦକ୍ଷେପ ନିଆଯାଇଛି। ଏହାସହିତ ନୂଆପଡ଼ା ଏକକ ପ୍ଲାଷ୍ଟିକ ବ୍ୟବହାର ଜିଲା ଭାବେ ଘୋଷିତ ହେବା ସହ ଶିଶୁକନ୍ୟାକୁ ପ୍ରାଧାନ୍ୟ ଦେଇ 'ଝିଅ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି। ନବଜାତ ଶିଶୁକନ୍ୟା ଓ ସେମାନଙ୍କ ମାତା ପିତାଙ୍କୁ ମଧ୍ୟ ସମ୍ମାନିତ କରାଯାଉଛି। ନୂଆପଡ଼ା ଜିଲା ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାରେ ଦୈନିକ ୬୦ ହଜାରରୁ ଅଧିକ ଶ୍ରମିକ ନିୟୋଜିତ କରି ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ, ମୋହନ ମାଝୀଙ୍କ ସରକାର ହେଉଛି ଲୋକଙ୍କ ସରକାର। ରାଜ୍ୟର ସମସ୍ତ ବର୍ଗର ବିକାଶ କିପରି ହେବ ସେଥିପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ, ରାଜ୍ୟରେ ଭାଜପା ସରକାର ଆସିବା ପରେ ନୂଆପଡ଼ା ଜିଲାର ୧୦ଟି ହାଇସ୍କୁଲକୁ ଆମେ ଅପ୍‌ଗ୍ରେଡ୍ କରି ହାୟର ସେକେଣ୍ଡାରୀ ସ୍କୁଲରେ ପରିଣତ କରିଛୁ। ସହର ଏବଂ ଗ୍ରାମପଞ୍ଚାୟତର ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ଆମ ସରକାର ଗୋଦାବରୀଶ ମିଶ୍ର ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏ ସରକାରରେ ପ୍ରତିଟି କ୍ଷେତ୍ରରେ ବିକାଶ ହେବ ବୋଲି ଆଜି ସମସ୍ତଙ୍କ ମଧ୍ୟରେ ଏପରି ଆଶା ସଞ୍ଚାର ହୋଇଛି। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ପ୍ରମୁଖ ଉଦ୍‌ବୋଧନ ରଖିଥିଲେ। ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ଖରିଆରରୋଡ୍ ଏନ୍.ଏ.ସି. ଚେୟାରମ୍ୟାନ ଡ. ସୋନିଆ ଜୈନ ଧନ୍ୟବାଦ ଅର୍ପଣ କରିଥିଲେ।

## ଖରିଆରରୋଡ୍ ମ୍ୟୁନିସିପାଲିଟି...

ଟଙ୍କାର ବିଭିନ୍ନ ପ୍ରକଳ୍ପ ଘୋଷଣା କରି ଅନ୍ନଦାତାଙ୍କ ଜମିକୁ ଜଳ ଯୋଗାଇବା ପାଇଁ ସରକାର ନିଷ୍ଠାର ସହ ଉଦ୍ୟମ କରୁଛନ୍ତି ବୋଲି କହିଛନ୍ତି। ସେ କହିଥିଲେ, ପୂର୍ବରୁ ଖରିଆରରୋଡ୍‌କୁ ଏନ୍.ଏ.ସି.ରୁ ମ୍ୟୁନିସିପାଲିଟି କରିବା ପାଇଁ ଦାବି ହୋଇଆସୁଥିବା ବେଳେ ଏବେ ଏହାକୁ ମ୍ୟୁନିସିପାଲିଟି ଘୋଷଣା ହେଲା। ସେହିପରି କୋମନା ବ୍ଲକକୁ ଏନ୍.ଏ.ସି. କରାଯାଇଛି ଏବଂ ସିନାପାଲି ଗ୍ରାମପଞ୍ଚାୟତ ଓ ଗୋଡ଼ାଲ ଗ୍ରାମପଞ୍ଚାୟତକୁ ମିଶାଇ ସିନାପାଲି ଏନ୍.ଏ.ସି. ଭାବେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟର ସବୁ ତହସିଲରେ ସବ୍ ରେଜିଷ୍ଟ୍ରେଶନ ଅଫିସ ଖୋଲାଯିବ। ବର୍ତ୍ତମାନ ରାଜ୍ୟର ୩୧୭ଟି ତହସିଲରୁ ୨୧୦ଟି ତହସିଲରେ ସବ୍ ରେଜିଷ୍ଟ୍ରେଶନ ଅଫିସ ରହିଛି। ଖୁବ୍‌ଶୀଘ୍ର ବାକି ୧୦୭ଟି ତହସିଲରେ ସବ୍ ରେଜିଷ୍ଟ୍ରେଶନ୍ ଅଫିସ ଖୋଲାଯିବ। ଆଜି ପ୍ରଥମ ପର୍ଯ୍ୟାୟରେ ନୂଆପଡ଼ାର ୩ଟି - ସିନାପାଲି, କୋମନା ଓ ବୋଡେନ୍ ଏବଂ ମାଲକାନଗିରିର ୪ଟି- ମାଥିଲି, କାଲିମେଳା, ଖଇରପୁଟ ଓ କୁଡୁମୁଲୁଗୁମ୍ମା ଭଳି ୭ଟି ତହସିଲରେ ସବ୍ ରେଜିଷ୍ଟ୍ରେଶନ୍ ଅଫିସ ଖୋଲାଗଲା ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅକାଳେ ଗୋଦରୀ କଲା ବେଉସା**
**ଲାଭ ଖାଇଗଲା ଚୁଟିଆ ମୂଷା ।**

ଗୋଦର ବାତ ରୋଗର ଗୋଟିଏ ଅବସ୍ଥା। ଏହି ରୋଗରେ ଗୋଡ଼ ପାଦ ପେଣ୍ଡା ଫୁଲିଯାଏ। ଗୋଦରା ବା ଗୋଦରୀ ବେଶି ଦୂରକୁ ଯାଇପାରେ ନାହିଁ। ବ୍ୟବସାୟ କ୍ଷେତ୍ରରେ ବିଭିନ୍ନ ଆଡ଼କୁ ଯିବା ଆସିବା କରିବା ଦରକାର ପଡୁଥିବା ବେଳେ ଏପରି ଅବସ୍ଥା ସେଥିରେ ପ୍ରତିବନ୍ଧକ ସାଜିଥାଏ। ଅନ୍ୟ ଅର୍ଥରେ ଜୀବନର ଠିକ୍ ସମୟରେ ବ୍ୟବସାୟ ଆରମ୍ଭ ନ କରି ଡେରିରେ ଆରମ୍ଭ କଲେ ବ୍ୟବସାୟର ଗୁମର ଜାଣିହୁଏ ନାହିଁ। ସହଜେ ଗୋଦରୀ ପୁଣି ବହୁ ଡେରିରେ ବା ବର୍ଷ ପରେ ବ୍ୟବସାୟ ଆରମ୍ଭ। ଏପରିସ୍ଥଳେ ଅନେକ ଲୋକଙ୍କ ଉପରେ ବିଶ୍ୱାସ ଓ ନିର୍ଭର କରି ବ୍ୟବସାୟରେ କ୍ଷତି ଘଟିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅକାଳେ ମାଇଲି ଘାଏ**
**ଗଲା ଶିରାବଣ ଯାଏ ।**

ସାଧାରଣତଃ କାମରେ ଢିଲା ମାରୁଥିବା ଲୋକ କୌଣସି କାମକୁ ସେତେଟା ଗୁରୁତ୍ୱ ଦେଇ ନ ଥାନ୍ତି। ଜୋର ଦେଇ ବା ମନ ବଳାଇ ଗୋଟିଏ କାମକୁ ଥରେ କରିଦେଲା ପରେ ଆଉ ସେ କାମରେ ହାତ ଦେଇ ନ ଥାନ୍ତି କି ସେଥିପ୍ରତି ନିଘା ରଖି ନ ଥାନ୍ତି। ଏହି ଧରଣର ବ୍ୟକ୍ତି ସମାଜରେ ଖାମଖିଆଲି ଲୋକ ଭାବେ ପରିଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ନଭେମ୍ବର ୧୧ରେ...

ଶେଷ ହେବ। ସେହିପରି ୨୪ ତାରିଖ ସୁଦ୍ଧା ପ୍ରାର୍ଥୀମାନେ ଯଦି ଚାହିଁବେ ନାମାଙ୍କନପତ୍ର ପ୍ରତ୍ୟାହାର କରିପାରିବେ। ନଭେମ୍ବର ୧୧ରେ ଉପନିର୍ବାଚନ ଲାଗି ମତଦାନ ଅନୁଷ୍ଠିତ ହେବ। ୧୪ରେ ଗଣତି ଓ ଫଳାଫଳ ଘୋଷଣା ହେବ। ଗୋପାଳନ କହିଛନ୍ତି, ଏହି ଉପନିର୍ବାଚନରେ ୪ହଜାର ଭିନ୍ନକ୍ଷମ ଏବଂ ୨୦୦୭ ବୟସ୍କଭୋଟର (୮୫ବର୍ଷରୁ ଅଧିକ)ଙ୍କୁ ମିଶାଇ ୨ଲକ୍ଷ ୪୮ହଜାର ୨୫୬ ମତଦାତା ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। ଏଥିମଧ୍ୟରେ ୧ଲକ୍ଷ ୨୨ହଜାର ୧୦୩ ପୁରୁଷ, ୧ଲକ୍ଷ ୨୬ହଜାର ୧୩୨ଜଣ ମହିଳା ଭୋଟର ରହିଥିବାବେଳେ ଭିନ୍ନକ୍ଷମଙ୍କ ମଧ୍ୟରେ ୨୩୪୩ଜଣ ପୁରୁଷ ଏବଂ ୧୬୫୭ଜଣ ମହିଳା ଏବଂ ବୟସ୍କଙ୍କ ମଧ୍ୟରେ ୬୯୪ଜଣ ପୁରୁଷ ଏବଂ ୧୩୧୩ଜଣ ମହିଳା ଭୋଟର ରହିଛନ୍ତି। ଏହାବାଦ୍ ୨୧ଜଣ ତୃତୀୟଲିଙ୍ଗ ରହିଛନ୍ତି। ସେ କହିଛନ୍ତି, ନୂଆପଡ଼ା ଉପନିର୍ବାଚନମଣ୍ଡଳୀରେ ୩୫୮ଟି ମତଦାନ କେନ୍ଦ୍ର ରହିଛି। ସମସ୍ତ ବୁଥ୍‌ରେ ୱେବକାଷ୍ଟିଂ ବ୍ୟବସ୍ଥା କରାଯିବ। ତେବେ ୮୫ବର୍ଷରୁ ଅଧିକ ବୟସ୍କ ଏବଂ ଭିନ୍ନକ୍ଷମ ଭୋଟରଙ୍କୁ ୧୨-ଡି ଫର୍ମ ବଣ୍ଟନ କରାଯିବ। ସେମାନେ ପୋଷ୍ଟାଲ ବାଲଟ ମାଧ୍ୟମରେ ଭୋଟ ଦେଇପାରିବେ। ଏଥିନେଇ ଏକ ତାଲିକା ପ୍ରସ୍ତୁତ ହେବ।

ଗୋପାଳନ କହିଛନ୍ତି ଯେ, ଯେଉଁ ରାଜନୈତିକ ଦଳ ଆପରାଧିକ ମାମଲାରେ ଜଡ଼ିତ ଥିବା ପ୍ରାର୍ଥୀଙ୍କୁ ନିର୍ବାଚନରେ ଛିଡ଼ା କରାଇବେ ସେମାନଙ୍କୁ ଆପରାଧିକ ପୃଷ୍ଠଭୂମି ବିଷୟରେ ସୂଚନା ଦେବାକୁ ହେବ। ସେମାନେ ୱେବସାଇଟ୍ ଏବଂ ଖବରକାଗଜ ତଥା ଟେଲିଭିଜନରେ ୩ଥର ପ୍ରକାଶ କରିବାକୁ ବାଧ୍ୟ ହେବେ। ଏହି ସମ୍ମିଳନୀରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ପ୍ରମୋଦ କୁମାର ସାହୁ, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୨ ପର୍ଯ୍ୟାୟରେ ବିହାର...

ଦାଖଲର ଶେଷ ତାରିଖ ଅକ୍ଟୋବର ୧୭ ରଖାଯାଇଥିବାବେଳେ ଯାଞ୍ଚ ପାଇଁ ୧୮ ତାରିଖ ଧାର୍ଯ୍ୟ କରାଯାଇଛି। ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ହେଉଛି ଅକ୍ଟୋବର ୨୦। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଅକ୍ଟୋବର ୨୦ ରଖାଯାଇଥିବାବେଳେ ୨୧ରେ ସେଗୁଡ଼ିକର ଯାଞ୍ଚ କରାଯିବ। ଏହି ପର୍ଯ୍ୟାୟରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ହେଉଛି ଅକ୍ଟୋବର ୨୩। ଉଲ୍ଲେଖଯୋଗ୍ୟ, ବିହାର ବିଧାନସଭାର ୨୪୩ ଆସନ ମଧ୍ୟରୁ ୨ଟି ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ବର୍ଗଙ୍କ ପାଇଁ ସଂରକ୍ଷିତ ଥିବାବେଳେ ୩୮ ଆସନ ତଫସିଲଭୁକ୍ତ ଜାତି (ଏସ୍‌ସି)ଙ୍କ ପାଇଁ ଉଦ୍ଦିଷ୍ଟ।

## ସିଜେଆଇଙ୍କୁ ଜୋତା...

କରିଦେଇଥିଲେ। ଆବେଦନକାରୀଙ୍କୁ ସିଜେଆଇ କହିଥିଲେ, 'ଯାଅ ତୁମ ଭଗବାନଙ୍କୁ କୁହ ସେ ନିଜ ପାଇଁ କିଛି କରନ୍ତୁ।' ସିଜେଆଇଙ୍କ ଏହି ମନ୍ତବ୍ୟକୁ ନେଇ ସୋସିଆଲ ମିଡିଆରେ ଟ୍ରୋଲ କରାଯିବା ପରେ ହିନ୍ଦୁଧର୍ମ ପ୍ରତି ତାଙ୍କର କୌଣସି ନକାରାତ୍ମକ ବିଚାର ନାହିଁ ବୋଲି ସିଜେଆଇ ସଫେଇ ଦେଇଥିଲେ। ତେବେ ସ୍ପଷ୍ଟୀକରଣରେ ଅସନ୍ତୁଷ୍ଟ ରାକେଶ ଏହାର ପ୍ରତିବାଦରେ ସିଜେଆଇଙ୍କୁ ଜୋତା ଫିଙ୍ଗିବାକୁ ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ହୋଇଛି। ସନାତନ ଧର୍ମର ଅପମାନ ହିନ୍ଦୁସ୍ଥାନ ସହିବ ନାହିଁ ବୋଲି ରାକେଶ ଚିତ୍କାର କରି କହୁଥିବା ଓକିଲମାନେ କହିଛନ୍ତି। ଏଭଳି କାର୍ଯ୍ୟ ପାଇଁ ଆଇନଜୀବୀ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ରାକେଶଙ୍କୁ ଓକିଲାତି ପେସାରୁ ନିଲମ୍ବନ କରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ଶନିଯୁକ୍ତ ଚନ୍ଦ୍ର ହେତୁ ମାନସିକ ଅସ୍ଥିରତା ଭିତରେ ଦିନଟି କଟିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ ଏବଂ ଆନୁଷ୍ଠାନିକ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଭୁଲ୍ ବୁଝାମଣାଜନିତ ବିନା କାରଣରେ ଅଶାନ୍ତି, କଳହ ଆଶଙ୍କା ରହିଛି। ସାହିତ୍ୟ, ସାମ୍ବାଦିକତା, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ** — ନିଜ ଲୋକଙ୍କ ବିରୋଧ ସାଙ୍ଗକୁ ବିଭିନ୍ନ ଅଭାବ ଅସୁବିଧାର ସାମ୍ନା କରିବାକୁ ପଡ଼ିପାରେ। ଅନ୍ୟମାନଙ୍କୁ ଭଲରେ ରଖିବାକୁ ଚେଷ୍ଟାକଲେ ମଧ୍ୟ ସମୟ ଓ ପରିସ୍ଥିତି ସବୁକିଛି ବିଗାଡ଼ିଦେବ। ମୂଲ୍ୟବାନ୍ ଜିନିଷ କ୍ରୟରୁ ଖର୍ଚ୍ଚ ପରିମାଣ ବୃଦ୍ଧିପାଇବ। କେତୁଯୁକ୍ତ ଶୁକ୍ର କାରଣରୁ କଳା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସମସ୍ୟା ଲାଗି ରହିବ।

**ମିଥୁନ** — ଆପଣଙ୍କ ପରିସ୍ଥିତି ଅବଲୋକନକରି ବୟସ୍କ ବ୍ୟକ୍ତି ସାହାଯ୍ୟ ପୂର୍ବକ ସହାନୁଭୂତି ପ୍ରକାଶ କରିବେ। ଅସାବଧାନତା କିମ୍ବା ଅନ୍ୟମନସ୍କ ହେତୁ ସମସ୍ୟାର ସମ୍ମୁଖୀନ ହେବେ। ବୃଥା ସନ୍ଦେହଜନିତ କାରଣରୁ ବନ୍ଧୁଙ୍କ ସହ କଳହର ସୂଚନା ରହିଛି। କୋଣଭାବସ୍ଥ ମଙ୍ଗଳଙ୍କ ସୁପ୍ରଭାବରୁ ଜମିଜମା କାରବାର କରିବା ପାଇଁ ପ୍ରକୃଷ୍ଟ ଦିନ।

**କର୍କଟ** — ଆଜିର କର୍ମାରମ୍ଭ ଅସୁବିଧା ମନେହେଲେ ମଧ୍ୟ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ବନ୍ଧୁଙ୍କୁ ସାହାଯ୍ୟ ଭିକ୍ଷା କରିବାକୁ ପଡ଼ିପାରେ। ଭାଗ୍ୟ ସ୍ଥାନରେ ଶନି ରହିଥିବାରୁ ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉନ୍ନତମାନର ସୁଫଳ ପାଇବେ । ଶିକ୍ଷା, ସନ୍ତାନ କ୍ଷେତ୍ରରେ କିଛିଟା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ସିଂହ** — ଚତୁର୍ଥାଧିପ ମଙ୍ଗଳ ଭାଗ୍ୟଭାବକୁ ଅବଲୋକନ କରୁଥିବାରୁ ପାରିବାରିକ ସମସ୍ୟା ସମାଧାନ ହୋଇଯିବ। ବ୍ୟବସାୟରେ ପ୍ରତିବନ୍ଧକ ଦେଖାଦେବାରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ବନ୍ଧୁଙ୍କ ସବୁ କଥାକୁ ହାଲୁକା ଭାବେ ଗ୍ରହଣକଲେ କ୍ଷତିରେ ପଡ଼ିବେ। ଆନୁଷ୍ଠାନିକ କାମରେ ସହଯୋଗକରି ପ୍ରଶଂସିତ ହୋଇପାରନ୍ତି।

**କନ୍ୟା** — ଶୁକ୍ର ଏକାଦଶ ସ୍ଥାନରେ ରହିଥିବାରୁ ଏକାଧାରରେ ଆର୍ଥିକ ଉନ୍ନତି ସହ ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ। କିନ୍ତୁ ଶନିଯୁକ୍ତ ଚନ୍ଦ୍ର ପ୍ରଭାବରୁ ହସ୍ତା ନକ୍ଷତ୍ର ମାନସିକ ସ୍ତରରେ ନିରୁତ୍ସାହିତ ରହିବେ। ଅଟକି ରହିଥିବା କାମକୁ ନିର୍ଦ୍ଦିଷ୍ଟ ସମୟରେ ସମ୍ପନ୍ନ କରିପାରିବେ ନାହିଁ। ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବା ସମ୍ଭାବନା ରହିଛି।

**ତୁଳା** — ଦୀର୍ଘଦିନର ଅଭିଳାଷ ପୂରଣ ଦିଗରେ ଚେଷ୍ଟାକଲେ ସଫଳତା ପାଇବେ। ବୁଧ କ୍ଷେତ୍ରସ୍ଥ ଗୁରୁଙ୍କ ଯୋଗୁ ବନ୍ଧୁଙ୍କ ଆମନ୍ତ୍ରଣ ଆପଣଙ୍କ ବିଚାରକୁ ବିଗାଡ଼ି ଦେଇପାରେ। ଶାରୀରିକ ସୁସ୍ଥତା ରହିବା ହେତୁ ମନ ସାମୟିକ ହାଲୁକା ରହିବ। ବାରମ୍ବାର ସରକାରୀ କାମରେ ଭ୍ରମଣହେତୁକ କ୍ଳାନ୍ତି ଓ ଅବସାଦ ବୃଦ୍ଧିପାଇବ।

**ବିଛା** — କୋଣଭାବରେ ଭାଗ୍ୟାଧିପ ଅବସ୍ଥାନ କରୁଥିବାରୁ ସନ୍ତାନହେତୁକ ଦୁଶ୍ଚିନ୍ତା ଦୂରହେବ। ନିଜ ପ୍ରତି ସମ୍ମାନ ଓ ଭକ୍ତି ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କ ବେଖାତିର କଥା କଷ୍ଟ ଦେଇପାରେ। ଆତ୍ମୀୟମାନେ ବିରୁଦ୍ଧାଚରଣ କରିବା ସମ୍ଭାବନା ରହିଛି। ତଥାପି ନିକଟ ଅତୀତରେ ଯାହା ଭାବୁଥିଲେ ତାହାର ସତ୍ୟତା ଆଜି ହିଁ ଅନୁଭବ କରିପାରନ୍ତି।

**ଧନୁ** — ଅଷ୍ଟମାଧିପତି ଚତୁର୍ଥସ୍ଥ ଯୋଗୁ ଘରେ ଅଶାନ୍ତିର ବାତାବରଣ ଦେଖାଦେବ। କୌଣସି ବନ୍ଧୁଙ୍କ କଥା ରକ୍ଷା କରିବାକୁ ଯାଇ ନିଜ କାମକୁ ଅବହେଳା କରିପାରନ୍ତି। ଆନୁଷ୍ଠାନିକ କାମ, କଳା, ସାହିତ୍ୟ, ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରୁ ଉପଯୁକ୍ତ ଭାବେ ସମ୍ମାନିତ ହେବେ। କିନ୍ତୁ ମୂଳା ନକ୍ଷତ୍ରର ଅତି ଭଲ ସମ୍ପର୍କ ରହିଥିବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିପାରେ।

**ମକର** — ମଙ୍ଗଳଙ୍କ ପ୍ରତ୍ୟକ୍ଷଦୃଷ୍ଟି ପ୍ରଭାବରେ ପାରିବାରିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ମତାନ୍ତରର ଆଶଙ୍କା ରହିଛି। ଆପଣ ଯେଉଁ କାମ କରିବାକୁ ମନସ୍ଥ କରିଛନ୍ତି, ତାହା ଶୀଘ୍ର ଆରମ୍ଭ କରିବା ଭଲ ହେବ। ବନ୍ଧୁଙ୍କ ସାହାଯ୍ୟରେ ପାରିବାରିକ ସମସ୍ୟା ସମାଧାନ କରିପାରିବେ। ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ଖୁସି ହେବେ।

**କୁମ୍ଭ** — ପାପଗ୍ରହ ଯୁକ୍ତ ଚନ୍ଦ୍ରଜନିତ ଅନ୍ୟମନସ୍କ କିମ୍ବା ଅସାବଧାନତାବଶତଃ ଘରେ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ। ସାମାଜିକ ସ୍ତରରେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କୌଣସି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବେ। ସାହିତ୍ୟ ସମସ୍ୟାର ସମାଧାନ କରିବେ ଏବଂ ଦୀର୍ଘଦିନର ଅଭିଳାଷ ପୂର୍ଣ୍ଣହେବାରୁ ଆନନ୍ଦିତ ହେବେ।

**ମୀନ** — ଶନିଙ୍କ ପ୍ରଭାବରେ ଅଧିକାଂଶ ସମୟ ଡିପ୍ରେସନ ଲାଗି ରହିବାରୁ ମନ ଭଲ ରହିବ ନାହିଁ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନ କଲେ ଚିନ୍ତା ବଢ଼ିଯିବ। ସଙ୍ଗୀତ, ସାହିତ୍ୟଚର୍ଚ୍ଚା, ଶାସ୍ତ୍ରାଲୋଚନା, ସତ୍‌ସଙ୍ଗ, ଆଧାତ୍ମିକ ଚିନ୍ତନର ସୁଯୋଗ ପାଇବେ। ଅଭିଳଷିତ କାମ ହାସଲର ଚେଷ୍ଟା ଅବ୍ୟାହତ ରଖିଲେ ଉପକୃତ ହେବେ।

ଆଜି ଅକ୍ଟୋବର ୭ ତାରିଖ, ଦିବା ଘ.୦୯।୧୭ ମି. ଗତେ ପୂର୍ଣ୍ଣିମାଯୁକ୍ତ କାର୍ତ୍ତିକ କୃଷ୍ଣ ପ୍ରତିପଦା ମଙ୍ଗଳବାର, ଶ୍ରୀମନ୍ଦିରରେ କୁମାରପୂର୍ଣ୍ଣିମା, କାର୍ତ୍ତିକ ବ୍ରତାରମ୍ଭ, ଶ୍ରୀସୁଦର୍ଶନଙ୍କ ଚତୁରାଶ୍ରମ ପରିଭ୍ରମଣ, ମାଧବ ପରିବନ୍ଧନ, ମଙ୍ଗଳପୂର୍ଣ୍ଣିମା ବ୍ରତ, ଗଣକବି ବୈଷ୍ଣବ ପାଣି ଜୟନ୍ତୀ। ରାଶିନକ୍ଷତ୍ର-ରେବତୀ/ମୀନ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫।୪୨ ଗତେ, ଘ. ୦୬।୨୯, ଘ.୦୮।୩୮ ଗତେ, ଘ.୧୧।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୩୦ ଗତେ, ଘ.୦୩।୫୮ ମଧ୍ୟେ ରାହୁକାଳ।

# କ୍ରାଇମବ୍ରାଞ୍ଚ ପଞ୍ଝାରେ ଷଷ୍ଠ ମଧ୍ୟସ୍ଥ, ଆସିଲା ରାଜନୈତିକ ଲିଙ୍କ୍

ଭୁବନେଶ୍ୱର,(ସତ୍ୟଜିତ ରାଉତ)/ ବାଲେଶ୍ୱର, ୬।୧୦ (ବାଞ୍ଛାନିଧି ଦେ)

## ଏସ୍ଆଇ ପରୀକ୍ଷା ଜାଲିଆତି ଘଟଣା

ବହୁଚର୍ଚ୍ଚିତ ପୋଲିସ ଏସ୍ଆଇ ପରୀକ୍ଷା ନିଯୁକ୍ତି ଜାଲିଆତି ଘଟଣାକୁ ନେଇ କ୍ରାଇମବ୍ରାଞ୍ଚ ଛାନଭିନ୍ ଚଳାଇଛି। ଏଥିରେ ବହୁ ବଡ଼ ଅଧିକାରୀ, ନେତା ଓ ପ୍ରଭାବଶାଳୀଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ଉଠୁଥିବାରୁ କ୍ରାଇମବ୍ରାଞ୍ଚ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ତେବେ ଏହି ମାମଲାରେ ବାଲେଶ୍ୱରରୁ ଷଷ୍ଠ ମଧ୍ୟସ୍ଥଙ୍କୁ କ୍ରାଇମବ୍ରାଞ୍ଚ ଉଠାଇ ଆଣିଛି। ସେ ହେଲେ ଚନ୍ଦନ ମଲ୍ଲିକ। ବାଲେଶ୍ୱର ସଦର ବ୍ଲକ ଚାନ୍ଦିପୁର ଥାନା ରଣସାହି ପଞ୍ଚାୟତ ତପସ୍ୱୀ ଗ୍ରାମସ୍ଥିତ ଘରୁ ଚନ୍ଦନଙ୍କୁ ରବିବାର ରାତିରେ କ୍ରାଇମବ୍ରାଞ୍ଚ ଟିମ୍ କାବୁ କରିଥିଲା। ତେବେ ତାଙ୍କୁ ସୋମବାର କ୍ରାଇମବ୍ରାଞ୍ଚ ମାରାଥନ୍ ଜେରା କରି ପ୍ରମାଣ ସଂଗ୍ରହ କରିବାରେ ଲାଗିଛି। ଚନ୍ଦନଙ୍କୁ ପଚରାଉଚରାବେଳେ ଘଟଣା ସହ ରାଜନୈତିକ ଲିଙ୍କ୍‌ର ସୁରାକ ମିଳିଥିବା ସୂଚନା ମିଳିଛି।

ରବିବାର ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ ନାବରା ଗ୍ରାମର (ପଞ୍ଚମ ମଧ୍ୟସ୍ଥ) ଅରବିନ୍ଦ ଦାସଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଗିରଫ କରିଥିବା ବେଳେ ତାଙ୍କଠାରୁ ଚନ୍ଦନଙ୍କ ଲିଙ୍କ୍ ମିଳିଥିଲା। ଚନ୍ଦନ ଜାଲିଆତିର ମାଷ୍ଟରମାଇଣ୍ଡ୍ କୁହାଯାଉଥିବା ପଞ୍ଚସଫ୍ଟ ସମେତ ବିଭିନ୍ନ ସଂସ୍ଥାର ମାଲିକ ଶଙ୍କର ପୃଷ୍ଟିଙ୍କର ଅନ୍ୟତମ ଘନିଷ୍ଠ ସହଯୋଗୀ ଥିଲେ ବୋଲି ସୂଚନା ମିଳିଛି। ଚନ୍ଦନ ହେଉଛନ୍ତି ଏକ ରାଜନୈତିକ


ଚନ୍ଦନ ମଲ୍ଲିକ

ଦଳର ଯୁବନେତା। ଏଥିସହ ସେ ନିଜକୁ ସମାଜସେବୀ ବୋଲି ପରିଚୟ ଦିଅନ୍ତି। ବାଲେଶ୍ୱର ରେମୁଣା ବିଧାନସଭା ନିର୍ବାଚନ ମଣ୍ଡଳୀରେ ତାଙ୍କର ରାଜନୈତିକ ପତିଆରା ରହିଛି। ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଆଗଧାଡିର ନେତାମାନଙ୍କ ସହ ଚନ୍ଦନଙ୍କ ଅନେକ ଫଟୋ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି, ଯାହାକୁ ନେଇ ଅଧିକ ଚର୍ଚ୍ଚା ଚାଲିଛି। ସେପଟେ ଶଙ୍କର ଏବଂ ତାଙ୍କ ସହଯୋଗୀ କଟକ ବାଙ୍କୀର ମୁନା ମହାନ୍ତି ଫେରାର ଥିବା ବେଳେ କ୍ରାଇମବ୍ରାଞ୍ଚ ଏଯାଏ ଉଭୟଙ୍କ ପତ୍ତା ପାଇପାରିନାହିଁ। ଭୁବନେଶ୍ୱର ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁରସ୍ଥିତ ପ୍ଲଟ୍ ନଂ.୩୨୦/୩୫୯୦ରେ ଥିବା ଅନ୍‌ଲାଇନ ପରୀକ୍ଷା କେନ୍ଦ୍ର (ଶ୍ରୀ ଲିଙ୍ଗରାଜ ଇନ୍‌ଫୋସୋଲ୍)ରେ କ୍ରାଇମବ୍ରାଞ୍ଚ ଟିମ୍ ରବିବାର ଚଢ଼ାଉ କରିଥିଲା। ଆଗକୁ ଅନ୍‌ଲାଇନ୍ ପରୀକ୍ଷା କେନ୍ଦ୍ରଗୁଡିକରେ କ୍ରାଇମବ୍ରାଞ୍ଚ ଚଢ଼ାଉ କରିବ ବୋଲି ତାଲିକା ପ୍ରସ୍ତୁତ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଏହି ମାମଲାରେ ୧୧୪ ପରୀକ୍ଷାର୍ଥୀ ଓ ୫ଜଣ ମଧ୍ୟସ୍ଥଙ୍କ ସମେତ ୧୧୯ ଗିରଫ ହୋଇ ଜେଲ୍‌ରେ ଅଛନ୍ତି।

# ପୂର୍ବତନ ପଞ୍ଚାୟତ ସମ୍ପାଦକଙ୍କୁ ହତ୍ୟା

ଭଞ୍ଜନଗର,୬।୧୦(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ବୁଦୁଲି ଗ୍ରାମରେ ରବିବାର ରାତିରେ ସାମାନ୍ୟ କଥାରୁ ଏକ ହତ୍ୟାକାଣ୍ଡ ଘଟିଛି। ମୁଜାଗଡ଼ ପଞ୍ଚାୟତର ପୂର୍ବତନ ସମ୍ପାଦକ ପଞ୍ଚୁ ବେହେରା(୬୫)ଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲ ପଠାଇଛି। ଏନେଇ ନଂ. ୧୧୩୦/୨୫ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

ରବିବାର ସନ୍ଧ୍ୟାରେ ପଞ୍ଚୁ ବେହେରାଙ୍କ ଦୋକାନ ସମ୍ମୁଖରେ ବୁଦୁଲି ଗ୍ରାମର କେତେଜଣ ଯୁବକଙ୍କ ସହ ଅନ୍ୟ ଜଣେ ଯୁବକଙ୍କ କୌଣସି କଥାକୁ କେନ୍ଦ୍ର କରି ବଚସା ହୋଇଥିଲା। ଏହି ସମୟରେ ଦୋକାନରେ ଥିବା ପଞ୍ଚୁଙ୍କ ଦୁଇ ପୁଅ ଏହାକୁ ପ୍ରତିବାଦ କରିବାରୁ ସେମାନଙ୍କ


ପୋଲିସ ଘଟଣାର ତଦନ୍ତ ଚଳାଇଛି।

ସହ ମଧ୍ୟ ଉକ୍ତ ଯୁବକମାନେ ଝଗଡ଼ା କରିଥିଲେ। ଏପରି କି ପରସ୍ପର ହାତାହାତି ହୋଇଥିଲେ। ପରେ ପଞ୍ଚୁ ଖବର ପାଇ ଘଟଣାସ୍ଥଳକୁ ଯିବାବେଳେ ତାଙ୍କୁ ସମ୍ପୃକ୍ତ ଯୁବକମାନେ ଆକ୍ରମଣ କରି ଆହତ କରିଥିଲେ। ଗଣ୍ଡଗୋଳ ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା କରି ଫେରି ଯାଇଥିଲା। ଏହାର କିଛି ସମୟ ପରେ ପଞ୍ଚୁ ଘରେ ବାନ୍ତି କରିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପଞ୍ଚୁଙ୍କ ରାତି ୧୨ଟାରେ ମୃତ୍ୟୁ ଘଟିଥିଲା। ଏହି ଗଣ୍ଡଗୋଳ ଘଟଣାରେ ବିପକ୍ଷ ଗୋଷ୍ଠୀର ମଧ୍ୟ ଏକାଧିକ ଆହତ ହୋଇଥିବା ଜଣାପଡ଼ିଛି। ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଛି। ଏନେଇ ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କୁ ପଚାରିବାରେ,ଏହି ଘଟଣାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଛି। ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି କହିଛନ୍ତି।

# ପୂର୍ବ ଶତ୍ରୁତାରୁ ଖଣ୍ଡାରେ ଆକ୍ରମଣ: ଯୁବକ ମୃତ

ତିର୍ତ୍ତୋଲ, ୬।୧୦ (ଗୌରାଙ୍ଗ ଚରଣ ସ୍ୱାଇଁ)

## ଅଭିଯୁକ୍ତ ଗିରଫ

ତିର୍ତ୍ତୋଲ ଥାନା ବଣିତୋ ପଞ୍ଚାୟତ ଅନ୍ତର୍ଗତ ସରିଖି ଗ୍ରାମରେ ରବିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକଙ୍କ ଖଣ୍ଡା ଆକ୍ରମଣରେ ଅନ୍ୟ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ମନୋଜ ସ୍ୱାଇଁ। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ



ମୃତ ମନୋଜ ସ୍ୱାଇଁ। ଅଭିଯୁକ୍ତ ପରେଶ ସ୍ୱାଇଁ।

ଘଟିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ହତ୍ୟା ଅଭିଯୋଗରେ ଉକ୍ତ ଗ୍ରାମର ପରେଶ ସ୍ୱାଇଁଙ୍କୁ ପୋଲିସ ଗିରଫ କରି ଥାନାରେ ପଚରାଉଚରା କରୁଛି। ଏନେଇ ସ୍ତ୍ରୀ ସ୍ୱର୍ଣ୍ଣପ୍ରିୟା ସ୍ୱାଇଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୫୧୬/୨୫)ରୁଜୁ କରିଛି।

ଅଭିଯୋଗ ଅନୁଯାୟୀ, ମନୋଜ ଓ ଗ୍ରାମର ଅନ୍ୟ କେତେଜଣ ଯୁବକ ନିକଟସ୍ଥ ବୋଧେଇ ଗ୍ରାମକୁ ଡ୍ରାମା ଦେଖିବାକୁ ଯିବା ନିମନ୍ତେ ରାତି ପ୍ରାୟ ୧୦ଟାରେ ଗାଁ ମୁଣ୍ଡ ଚାନ୍ଦିନୀରେ ଏକତ୍ରିତ ହୋଇଥିଲେ। ଏହି ସମୟରେ ପରେଶ ସେଠାରେ ପହଞ୍ଚି ମନୋଜଙ୍କୁ ଏକ ଖଣ୍ଡାରେ ଆକ୍ରମଣ କରିଥିଲେ। ଫଳରେ ମନୋଜ ଗୁରୁତର ହେବା ସହ ଅନ୍ୟ ୩ ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ମନୋଜଙ୍କୁ ଉଦ୍ଧାର କରି ପ୍ରଥମେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ପେଟ, ବେକ ଓ ହାତରେ ଗଭୀର ଆଘାତ ଲାଗିଥିଲା। ମନୋଜଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଏନେଇ ତଦନ୍ତ ଜାରି ରହିଛି ବୋଲି ତିର୍ତ୍ତୋଲ ଥାନା ଆଇଆଇସି ପ୍ରଦୀପ କୁମାର ସେଠୀ କହିଛନ୍ତି।

# ୫ ଲୁହାପଥର ବୋଝେଇ ଟ୍ରକ୍ ଜବତ


ଜବତ ଲୁହାପଥର ବୋଝେଇ ଟ୍ରକ୍।

ବଡ଼ବିଲ/ଯୋଡ଼ା,୬।୧୦ (ଜୟନ୍ତୀ ରଣା/ମାନସ ମହାନ୍ତି)

## ସୁରକ୍ଷାକର୍ମୀଙ୍କୁ ଧମକାଇ ଚୋରାଚାଲାଣ ହେଉଥିଲା

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳର ରୁଗୁଡି ଥାନା ଅନ୍ତର୍ଗତ ନୂଆଗାଁ ଖଣି ଲିଜ ଅଞ୍ଚଳ ଓଏମ୍‌ସି (ଓଡିଶା ମାଇନିଂ କର୍ପୋରେଶନ) ଷ୍ଟକ୍ ୟାର୍ଡରୁ ଲୁହାପଥର ଚୋରାଚାଲାଣ ବେଳେ ପୋଲିସ ୫ ଲୁହାପଥର ବୋଝେଇ ଟ୍ରକ୍ ଜବତ କରିଛି। ଘରୋଇ ସୁରକ୍ଷାକର୍ମୀଙ୍କୁ ଧମକାଇ ଲୁହାପଥର ଚୋରାଚାଲାଣ ହେଉଥିଲା। ଘଟଣାସ୍ଥଳରୁ ଚୋରା କାରବାରରେ ସମ୍ପୃକ୍ତ ଜଣେ ଡ୍ରାଇଭରଙ୍କୁ ପୋଲିସ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ୨୦୨୦ରୁ ଖଣି ନିଲାମ ପୂର୍ବରୁ ଏଠାରେ ବହୁ ପରିମାଣର ଗୁଣ୍ଡ ଲୁହାପଥର ଗଚ୍ଛିତ ହୋଇଛି। ତାହା ଓଡ଼ିଶା ଖଣି ନିଗମ ତତ୍ତ୍ୱାବଧାନରେ ଥିବା ବେଳେ ସୁରକ୍ଷା ପାଇଁ ଓଏମ୍‌ସି ଦ୍ୱାରା ସୁରକ୍ଷାକର୍ମୀ ନିୟୋଜିତ କରାଯାଇଥିଲା। ସୁରକ୍ଷାକର୍ମୀଙ୍କୁ ଧମକ ଦେଇ ରବିବାର ବିଳମ୍ବିତ ରାତିରେ ଲିଜ୍ ଅଞ୍ଚଳରେ ପୂର୍ବରୁ ଗଚ୍ଛିତ ଷ୍ଟକ୍‌ରୁ ଖଣିଜ ଚୋରା ବ୍ୟବସାୟୀମାନେ ଲୋଡର ମେଶିନ ଦ୍ୱାରା ଟ୍ରକ୍‌ରେ ଲୁହାପଥର ଲୋଡିଂ କରୁଥିଲେ। ଖବର ପାଇ ରୁଗୁଡ଼ି ପୋଲିସ ଅତର୍କିତ ଚଢ଼ାଉ କରିଥିଲା। ତେବେ ପୋଲିସ ଗାଡ଼ି ଆସୁଥିବାର ଦେଖି ଘଟଣାସ୍ଥଳରୁ ଖଣିଜ ଚୋରା ବ୍ୟବସାୟୀ ଖସିଯିବାକୁ ସକ୍ଷମ ହୋଇଥିଲେ। ପୋଲିସ ୫ ଟି ଟ୍ରକ୍ (ଓଡି ୦୯ ୱାଇ ୦୦୧୪, ଓଡି ୦୪ ଏମ ୪୨୪୨, ଡବ୍ଲ୍ୟୁବି ୧୫ ଏଚ୍ ୭୪୯୫, ଜେଏଚ୍ ୦୨ ବିପି ୪୦୯୪, ଓଡି ୧୪ ଏଏଫ ୫୪୮୯) ଜବତ କରିଛି। ଚୋରା କାରବାରରେ ଏକ ବଡ଼ ଧରଣର ର୍ୟାକେଟ କାମ କରୁଥିବା ପୋଲିସ ସନ୍ଦେହ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରିଛି। ପୋଲିସ ଏ ନେଇ ରୁଗୁଡି ଥାନାରେ ଏକ ମାମଲା(ନଂ. ୧୨୫/୨୦୨୫) ରୁଜୁ କରିବା ସହ ଅଟକ ଅଭିଯୁକ୍ତଙ୍କୁ ପଚରାଉଚରା କରୁଛି।

# ପୂର୍ବ ଶତ୍ରୁତା, ଜୁଆଖେଳ ଟଙ୍କାକୁ ନେଇ ଯୁବକଙ୍କୁ ହତ୍ୟା

ଧରାକୋଟ,୬।୧୦(ବିଷ୍ଣୁ କେଶରୀ ଆଚାର୍ଯ୍ୟ)


ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ରେଣ୍ଡୀ ଦାମୋଦରପଲ୍ଲୀ ଗ୍ରାମରେ ପୂର୍ବ ଶତ୍ରୁତା ଓ ଜୁଆଖେଳ ଟଙ୍କା ମାଗିବାକୁ ନେଇ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ଗ୍ରାମର ଡି.ଶଙ୍କର ରେଣ୍ଡୀ ଓରଫ କାଳିଆ (୩୩)। ଏ ସଂକ୍ରାନ୍ତରେ ମୃତକଙ୍କ ବଡ଼ଭାଇ ଡି.ସଞ୍ଜୀବ ରେଣ୍ଡୀ ଧରାକୋଟ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୩୮୩/୨୫ରେ ମାମଲା ରୁଜୁ କରି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଖବରରୁ ଜଣାପଡିଛି, ରବିବାର ରାତି ୧୧ଟାରେ କେତେଜଣ ଡି. ଶଙ୍କରଙ୍କୁ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ନେଉଥିବାବେଳେ ହିଞ୍ଜିଳି ନିକଟରେ ଡି. ଶଙ୍କରଙ୍କ ମୃତ୍ୟୁ ହୋଇଥିଲା। ବ୍ରହ୍ମପୁର ବଡ଼ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଧାର ଟଙ୍କା ମାଗିବା ଓ ପୂର୍ବ ଶତ୍ରୁତାକୁ ନେଇ ତାଙ୍କ ଭାଇଙ୍କୁ ହତ୍ୟା କରାଯାଇଛି ବୋଲି ଡି.ସଞ୍ଜୀବ କହୁଥିବାବେଳେ ଜୁଆଖେଳରୁ ମିଳିଥିବା ଟଙ୍କା ଭାଗବଣ୍ଟାକୁ ନେଇ ଏପରି ଘଟଣା ଘଟିଥିବା ମଧ୍ୟ ଶୁଣିବାକୁ ମିଳୁଛି। ଗ୍ରାମର ଜଗନ୍ନାଥ ମନ୍ଦିରରେ ଜୁଆଖେଳ ଚାଲିଥିବା ସମ୍ପର୍କରେ ଗତ ୨୦ ତାରିଖରେ ଗ୍ରାମର ଜଣେ ଯୁବ ସାମାଜିକ କର୍ମୀ ଧରାକୋଟ ଥାନା, ଆସିକା ଏସ୍‌ଡିପିଓ, ଗଞ୍ଜାମ ଏସ୍‌ପିଙ୍କୁ ଏ ସଂକ୍ରାନ୍ତରେ ଅବଗତ କରାଇଥିଲେ। ଏ ଦିଗରେ କିଛି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଏପରି ହତ୍ୟାକାଣ୍ଡ ଘଟିଲା ବୋଲି ମଧ୍ୟ ଅଭିଯୋଗ ହେଉଛି। ତଦନ୍ତକାରୀ ଅଧିକାରୀ ଏସ୍ଆଇ ବାଲ୍ମୀକି ପ୍ରଧାନ ଘଟଣାର ତଦନ୍ତ କରୁଛନ୍ତି। ଏଥିରେ ସଂପୃକ୍ତ ଥିବା ଅନ୍ୟ ସମସ୍ତ ଅଭିଯୁକ୍ତଙ୍କୁ ଧରିବାକୁ ଜିଲାର ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି। ଖୁବଶୀଘ୍ର ସମସ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍ଆଇ ପ୍ରଧାନ କହିଛନ୍ତି।

## ରାଜ୍ୟ ଖବର

# ଖରସ୍ରୋତା ନଦୀରେ ମହିଳାଙ୍କୁ ଟାଣିନେଲା କୁମ୍ଭୀର

ବିଞ୍ଝାରପୁର/ ବରୀ,୬।୧୦ (ରାମକୃଷ୍ଣ ଦାସ/ ମହେନ୍ଦ୍ର ସ୍ୱାଇଁ)


ମହିଳାଙ୍କୁ କୁମ୍ଭୀର ଟାଣି ନେଉଥିବାର ଦୃଶ୍ୟ


ସୌଦାମିନୀ ମହଲା

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଖରସ୍ରୋତା ନଦୀରେ ସୋମବାର ଅପରାହ୍ନରେ ଜଣେ ମହିଳାଙ୍କୁ ଏକ କୁମ୍ଭୀର ଟାଣିନେଇଛି। ମହିଳା ଜଣଙ୍କ ହେଲେ ବରୀ ବ୍ଲକ ଅଧୀନ ବୋଦୁଅ ପଞ୍ଚାୟତ କନ୍ତିଆ ଗ୍ରାମର ଶୁକଦେବ ମହଲାଙ୍କ ସ୍ତ୍ରୀ ସୌଦାମିନୀ ମହଲା(୫୫)।

ସୌଦାମିନୀ ସବୁଦିନ ପରି ଗାଁ ନଦୀ ତୁଠକୁ ଶୌଚହେବାକୁ ଆସିଥିଲେ। ଶୌଚ ହେବା ସମୟରେ ତୁଠରେ ଛପି ରହିଥିବା କୁମ୍ଭୀର ତାଙ୍କୁ ଗଭୀର ଜଳକୁ ଟାଣି ନେଇଥିଲା। ସ୍ଥାନୀୟ ଲୋକେ ପହଞ୍ଚି ହୋହଲ୍ଲା କରିଥିଲେ। ଏହି ସମୟରେ କୁମ୍ଭୀର ମହିଳାଙ୍କୁ ନଦୀରେ ବୁଡ଼ାଇ ମାରିଦେଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ମହିଳାଙ୍କ ପତ୍ତା ପାଇ ନ ଥିଲେ। ଅନ୍ୟପକ୍ଷରେ ଏହି ଘଟଣାପରେ ସ୍ଥାନୀୟ ବିଞ୍ଝାରପୁର ଓ ବରୀ ସଂଲଗ୍ନ ଖରସ୍ରୋତା ନଦୀର ଉଭୟ ପାର୍ଶ୍ୱ ନଦୀକୂଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଗତ ୧ ମାସ ପୂର୍ବରୁ ଏହି ତୁଠରୁ ଏକ ଗାଈକୁ କୁମ୍ଭୀର ଟାଣି ନେଇଥିଲା। ସେହି ସମୟରେ ଆତଙ୍କିତ ଜନସାଧାରଣ ଏଠାରୁ କୁମ୍ଭୀରକୁ ତଡ଼ିବା ପାଇଁ ବନ ବିଭାଗ ନିକଟରେ ଦାବି କରିଥିଲେ। ଯଦି ବନବିଭାଗ ଉଚିତ ପଦକ୍ଷେପ ନେଇଥାନ୍ତା ଆଜି ଏଭଳି ଘଟଣା ଘଟି ନ ଥାନ୍ତା ବୋଲି ଲୋକେ କହିଛନ୍ତି। ଖବର ଲେଖାହେବାବେଳକୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା। ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ଥିଲେ।

# ବିଷାକ୍ତ ଖାଦ୍ୟ ଖାଇ ଜଣେ ମୃତ, ୨ ଗୁରୁତର ସନ୍ଦେହ

କାମାକ୍ଷାନଗର, ୬।୧୦ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବାଟଗାଁ ପଞ୍ଚାୟତ ଝାଙ୍କିରୀବେରଣା ଗ୍ରାମରେ ବିଷାକ୍ତ ଖାଦ୍ୟ ଖାଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଥିବା ସାଧାରଣରେ ସନ୍ଦେହ କରାଯାଉଛି। ମୃତକ ହେଉଛନ୍ତି ଝାଙ୍କିରୀବେରଣା ଗ୍ରାମର ଲକ୍ଷ୍ମଣ ମୁର୍ମୁ (୬୬)। ଗୁରୁତର ହେଲେ ଲକ୍ଷ୍ମଣଙ୍କ ସ୍ତ୍ରୀ ଫୁଲ ମୁର୍ମୁ (୫୯) ଓ ଝିଅ ସୁଲୋଚନା ମୁର୍ମୁ (୩୯)।

ସୂଚନା ଅନୁଯାୟୀ, ଲକ୍ଷ୍ମଣ, ତାଙ୍କ ସ୍ତ୍ରୀ ଓ ଝିଅ ସୋମବାର ସକାଳୁ ଘରୁ ବାହାରି ନ ଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘର କବାଟ ବନ୍ଦ ଥିବାରୁ ପଡ଼ୋଶୀମାନେ କବାଟ ବାଡ଼େଇଥିଲେ। ହେଲେ ଭିତରୁ କେହି ଜବାବ ନ ଦେବାରୁ ପଡ଼ୋଶୀମାନେ କବାଟ ଭାଙ୍ଗି ଘରେ ପଶିଥିଲେ। ଲକ୍ଷ୍ମଣ, ସ୍ତ୍ରୀ ଓ ଝିଅ ଅଚେତ ଅବସ୍ଥାରେ ପଡ଼ିଥିବାରୁ ସେମାନଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଲକ୍ଷ୍ମଣଙ୍କ ମୃତ୍ୟୁ ହୋଇଥିବା ବେଳେ ଫୁଲ ଓ ସୁଲୋଚନାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତିରେ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। କଙ୍କଡ଼ାହାଡ଼ ଥାନା ଅଧିକାରୀ କଳ୍ପନା ବେହେରା କହିଛନ୍ତି, ସମ୍ପୃକ୍ତ ୩ ଜଣ ରବିବାର ରାତିରେ ବାସୀ ଖାଦ୍ୟ ଖାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଖବରପାଇ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଉଦ୍‌ବେଗ ପ୍ରକାଶ କରିବା ସହ ସମବେଦନା ଜଣାଇଛନ୍ତି। ଘଟଣା ସମ୍ପର୍କରେ ଜିଲାପାଳ,ଏସ୍‌ପିଙ୍କ ସହିତ ଆଲୋଚନା କରିଥିବା ଏମ୍‌ପି ପାଣି କହିଛନ୍ତି।

# ସିବିଆଇ ତଦନ୍ତ ନ ହେଲେ ଆଗକୁ ଜୋରଦାର ଆନ୍ଦୋଳନ: ବିଜେଡି



ଭୁବନେଶ୍ୱର, ୬।୧୦ (ସୁନିତ୍ ମିଶ୍ର)

## ମାଷ୍ଟର କ୍ୟାଣ୍ଟିନଠାରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ପ୍ରତିବାଦ

ପୋଲିସ ଏସ୍ଆଇ ନିଯୁକ୍ତି କେଳେଙ୍କାରୀ ଘଟଣାରେ ଆଶାୟୀଙ୍କୁ ନ୍ୟାୟ ଦାବି ସହ ଅନିୟମିତତା ବିରୋଧରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ସୋମବାର ମାଷ୍ଟର କ୍ୟାଣ୍ଟିନଠାରେ ଜୋରଦାର ପ୍ରତିବାଦ କରାଯାଇଛି। ଏହି ଘଟଣାରେ ଆରମ୍ଭରୁ ହିଁ ବିଜେଡି ସିବିଆଇ ତଦନ୍ତ ଦାବିକରି ଆସୁଛି। ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆ ନ ଗଲେ ଆଗକୁ ଜୋରଦାର ଆନ୍ଦୋଳନ କରିବାକୁ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

ମାଷ୍ଟର କ୍ୟାଣ୍ଟିନ ଛକଠାରେ ବିକ୍ଷୋଭ ବେଳେ ବିଜେଡି କର୍ମୀ ଓ ପୋଲିସ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ବିଜେଡି ନେତାମାନେ ଅଭିଯୋଗ କରିଛନ୍ତି, ଭାଜପା ଶାସନରେ ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ବୃଦ୍ଧି ପାଇ ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ, ଲଜ୍ଜିତ ହୋଇଥିବା ବେଳେ ଏବେ ସରକାରୀ ଚାକିରି ବିକ୍ରି ଭଳି ସାଙ୍ଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ଗତ ୧୫ ମାସରେ ୧୬ଟି ନିଯୁକ୍ତି ପରୀକ୍ଷା ଶେଷ ମୁହୂର୍ତ୍ତରେ ବାତିଲ ହୋଇଛି। ଏଥିଯୋଗୁ ନିଯୁକ୍ତି ଆଶାୟୀମାନେ ହତାଶ ହୋଇଛନ୍ତି। ପୋଲିସ ଏସ୍ଆଇ ପଦବୀ ପାଇଁ ଚଳିତ ବର୍ଷ ମାର୍ଚ୍ଚ ୮ ଓ ୯ରେ ହେବାକୁ ଥିବା ଲିଖିତ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଥିଲା। ଏହାକୁ ଅକ୍ଟୋବର ୭ ଓ ୮ରେ କରିବାକୁ ସ୍ଥିର କରାଯାଇଥିଲା। ହେଲେ ୩୦ ସେପ୍ଟେମ୍ବରରେ ଏହାକୁ ପୁନର୍ବାର ବାତିଲ କରାଗଲା। ଏହି ନିଯୁକ୍ତି ପ୍ରକ୍ରିୟାରେ ଜାଲିଆତିରେ ସମ୍ପୃକ୍ତ ଥିବା ୧୧୪ ଜଣ ପରୀକ୍ଷାର୍ଥୀ ଓ ୩ ଜଣ ଦଲାଲଙ୍କୁ ଗିରଫ କରାଯାଇଛି। ଗିରଫ ପରୀକ୍ଷାର୍ଥୀମାନେ ମୋଟା ଅଙ୍କର ଲାଞ୍ଚ ଦେଇ ଏହି ଚାକିରି ହାତେଇବା ପାଇଁ ଉଦ୍ୟମ କରୁଥିଲେ ବୋଲି କୁହାଯାଉଛି। ଯେଉଁ ପଞ୍ଚସଫ୍ଟ କମ୍ପାନୀ ଏହି ପରୀକ୍ଷା ପରିଚାଳନା ଦାୟିତ୍ୱ ପାଇଥିଲା ତା'ର ମୁଖ୍ୟ ଶଙ୍କର ପୃଷ୍ଟି ଭାଜପାର ଜଣେ ସଦସ୍ୟ ବୋଲି ବିଜେଡି ଅଭିଯୋଗ କରିଛି। କେଉଁ ପରିସ୍ଥିତିରେ ଓ କାହା ନିର୍ଦ୍ଦେଶରେ ପଞ୍ଚସଫ୍ଟ ଭଳି ଏକ ଅନଭିଜ୍ଞ କମ୍ପାନୀକୁ ଏଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା ବୋଲି ବିଜେଡି ପ୍ରଶ୍ନ କରିଛି। ଏବେ ଘଟଣାର ତଦନ୍ତ ପୋଲିସ କରୁଛି, ଯିଏ ନିଜେ ଏଥିରେ ସମ୍ପୃକ୍ତ ବୋଲି ବିଜେଡି କହିଛି।

# ସିବିଆଇ କ'ଣ, ଦରକାର ପଡ଼ିଲେ ଏନ୍ଆଇଏ ତଦନ୍ତ ହେବ: ଭାଜପା ଯୁବମୋର୍ଚ୍ଚା

ଭୁବନେଶ୍ୱର, ୬।୧୦ (ସୁନିତ୍ ମିଶ୍ର)

ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଦେଢ଼ ବର୍ଷ ହେବ ଭାଜପା ସରକାର ଚାଲିଛି। ମାତ୍ର ଏହି ସରକାରରେ ଏପର୍ଯ୍ୟନ୍ତ କୌଣସି ପ୍ରକାର ଦୁର୍ନୀତିର ଛାପ ପଡ଼ିନାହିଁ। ଯେଉଁଠି ବି ଦୁର୍ନୀତି ହୋଇଛି, ସେଠାରେ ବିହୀତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତଦନ୍ତ ପରେ ସେମାନଙ୍କୁ ଗିରଫ କରି ଜେଲ ପଠାଇ ଦିଆଯାଇଛି। ଏବେ ପୋଲିସ ଏସ୍ଆଇ ଦୁର୍ନୀତି ଘଟଣାରେ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ୧୧୪ ଆଶାୟୀ ଓ ୩ ମଧ୍ୟସ୍ଥଙ୍କୁ ଗିରଫ କରାଯାଇଛି। ବିଜେଡି ସରକାରରେ ଅତୀତରେ ଦୁର୍ନୀତି ଉପରେ ଘଣ୍ଟ ଘୋଡ଼ାଯାଉଥିଲା। ହେଲେ ଏବେ ଭାଜପା ସରକାର ଆକ୍ସନ ନେଉଛନ୍ତି। ତେଣୁ ଦୋଷୀଙ୍କୁ ଧରିବା ପାଇଁ ସିବିଆଇ କ'ଣ, ଦରକାର ପଡ଼ିଲେ ଏନ୍ଆଇଏ ତଦନ୍ତ ହେବ ବୋଲି ଭାଜପା ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅଭିଳାଷ କହିଛନ୍ତି, ଗତ ସରକାରରେ ଦୁର୍ନୀତି ଚରମସୀମା ଛୁଇଁଥିଲା। ୨୦୨୩ରେ ସିଭିଲ୍ ଜେଇ ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ସେତେବେଳେ ବାଲେଶ୍ୱର ପୋଲିସ ଗୋଟିଏ ର୍ୟାକେଟକୁ ଧରିଥିଲା। ସେହି ସମୟରେ ବିଜେଡି ସରକାରରେ ଥିଲା। ଏହି ମାମଲାରେ ସେତେବେଳେ ୮୬ଜଣ ପରୀକ୍ଷାର୍ଥୀଙ୍କୁ ପୋଲିସ ଅଟକ ରଖିଥିଲା। ସମ୍ପୃକ୍ତ ଅଭିଯୁକ୍ତମାନେ ଏହି ଚାକିରି ପାଇଁ ଟଙ୍କା ଦେଇଥିବା ଜଣାପଡ଼ିଥିଲା। ମାତ୍ର ସେମାନଙ୍କ ବିରୋଧରେ ବିଜେଡି ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଏପରିକି ଏଫ୍ଆଇଆର୍ ମଧ୍ୟ ହୋଇ ନ ଥିଲା। କାରଣ ଏଥିରେ ବିଜେଡି ନେତାମାନଙ୍କ ସିଧାସଳଖ ସମ୍ପୃକ୍ତି ଥିଲା। ଟଙ୍କା ନେଇ ଚାକିରି ଦେବା ଦୁର୍ନୀତି ବିଜେଡିର ଏକ ପ୍ରକ୍ରିୟା ପାଲଟିଯାଇଥିଲା। ମାତ୍ର ଭାଜପା ସରକାର ପୁରୁଣା ଢାଞ୍ଚାରେ ଚାଲୁଥିବା ଚାକିରି ବିକ୍ରି ସିଣ୍ଡିକେଟକୁ ଧରିଛନ୍ତି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ୧୩ ଜଣ ଗୋଟିଏ କୋଚିଂ ସେଣ୍ଟରର ନାମ କହିଛନ୍ତି। ତାହା ହେଲା ବଣିକ। ଦେଶର ଯେତେସବୁ ଭଲ କୋଚିଂ ସେଣ୍ଟର ରହିଛି ସଭିଏଁ ପିଲାଙ୍କୁ ପାଠ ପଢ଼ିବା ପାଇଁ ଭଲଭଲ ସ୍ଲୋଗାନ ଦେଉଥିବାବେଳେ ବଣିକର ସ୍ଲୋଗାନ ଥିଲା ସରକାରୀ ଚାକିରି ଥୁଆ ହୋଇଛି। ଅର୍ଥାତ୍ ସରକାରୀ ଚାକିରି କରିବାକୁ ଚାହିଁଲେ କେବଳ ବଣିକରେ ନାମ ଲେଖାନ୍ତୁ। ଏଥିରୁ ସ୍ପଷ୍ଟ ଯେ, ଏହି କେଳେଙ୍କାରୀରେ ବଣିକ ଅନୁଷ୍ଠାନର ମାଲିକ ତଥା ବିଜେଡିର ଟାଣୁଆ ନେତା ସୁବ୍ରତ ଛାଟୋଇଙ୍କ ସମ୍ପୃକ୍ତି ରହିଛି। ବିଜେଡି ସରକାର ଅମଳରୁ ଏହା ଚାଲିଆସୁଛି, ଏଣୁ ପିଲାମାନଙ୍କୁ ଏହି ସଂସ୍ଥା ଓ ଏହାର ମାଲିକ ନିର୍ଭର ପ୍ରତିଶ୍ରୁତି ଦେଇଚାଲିଥିଲେ। ଏବେ ପୋଲିସ ଏସ୍ଆଇ ନିଯୁକ୍ତି ଘଟଣାରେ ନୟାଗଡ଼ ଜିଲା ଖଣ୍ଡପଡ଼ା ଏନ୍ଏସି ଅନ୍ତର୍ଗତ ୪ ନମ୍ବର କାଉନସିଲର ତଥା ବିଜେଡି ନେତା ଯତୀନ କୁମାର ଦଳାଇଙ୍କୁ ଗିରଫ କରିଛି। ସେହିପରି ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅନ୍ତର୍ଗତ ପତ୍ରାପାଲିର ମୁନକି ରାଜପଲିଆ ଓ ତାଙ୍କ ସ୍ୱାମୀ ପ୍ରହ୍ଲାଦ ନାଗ ମଧ୍ୟ ଗିରଫ ହୋଇଛନ୍ତି। ମୁନକି ହେଉଛନ୍ତି ବିଜେଡି ସମର୍ଥିତ ସମିତି ସଭ୍ୟ ଏବଂ ଉକ୍ତ ଦଳର ଜଣେ ନାରୀନେତ୍ରୀ। କେବଳ ଏମାନେ ନୁହନ୍ତି ଧରାପଡ଼ିଥିବା ଅଧିକାଂଶ ଅଭିଯୁକ୍ତ ହେଲେ ବିଜେଡିର କାର୍ଯ୍ୟକର୍ତ୍ତା। ମାତ୍ର ଚୋର ମଚାଏ ସୋର ଭଳି ବିଜେଡି ନେତାମାନେ ଏବେ ପ୍ରଳାପ କରିବାରେ ଲାଗିଛନ୍ତି ବୋଲି ଅଭିଳାଷ କହିଛନ୍ତି।

# ନୂଆପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର ତାଙ୍କ ସମ୍ବେଦନହୀନତାକୁ ଦର୍ଶାଉଛି: ବିଜେଡି

ଭୁବନେଶ୍ୱର, ୬।୧୦(ସୁନିତ୍ ମିଶ୍ର)

କଟକରେ ଉଦ୍‌ବେଗଜନକ ସ୍ଥିତି, ଗଜପତି ଜିଲାରେ ଭୂସ୍ଖଳନଜନିତ ସମସ୍ୟା, ୨୦୦ କୋଟି ଟଙ୍କାର ଏସ୍ଆଇ ଚାକିରି କେଳେଙ୍କାରୀ, ୫ଟି ଜିଲାରେ ବର୍ଷାଜନିତ ବ୍ୟାପକ କ୍ଷୟକ୍ଷତି, ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିର ମୁକାବିଲା କରିବା ପରିବର୍ତ୍ତେ ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ାରେ ନିର୍ବାଚନୀ ପ୍ରଚାରକୁ ବିଜେଡି ପକ୍ଷରୁ ନିନ୍ଦା କରାଯାଇଛି। ଶଙ୍ଖ ଭବନଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ ଦାସବର୍ମା କହିଛନ୍ତି, ନିର୍ବାଚନ ଆଚରଣ ବିଧି ଲାଗୁ ହେବାର ୨ ଘଣ୍ଟା ପୂର୍ବରୁ ମୁଖ୍ୟମନ୍ତ୍ରୀ ନୂଆପଡ଼ାରେ ୧୧୦୦ କୋଟିର ପ୍ରକଳ୍ପ ଘୋଷଣା କରିବା ଦୁର୍ଭାଗ୍ୟଜନକ। ଭାଇଚାରାର ସହର କଟକରେ କେବେ ନ ଦେଖିବା ସ୍ଥିତି ବର୍ତ୍ତମାନ ଡବଲ ଇଞ୍ଜିନ ସରକାରରେ ଦେଖିବାକୁ ମିଳିଛି। ନିଯୁକ୍ତି ଆଶାୟୀ ଯୁବ ସମାଜକୁ ପ୍ରତାରଣା କରି ସରକାରୀ ପ୍ରୋତ୍ସାହନରେ ପୋଲିସ ଏସ୍ଆଇ ଚାକିରି ବିକ୍ରି ହେବା ଘଟଣା ରାଜ୍ୟବାସୀଙ୍କ ମନକୁ ଆନ୍ଦୋଳିତ କରିଛି। ଏଭଳି ସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ାରେ ନିର୍ବାଚନୀ ପ୍ରଚାର ରାଜ୍ୟବାସୀଙ୍କ ପ୍ରତି ସମ୍ବେଦନହୀନତାକୁ ଦର୍ଶାଉଛି ବୋଲି ସେ କହିଛନ୍ତି। ଏହି ଅବସରରେ ବିଜୁ ମହିଳା ଜନତା ଦଳ ସଭାପତି ସ୍ନେହାଙ୍ଗିନୀ ଛୁରିଆ ଏବଂ ବିଧାୟକ ଅଶ୍ୱିନୀ ପାତ୍ର ଉପସ୍ଥିତ ଥିଲେ।

ବିଶ୍ୱସୃଷ୍ଟି ଆରମ୍ଭରେ ଥିଲା ପ୍ରେମ ଏବଂ ପ୍ରେମ ହିଁ ଭଗବାନ। ... ପ୍ରେମ ହିଁ କେବଳ ପୃଥିବୀର ଦୁଃଖ ଯନ୍ତ୍ରଣା ଉପଶମ କରିବା ପାଇଁ ସମର୍ଥ। ... ଏ ବିଶ୍ୱରେ ଯେତେ ପ୍ରକାର ଶକ୍ତି କାର୍ଯ୍ୟ କରୁଛନ୍ତି- ସେମାନଙ୍କ ଭିତରେ ପ୍ରେମ ହିଁ ସବୁଠାରୁ ଅପ୍ରତିରୋଧ ଓ ସବୁଠାରୁ କ୍ଷମତାଶାଳୀ। -ଶ୍ରୀମା

-କୁମାର ପୂର୍ଣ୍ଣିମା ଓ କାର୍ତ୍ତିକ ବ୍ରତାରମ୍ଭ



# ଚାକିରି ପାଇଁ ନିବେଶ

ସଭ୍ୟ ସମାଜରେ ପୋଲିସ ଆପରାଧିକ ନ୍ୟାୟ ବ୍ୟବସ୍ଥାର ମେରୁଦଣ୍ଡ ବୋଲି କୁହାଯାଇଥାଏ। ପ୍ରାରମ୍ଭିକ ପର୍ଯ୍ୟାୟରେ ଆଇନଶୃଙ୍ଖଳା ବଜାୟ ରଖିବା, ଅପରାଧ ଠାବ କରି ତାହାକୁ ଦୂର କରିବା ଏବଂ ଜନସାଧାରଣଙ୍କ ଜୀବନ ଓ ଧନର ସୁରକ୍ଷା କରିବା ହେଉଛି ପୋଲିସର ଦାୟିତ୍ୱ। ହେଲେ ଆଜି ଓଡ଼ିଶା ସମେତ ସବୁ ରାଜ୍ୟର ପୋଲିସ ଯେମିତି ବଡ଼ବଡ଼ିଆଙ୍କ ଜଗୁଆଳି ସାଜିଛନ୍ତି। ସେମାନେ ଭିଆଇପିଙ୍କ ସୁରକ୍ଷାରେ ରହୁଥିବା ଅଧିକାଂଶ ବେଳେ ଦେଖିବାକୁ ମିଳୁଛି। ଅପରାଧକୁ ନିୟନ୍ତ୍ରଣ କରିବା ଅପେକ୍ଷା 'ଭିଆଇପି ମୁଭ୍‌ମେଣ୍ଟ' ପାଇଁ ଟ୍ରାଫିକ୍ ଜଗିବାକୁ ବଡ଼ କାମ ବୋଲି ପୋଲିସ ଧରି ନେଉଛି। ପୋଲିସ ଷ୍ଟେଶନରେ ଥାନା ବଡ଼ ବାବୁ କାହାନ୍ତି ପ୍ରଶ୍ନ କଲେ, ଉତ୍ତର ମିଳିବ ସାର୍ ମନ୍ତ୍ରୀଙ୍କ ସୁରକ୍ଷାରେ ବ୍ୟସ୍ତ। ଲାଗିଲାଣି ଯେମିତି ପୋଲିସ ବଡିଗାର୍ଡ ୟୁନିଟ୍ ହୋଇଯାଇଛି। ଅପରାଧ ତା' ବାଟରେ ଦୌଡୁଛି। ସମସ୍ୟା ଅଣାୟତ୍ତ ହୋଇଗଲାଣି ବୋଲି କଟକ ଭଳି ଘଟଣା ପ୍ରମାଣ କରିଦେଉଛି। ସହର ଡିସିପି ଓ ତାଙ୍କ ସହ ୨୫ ଜଣ ପୋଲିସ କର୍ମଚାରୀ ଗୁରୁତର ଆହତ ହେବା ଖବର ସ୍ଥାନୀୟ ଗୁଣ୍ଡା ଓ ଅସାମାଜିକ ବ୍ୟକ୍ତିଙ୍କ ମନୋବଳ ବଢ଼ାଇବା ସୁନିଶ୍ଚିତ। ଯେତେବେଳେ ପୋଲିସ ନିଜକୁ ସୁରକ୍ଷା ଦେବାରେ ଅକ୍ଷମ ହୋଇପଡ଼େ ସେତେବେଳେ ସଭ୍ୟ ସମାଜରେ ମୂଳଦୁଆ ଭୁଶୁଡ଼ି ପଡ଼ିଲା ଭଳି ହୃଦ୍‌ବୋଧ ହେବା ସ୍ୱାଭାବିକ।

ଏଥିସହିତ ଅନ୍ୟ ଏକ ଦିଗକୁ ବି ଦେଖାଯାଉ। ବିଗତ କିଛି ବର୍ଷ ହେଲା ବାରମ୍ବାର ପ୍ରବେଶିକା ଓ ନିଯୁକ୍ତି ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ହେବା କିମ୍ବା ଅଶାୟୀଙ୍କୁ ଗଳାବାଟ ଦେଇ ଯୋଗ୍ୟ କରାଇବା ଭଳି ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଏଭଳି କାର୍ଯ୍ୟକଳାପକୁ ପୋଲିସ ଠିକ୍ ଭାବେ ତଦନ୍ତ କରି ନିୟନ୍ତ୍ରଣ କରିପାରୁନାହିଁ। ଓଡ଼ିଶା ନ୍ୟାୟିକ ସେବା (ଓଜେଏସ୍), ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି), ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଓ ଅମିନ ପରୀକ୍ଷାକୁ ବାତିଲ କରାଯିବା ଏସବୁର ଦୃଷ୍ଟାନ୍ତ। ନିକଟରେ ଓଡ଼ିଶା ପୋଲିସର ସବ୍-ଇନ୍ସପେକ୍ଟର (ଏସ୍‌ଆଇ) ପରୀକ୍ଷା ଜାଲିଆତି ରାଜ୍ୟବ୍ୟାପୀ ଚହଳ ପକାଇବା ତା'ର ଦକ୍ଷତା ଉପରେ ପ୍ରଶ୍ନ ଉଠାଇଛି। ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ଦ୍ୱାରା ହେବାକୁ ଥିବା ଏହି ପରୀକ୍ଷାକୁ ଶେଷରେ ବାତିଲ କରିବାକୁ ପଡ଼ିଛି । ଘଟଣାକୁ ଦେଖିଲେ ଏହି ପରୀକ୍ଷାର ପରିଚାଳନା ଦାୟିତ୍ୱ ନେଇଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଆଇଟିଆଇ ଲିମିଟେଡ୍ ତାହାକୁ ସିଲିକନ ଟେକଲାବ୍ ପ୍ରାଇଭେଟ ଲିମିଟେଡ୍‌କୁ ଦେଇଥିଲା। ସିଲିକନ୍ ପୁଣି ପଞ୍ଚସଫ୍ଟ ଟେକ୍‌ନୋଲୋଜିସ୍ ପ୍ରାଇଭେଟ ଲିମିଟେଡ୍‌କୁ କାମ ଦେଇଥିଲା। ଅର୍ଥାତ୍ ୩ ସେଣାରେ ପରୀକ୍ଷା କରାଇବା ଦ୍ୱାରା ପ୍ରତ୍ୟେକ ସଂସ୍ଥା ନିଜ ଲାଭ ରଖି ପରବର୍ତ୍ତୀ ସଂସ୍ଥାକୁ କାମ ହସ୍ତାନ୍ତର କରିଛି। ଏଥିରୁ ବୁଝିବାକୁ ହେବ ଯେ କରଦାତାଙ୍କ ଅର୍ଥକୁ କେତେ ପରିମାଣରେ ନଷ୍ଟ କରାଯାଉଛି। ଏହାବ୍ୟତୀତ ଏହିସବୁ ପରୀକ୍ଷାରେ କେଉଁଠାରୁ ବଦ୍‌ମାସି ଆରମ୍ଭ ହେଲା ତାହା ଲୁଚିଯିବା ସହଜ ହୋଇଥାଏ ଯେତେବେଳେ ବିଭିନ୍ନ ପରସ୍ତରେ କାମ କରାଯାଇଥାଏ। ଦେଖିବାକୁ ଗଲେ ସେହିସବୁ ସଂସ୍ଥା ଲିଖିତ ପରୀକ୍ଷା କରିବା ପରେ ଶାରୀରିକ ଓ ମୌଖିକ ପରୀକ୍ଷା ଓପିଆର୍‌ବି କରିଥାଆନ୍ତା। ତେବେ ଘରୋଇ ସଂସ୍ଥା ପଞ୍ଚସଫ୍ଟର ମାଲିକ ଶଙ୍କର ପୃଷ୍ଟିଙ୍କ ଯୋଜନା ଅନୁଯାୟୀ ପରୀକ୍ଷା ପୂର୍ବରୁ ୧୧୪ ଜଣ ଆଶାୟୀଙ୍କୁ ହାଇଦ୍ରାବାଦ ଅଭିମୁଖେ ନିଆଯାଉଥିଲା। ଏ ବିଷୟ ଜଣାପଡ଼ିବା ପରେ ପୋଲିସ ସେମାନଙ୍କୁ ଗିରଫ କରି ଏସ୍‌ଆଇ ପରୀକ୍ଷାକୁ ବାତିଲ କରାଯାଇଛି। ଏଥିରେ ଜଣେ ପୂର୍ବତନ ଜେଲ୍ ଡିଆଇଜିଙ୍କ ପିଲା ରହିଥିବା ଖବର ପଦାକୁ ଆସିଛି। ଖୋଳତାଡ଼ ହେବା ପରେ ହୁଏତ ଅନ୍ୟ କେତେକଙ୍କ ନାମ ପଦାକୁ ଆସିପାରେ। ଜଣାପଡ଼ିଛି ଯେ, ଗୋଟେ ପଦବୀ ପାଇବା ପାଇଁ ଆଶାୟୀମାନେ ୨୫ ଲକ୍ଷ ଟଙ୍କା ଦେବା ଲାଗି ପ୍ରସ୍ତୁତ ହୋଇଥିଲେ। ପରୀକ୍ଷା ପୂର୍ବରୁ ୧୦ ଲକ୍ଷ ଦିଆଯାଇଥିଲା, ଚାକିରି ପାଇଥିଲେ ୧୫ ଲକ୍ଷ ଦେଇଥାଆନ୍ତେ ବୋଲି କଥା ସରିଥିଲା। ଇତିମଧ୍ୟରେ ଏହି ଜାଲିଆତିର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚ ନେଇଥିବା କେବଳ ଧର୍ମକୁ ଆଖିଠାର ଭଳି।

ବାସ୍ତବରେ ଯେଉଁ ପ୍ରାର୍ଥୀମାନେ ପର୍ଯ୍ୟାପ୍ତ ଅର୍ଥ ବିନିଯୋଗ କରି ପୋଲିସ ଚାକିରିରେ ଭର୍ତ୍ତି ହେବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କର ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ କେତେ ଦୃଷ୍ଟି ପଡ଼ିବ ତାହା ଚିନ୍ତାର ବିଷୟ। ଏଥିସହିତ ନିରୀହଙ୍କୁ ନ୍ୟାୟ ଯୋଗାଇବା ପାଇଁ ଏହିଭଳି ପୋଲିସ ଅଫିସରଙ୍କର ଦାୟିତ୍ୱ ପଡ଼ିଲେ ସେମାନେ କେତେ ନିଷ୍ଠାରେ କାମ କରିବେ ତାହା ସମୟ କହୁଛି। ହୁଏତ ସେଥିପାଇଁ ଆଜି ମଧ୍ୟ ଭଦ୍ର ନାଗରିକମାନେ ଥାନାକୁ ଯିବାକୁ ଭୟ କରୁଛନ୍ତି। ଏହି ମାନସିକତା ଅନ୍ୟ ଗଣତାନ୍ତ୍ରିକ ଦେଶଗୁଡ଼ିକରେ ଦେଖିବାକୁ ମିଳେନାହିଁ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ମାତ୍ରକେ ସାଧାରଣ ଲୋକ ଶାନ୍ତିରେ ପ୍ରଶ୍ୱାସ ନେଇପାରନ୍ତି। କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତରେ ସେହିଭଳି ପରିସ୍ଥିତି ଦେଖିବାକୁ ମିଳେ ନାହିଁ। ପୂର୍ବରୁ ଚିନ୍ତା କରାଯାଉଥିଲା ମହିଳାମାନଙ୍କୁ ଆୟତ୍ତ କରିବା ପାଇଁ ମହିଳା ପୋଲିସ ମୁତୟନ ହେବା ଉଚିତ। ପରବର୍ତ୍ତୀ ସମୟରେ ଏବଂ ବିଶେଷକରି ସୋସିଆଲ ମିଡିଆରେ ପୋଲିସର ଅସଦ୍ ବ୍ୟବହାର ଦେଶବାସୀ ଦେଖିବାକୁ ପାଉଛନ୍ତି। ଏଥିରୁ ବୁଝିବାକୁ ହେବ ଯେ ମହିଳା ହୁଅନ୍ତୁ ବା ପୁରୁଷ, ପୋଲିସ ବଳର କ୍ଷମତାକୁ ଅପବ୍ୟବହାର କରିବା ପାଇଁ ସବୁ କର୍ମଚାରୀ ନ ହେଲେ ମଧ୍ୟ ଅଧିକାଂଶ ପ୍ରବଳ ମାତ୍ରାରେ ଇଚ୍ଛୁକ ରହୁଛନ୍ତି। ସେଥିପାଇଁ ୨୫ ଲକ୍ଷ ବିନିଯୋଗ କରି ଚାକିରି ପାଇବା ପରେ ସେହି ପୋଲିସ କର୍ମଚାରୀର ଲୋଭ ଅସରନ୍ତି ହୋଇଯାଉଛି। ଏହା ଏକ ସାମାଜିକ ରୋଗ, ଯାହାର ନିରାକରଣ ରାତାରାତି ହୋଇପାରିବ ନାହିଁ। କାରଣ ଉଚ୍ଚପଦସ୍ଥ ଅଫିସର ମଧ୍ୟ କୌଣସି ଭାବେ ଜନତା ସପକ୍ଷବାଦୀ ଚରିତ୍ର ପ୍ରଦର୍ଶନ କରିବାକୁ ଚେଷ୍ଟା କରୁନାହାନ୍ତି। ସେଥିପାଇଁକି ସକାରାତ୍ମକ ଅନୁକରଣ କରିବା ସୁଯୋଗ ଉପୁଜୁ ନାହିଁ।

## sudoku | ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | | | 3 | | |
| 8 | 9 | | | | | | 1 | 4 |
| | | 1 | | | | 8 | 6 | |
| | | 8 | | | 5 | | | 7 |
| | | | 7 | 8 | | | | |
| | 2 | | | 4 | | | | |
| | 7 | | | | 9 | 6 | | 1 |
| | | | | | 7 | | 4 | |
| | | | 6 | 2 | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 2 | 8 | 5 | 7 | 3 | 9 | 4 |
| 3 | 9 | 5 | 4 | 6 | 1 | 2 | 8 | 7 |
| 7 | 4 | 8 | 2 | 3 | 9 | 1 | 6 | 5 |
| 9 | 3 | 1 | 5 | 8 | 2 | 4 | 7 | 6 |
| 8 | 5 | 7 | 1 | 4 | 6 | 9 | 2 | 3 |
| 6 | 2 | 4 | 7 | 9 | 3 | 8 | 5 | 1 |
| 2 | 7 | 3 | 6 | 1 | 8 | 5 | 4 | 9 |
| 5 | 8 | 9 | 3 | 7 | 4 | 6 | 1 | 2 |
| 4 | 1 | 6 | 9 | 2 | 5 | 7 | 3 | 8 |

ଗତକାଲିର ଉତ୍ତର

# ମନ୍ଦିର ଆଉ ପ୍ରାର୍ଥନା




ସହଦେବ ସାହୁ

ଜଗନ୍ନାଥ ଚାହିଁଲେ ବୋଲି ଆପଣ ଆସିଲେ - ନ ଚାହିଁଥିଲେ କ'ଣ ଆପଣ ଆସିଥାନ୍ତେ? ଶ୍ରୀମନ୍ଦିରରେ ପଣ୍ଡାମାନେ ଏମିତି କହୁଥିବାର ମୁଁ ଶୁଣିଛି, ଆପଣମାନେ ବି ଶୁଣିଥିବେ। କିଏ କାହାକୁ ଡାକୁଛି? ଯଦି ଠାକୁରେ ଡାକୁଛନ୍ତି ତେବେ କେତେଜଣ ଶ୍ରଦ୍ଧାଳୁ ବାଟଘାଟରେ ବା ଭିଡ଼ତୋଡ଼ରେ ମୃତ୍ୟୁ ଲଭୁଛନ୍ତି କାହିଁକି? ଠାକୁରଙ୍କୁ ଆମେ ଡାକିଲେ ପ୍ରାର୍ଥନା, ଠାକୁରେ ଆମକୁ ଡାକିଲେ ପୂଜା। ଆମେ ଠାକୁରଙ୍କୁ ଡାକିଲେ ବଞ୍ଚିଯିବା ନିଶ୍ଚିତ, କିନ୍ତୁ ଠାକୁରେ ଆମକୁ ଡାକିଲେ ଆମ ଭିତରୁ କେତେକେ ମରିବା ନିଶ୍ଚିତ। ଏ କଥା ସର୍ବବିଦିତ, ତଥାପି ଲୋକେ ମନ୍ଦିର, ମସ୍‌ଜିଦ, ଗୁରୁଦ୍ୱାର, ଗିର୍ଜାକୁ ଯାଆନ୍ତି। ତଥାପି ମଣିଷ ଭୁଲିଯାଏ ଯେ ପ୍ରାର୍ଥନା ପ୍ରଥମେ, ଠାକୁର ପରେ। ସ୍କୁଲ ଆରମ୍ଭରେ ଛାତ୍ରୀଛାତ୍ରମାନଙ୍କ ମୁହଁରେ, ପଲିଟିକାଲ ସ୍ପିଚ୍ ପରେ ନେତା ଓ ଦେଖଣାହାରୀମାନଙ୍କ ମୁହଁରେ, ଅପରେଶନ ଥିଏଟର ସାମ୍ନାରେ ଠିଆହୋଇଥିବା ଲୋକଙ୍କ ମୁହଁରେ ତ ୱାର୍ଲଡ କପ୍ ଫାଇନାଲରେ ଲକ୍ଷ ଲକ୍ଷ ଲୋକଙ୍କ ମୁହଁରେ ପ୍ରାର୍ଥନା। ମିଟିଂରେ ପହଞ୍ଚିବାକୁ ଡେରି ହେଉଛି ସେତିକି ବେଳେ ଟ୍ରାଫିକ୍ ଲାଇଟ୍ ଲାଲ ଦିଶିଲା ତ ପ୍ରାର୍ଥନା। ପରୀକ୍ଷା ହଲ୍‌କୁ ଯିବା ରାସ୍ତାରେ, ବିମାନ ଉଡ଼ାଣ ଆରମ୍ଭ ହେଲା କ୍ଷଣି, ପରୀକ୍ଷାଫଳ ଖାତା ଖୋଲିବା ବେଳେ ପ୍ରାର୍ଥନା। ସବୁଠି ପ୍ରାର୍ଥନା। ସବୁ ଧର୍ମରେ। ଠାକୁର ତ ଅସଂଖ୍ୟ। ତା'ଛଡ଼ା ଗୁରୁ, ଯୋଗୀ, ଫକିର, ସନ୍ଥମାନେ ପ୍ରାର୍ଥନାରୁ ଆରମ୍ଭ ଓ ପ୍ରାର୍ଥନାରେ ଶେଷ। ପ୍ରାର୍ଥନା ଧର୍ମ ଭିତରେ ଲୁଚି ରହିଛି ବୋଲି ଆମେ ଭାବୁ, କିନ୍ତୁ ଜଣେ ଧର୍ମାଳୁ ନ ହୋଇ ବି ପ୍ରାର୍ଥନା କରେ। ଏ ଗୋଟିଏ ରୀତି ହୋଇଗଲାଣି।

ରାଜନୀତିରେ ଅଧର୍ମ କାମ କରୁଥିବା ଲୋକ ବି ପ୍ରାର୍ଥନା କରେ - ଧର୍ମାଳୁ ନ ହୋଇ ବି ପ୍ରାର୍ଥନା। ଆମେ ପ୍ରାର୍ଥନା କରିବା ଆବଶ୍ୟକ ବୋଲି ଠାକୁର ରହିବା ଦରକାର। କେହି ତ ଆମ ପ୍ରାର୍ଥନା ଶୁଣିବା ଦରକାର। ପ୍ରାର୍ଥନା କରୁଛୁ ବୋଲି ଆସ୍ଥା ଅଛି, ଆସ୍ଥା ଅଛି ବୋଲି ପ୍ରାର୍ଥନା ନୁହେଁ। ଠାକୁର ଅଛନ୍ତି ବୋଲି ଆମେ ପ୍ରାର୍ଥନା କରୁନା, ପ୍ରାର୍ଥନା କରୁଛୁ ବୋଲି ଠାକୁର ରହିବା ଦରକାର। ଆମ ଶବ୍ଦଗୁଡ଼ାକ କେଉଁଠି ତ ପହଞ୍ଚିବା ଦରକାର! ବିଶ୍ୱାସ (ଭକ୍ତି)ରୁ ପ୍ରାର୍ଥନା ଜନ୍ମେ ନାହିଁ, ପ୍ରାର୍ଥନାରୁ ବିଶ୍ୱାସ/ଆସ୍ଥା/ଧର୍ମ ଆସେ।

ଟିକେ ଭିତରେଇ ଦେଖିଲେ ଜାଣିବା ଯେ ପ୍ରାର୍ଥନା କାହାକୁ କହୁଛୁ ତା' ବିଷୟରେ ଯେତେ ନୁହେଁ ତା'ଠାରୁ ବେଶି ପ୍ରାର୍ଥନାକାରୀର ପରିସ୍ଥିତି ସମ୍ପର୍କରେ, ଯେଉଁ ପରିସ୍ଥିତିରୁ ଆମେ ଦୁଃଖରେ ଅଛୁ ବା ଅସଫଳ ହେବାର ଆଶଙ୍କା ଅଛି ତହିଁରୁ ଉଦ୍ଧାର ପାଇଁ। କ୍ଷୁଦ୍ର ବା ନଗଣ୍ୟ ଅନୁଭବ କରୁଥିବାରୁ ପ୍ରାର୍ଥନା ଆସେ, ଆମେ କ'ଣ ଚାହୁଁଛୁ ସେହି ଭାବନାରୁ ଆସେ। ଏ ଯେପରି ଏକ ମୂଳଚାଲ କାରବାର। ମୁଁ ମୋର ନିମ୍ନ ଭାବ ପ୍ରକାଶ କରୁଛି, ଶରଣ ପଶୁଛି, ତା' ବଦଳରେ



କିଛି ଚାହୁଁଛି। ନିଜର ଅକ୍ଷମତା ପ୍ରକାଶକରି ବିଶ୍ୱରୁ କିଛି ସୁବିଧା ବା ଅନୁଗ୍ରହ (କନ୍‌ସେସନ୍) ଚାହୁଁଛି। ଆମେ କ'ଣ ଚାହୁଁଛୁ ଓ କେତେଦୂର ତାହା ପାଇପାରିବୁ - ଏ ଦୁଇଟା ଭିତରେ ଥିବା ବ୍ୟବଧାନକୁ ପୂରଣ କରିବାର ଇଚ୍ଛାକୁ ପୂରଣ ପାଇଁ ଆମେ ପ୍ରାର୍ଥନା କରୁ। ଆମେ ସମର୍ପଣ ଭାବ ଦେଖାଉ, ସମର୍ପଣ ଭାବ ଭିତରେ ଅଛି ଆମର ଉଚ୍ଚାକାଙ୍କ୍ଷା। ପ୍ରାର୍ଥନାରେ ଆମେ ନିଜକୁ କ୍ଷୁଦ୍ର ମନେକରୁ ଏବଂ ଏମିତି ମନେକରିବା ହେତୁ ନିଜକୁ ମହାନ୍ ଭାବୁ। ପ୍ରାର୍ଥନା ଆମର ତୁଚ୍ଛ ଶରୀରକୁ ବିଶ୍ୱସ୍ତରୀୟ କରିଦିଏ। ପ୍ରାର୍ଥନା ଆମକୁ ଅଭାବୀ ଦର୍ଶାଏ ଏବଂ ଏ ପ୍ରକାର ଅନୁଭବ ଭିତରେ ଆମର ବଡ଼ପଣିଆ, ଅଧିକ ପାଇବାର ଯୋଗ୍ୟତା ଅନୁଭବ କରାଏ। ପ୍ରାର୍ଥନା କାନ୍ଦଣା ନୁହେଁ, ପ୍ରାର୍ଥନା କାନ୍ଦଣାକୁ ତାଳ ଦିଏ, ଦିଗ ଦିଏ, ମର୍ଯ୍ୟାଦା ଦିଏ। ଭିନ୍ନ ଭିନ୍ନ ରୀତିର ପ୍ରାର୍ଥନା ସେଇ ଗୋଟିଏ ପ୍ରବୃତ୍ତିକୁ ପ୍ରମାଣକରେ। ଶବ୍ଦଗୁଡ଼ାକ ବର୍ଣ୍ଣନା ନୁହେଁ, ସେଗୁଡ଼ିକ ଆକାଙ୍କ୍ଷାର ଟେକ୍ନୋଲୋଜି।

ନୂଆ ନୂଆ ଧର୍ମ ଆସୁଛି, ପୁରୁଣା ଉଭେଇଯାଉଛି, ସେମିତି ନୂଆ ନୂଆ ଠାକୁର ଆସୁଛନ୍ତି ପୁରୁଣା ଠାକୁର ଉଭେଇଯାଉଛନ୍ତି। କିନ୍ତୁ ପ୍ରାର୍ଥନା ରହିଛି। କାରଣ ଏ ଆସ୍ଥାର ଉତ୍ତର ନୁହେଁ, ପରିସ୍ଥିତିର ଉତ୍ତର। ଆଣ୍ଠେଇ ପଡ଼ି ପ୍ରାର୍ଥନାକରି ମଣିଷ ନିଜକୁ ଯେତିକି ଛୋଟ କରିଦିଏ ପ୍ରାର୍ଥନା ଶେଷରେ ସେତିକି ବଡ଼ ଅନୁଭବକରେ। ତେଣୁ ପ୍ରାର୍ଥନା ଆଗେ, ଠାକୁର ପରେ।

ମଣିଷର ଭଲପଣିଆ ହରାଇ ଆମେ ଧାର୍ମିକ ବୋଲାଉଛୁ। ଚାଶିସ୍ ଉପରେ ଗାଡ଼ି ରହିଲା ପରି ଧର୍ମ ଉପରେ ନୈତିକତା ଯୋଖିହୋଇ ରହିଗଲାଣି; ତାହା ଦରକାର ନାହିଁ। ସମାଜରେ ନୈତିକତା ଥିଲା ଓ ଅଛି - ସାଧୁ ସନ୍ଥ ବା ଧର୍ମପ୍ରଚାରକମାନେ ଧର୍ମର ରଥ (ଚାଶିସ୍) ଉପରେ ନୈତିକତାକୁ ରଖିଦେଉଛନ୍ତି। ପଡ଼ୋଶୀକୁ ଆହତ କରନାହିଁ, ଯାହା ଖାଦ୍ୟ ପାଉଛ ତାକୁ ବାଣ୍ଟିବୁଣ୍ଟି ଖାଅ, ଝଣ୍ଟି ପଡୁଥିବା ଲୋକକୁ ଉଠାଇ ନିଅ -ଏମିତି ନୈତିକତାକୁ ଆପଣାଅ- ମନ୍ଦ ବା ଖରାପ କରିବାରୁ ଦୂରରେ ରୁହ - ଏସବୁ ଗୁଣର ନାମକରଣ (ବ୍ରାଣ୍ଡିଂ) ଦରକାର ହେଲା। ତାହା ହିଁ ଧର୍ମ। ସବୁ ଧର୍ମର ଜନ୍ମ ତାରିଖ ଅଛି, ନାମକରଣ ହୋଇଛି। ଯେକୌଣସି ଧର୍ମକୁ ଦେଖ, ତାହା ଆଗରୁ ନ ଥିଲା କି ସବୁଆଡ଼େ ନ ଥିଲା, ମଝିରେ କେବେ କେବେ ବଦଳିଛି, କେତେକ ଅଂଶ ହଜିଯାଇଛି। ନୂଆ ଧର୍ମ ବା ପନ୍ଥା ବାହାରିପାରେ - ଏସବୁର ନାମ ଦିଆ ଉତ୍ସବ ପିଲାଟିଏର ନାମକରଣ ହୁଏ, ନାମକରଣ ଉତ୍ସବ ଲାଗି ସରକାରଙ୍କ ପିଆର୍ ବିଭାଗ ଭଳି ଜଣେ ଜନସମ୍ପର୍କ ଅଧିକାରୀ ଦରକାର, ସେ ହେଲେ ଧର୍ମ ପ୍ରବର୍ତ୍ତକ। କେତେଟା ମୌଳିକ ଭଦ୍ରାମି ବା ସତ୍ ଚରିତ୍ରର ନାମକରଣ ଦରକାର ହେଲା ତା' ନାଁ ହେଲା ଧର୍ମ। ଏକ ପ୍ରକାର ଜିନିଷକୁ ଭିନ୍ନ ଭିନ୍ନ କମ୍ପାନୀ ନୂଆ ନୂଆ ନାଁ ଦେଇ ପ୍ୟାକିଂ କଲା ଭଳି। କୁହାହେଲା ଧର୍ମ ହେଉଛି ସ୍ୱର୍ଗକୁ ଯିବାର ଟିକେଟ। ଆଉ ଥରେ ମଣିଷ ଜନ୍ମ ନ ହେବା ପାଇଁ ଆଚରଣ। ନର୍କର ନିଆଁରେ ଜଳିପୋଡ଼ି ହେବାରୁ ରକ୍ଷାପାଇବା ପାଇଁ ଏ ଭୂଇଁରେ ଆଚରଣ। ଏ ସବୁ ନୈତିକତା - ଧର୍ମ ନୈତିକତାର ଜନକ ହୋଇଗଲା। ସହାନୁଭୂତି ବା ବନ୍ଧୁପଣିଆ ସ୍ୱର୍ଗକୁ ଯିବାର ଟିକେଟ ହୋଇଗଲା। ସବୁ ଭଲ ଗୁଣର ବାଃ ବାଃ ନେଇଗଲା ଧର୍ମ। ସମାଜରେ ଭଲ ଭାବେ ଚଳିବାର ଗୁଣର ଜନନୀ ହୋଇଗଲା ଧର୍ମ, ଏକ ଜିପିଏସ୍ (ଜିଓଗ୍ରାଫିକାଲ୍ ପୋଜିସନିଂ ସିଷ୍ଟମ୍ - ବାଟ କଢ଼ାଳି ବ୍ୟବସ୍ଥା) ହୋଇଗଲା ଧର୍ମ। ଧର୍ମ ସଭା ବା ମନ୍ଦିରକୁ ରାସ୍ତା ଦେଖାଇଲା, ଅମୁକ ମନ୍ଦିର, ମସ୍‌ଜିଦ୍, ଗୁରୁଦ୍ୱାର ବା ଚର୍ଚ୍ଚକୁ ଗଲେ ସ୍ୱର୍ଗକୁ ବାଟ ମିଳିଯିବ? ଧର୍ମଗ୍ରନ୍ଥକାରକମାନେ କଥା/ଲେଖାଚୋର - ପ୍ଲାଗିଆରିଷ୍ଟ - ପୂର୍ବ ଧର୍ମର ନୈତିକ ବଚନକୁ ନିଜର ବୋଲି କହୁଥିବା ଲୋକ। ତେଣୁ ନିଜକୁ ସାଧୁ ବା ଋଷି ବୋଲାଉଥିବା ଲୋକ ପ୍ରତି ସାବଧାନ ହେବା ଉଚିତ। ଭଲ ମଣିଷ ହେବା ପାଇଁ ତାଙ୍କ ଉପରେ ନିର୍ଭର କରିବାକୁ ସେମାନେ କହନ୍ତି, ତାଙ୍କର ଅଧୀନ ହେବାକୁ କହନ୍ତି। ସେମାନେ ଆମର ସ୍ୱାଧୀନତା ହରଣ କରନ୍ତି, ଆମର ଧନ ଜନ ଅପହରଣ କରନ୍ତି। ଆମ ଜୀବନରୁ ବାଳୁଙ୍ଗା ଅନାବନା ଗୁଣ ଉପାଡ଼ିଦେବା ଆଳରେ ସେମାନେ ନୂଆ ବାଳୁଙ୍ଗା ନୂଆ ଅନାବନା ଗୁଣ ଦିଅନ୍ତି। କାହାକୁ ଗୁରୁ କଲେ ତୁମ ଧର୍ମ ବଢ଼ିବ, ମିଛ କଥା। ନିଜେ ଭଲ ନ ହେଲେ ଆଉ ଜଣେ ତୁମକୁ ଭଲ କରିପାରିବ ନାହିଁ। ଗୋଟିଏ ବିଶ୍ୱାସ ପ୍ରତି ବନ୍ଧାହୋଇଗଲେ ସତ୍ୟର ଅନୁସନ୍ଧାନ ବନ୍ଦ ହୋଇଯାଏ, ସତ୍ୟ ଓ ନୈତିକ ମାର୍ଗରେ ବାଡ଼ ପକାଇଦିଏ। ମନ୍ଦିରକୁ ଯାଇ ପୂଜକ ଜରିଆରେ ଠାକୁରଙ୍କୁ ଦରାଣ୍ଡିଲେ ସେ ମିଳିବେ ନାହିଁ, ସେ ତ ତୁମ ଅନ୍ତରରେ ଅଛନ୍ତି। ନିଜ ବାସସ୍ଥାନ ହିଁ ଦେବାଳୟ।

-sahadevas@yahoo.com

# ସ୍ତ୍ରୀ ଲୋକର ଦୁଃଖ




ଅନୁଲିପ୍ତା ମିଶ୍ର

ଆପଣମାନେ ଏହି ଶୀର୍ଷକ ଦେଖି ଭାବୁଥିବେ ସ୍ତ୍ରୀ ଲୋକର ଦୁଃଖ ପୁଣି କ'ଣ! ଦୁଃଖ କାହାର ନାହିଁ ଯେ! ସେ ପୁରୁଷ ହେଉ ବା ସ୍ତ୍ରୀ ସମସ୍ତଙ୍କର କିଛି ନା କିଛି ଦୁଃଖ ଅଛି। ସତକଥା, ସମସ୍ତଙ୍କ ଜୀବନରେ ଅଳ୍ପ, ବହୁତ ଦୁଃଖ ଅଛି, କଷ୍ଟ ଅଛି। ଦୁଃଖ ନ ଥିଲେ ସୁଖକୁ କ'ଣ ଭୋଗି ହୁଅନ୍ତା! କିନ୍ତୁ ସ୍ତ୍ରୀ ଲୋକର ଦୁଃଖ ଟିକେ ଅଲଗା ପ୍ରକାର। ପ୍ରଥମ ଦୁଃଖ ହେଲା, ଯୋଉ ଘରେ ସିଏ ଜନ୍ମ ହୁଏ, ଯୋଉ ମା' ବାପା, ପରିବାରର ସ୍ନେହ ପାଇଁ ସେ ବଡ ହୁଏ କିଛି ବର୍ଷ ପରେ ତାକୁ ସେ ଘର ଛାଡ଼ି ପର ଘରକୁ ଆସିବାକୁ ପଡେ। ସେହି ଘରେ ସେ କାହାକୁ ଚିହ୍ନି ନ ଥାଏ,ଜାଣି ନ ଥାଏ, ସେମାନଙ୍କ ସହ ତା'ର କୌଣସି ରକ୍ତ ସମ୍ପର୍କ ନ ଥାଏ। କିନ୍ତୁ ସେଇ ପରଲୋକମାନଙ୍କୁ ତାକୁ ନିଜର କରିବାକୁ ପଡେ। ତାକୁ କ'ଣ ଖାଇବାକୁ ଭଲ ଲାଗେ, କ'ଣ କରିବାକୁ ଭଲ ଲାଗେ, ତା'ର ଇଚ୍ଛା, ଅନିଚ୍ଛା ଉପରେ କାହାର ଗୁରୁତ୍ୱ ନ ଥାଏ। ତାକୁ କିନ୍ତୁ ସେ ଘରର ସମସ୍ତଙ୍କର ଭଲ ମନ୍ଦ ବୁଝି ଘରକୁ ଚଳେଇ ନେବାକୁ ପଡେ। ବାପଘରେ ଯେତେ ଅଲିଅଳରେ ବଢିଥିଲେ ବି ଶାଶୁଘରେ ତା'ର ସେ ଅଲିଅଳ ସରିଯାଏ। ସେଇ ଘର ଯେଉଁ ଘରେ ସିଏ ଜନ୍ମ ହୋଇଥାଏ, ଯେଉଁ ଘରେ ସେ ଛୋଟରୁ ବଡ ହୋଇଥାଏ ସେଇ ଘରକୁ ଯିବାକୁ ତାକୁ ପୁଣି ଅନ୍ୟର ମତାମତ ଓ ଅନୁମତି ନେବାକୁ ହୁଏ।

ଦେହ ଖରାପ ସମସ୍ତଙ୍କର ହୁଏ, କିନ୍ତୁ ସ୍ତ୍ରୀ ଲୋକର ଦେହ ଖରାପ ହେଲେ ଆହୁରି ଦୁଃଖ। ସେଇ ଅସୁସ୍ଥତା ଭିତରେ ବି ତାକୁ ଘରକଥା ବୁଝିବାକୁ ପଡେ, ରୋଷେଇ କରିବାକୁ ପଡେ, ଛୁଆପିଲାଙ୍କ କଥା ବୁଝିବାକୁ ପଡେ। ତା' ଦେହରେ ମୁଣ୍ଡରେ ହାତ ମାରିବାକୁ କିନ୍ତୁ କେହି ନ ଥାନ୍ତି। ଘରେ ସ୍ତ୍ରୀ ଲୋକଟିର ଦେହ ଖରାପ ହେଲେ ଘର ଯେମିତି ଅଚଳ ହେଲାପରି ଲାଗେ। ପରିବା କାଟୁ କାଟୁ ପନିକିରେ କେତେଥର ତା' ହାତ କଟେ, ରୋଷେଇ କଲାବେଳେ କେତେଥର ତା' ହାତରେ ଚିଆଁ ଲାଗେ ତା'ର ହିସାବ ନ ଥାଏ।ସେଇ କଟା ହାତର ଦରଜରେ ବି ସେ ବାସନ ମାଜେ, ପୁଣି ପରିବା କାଟେ। ଚିଆଁ ଲାଗିଗଲା ତ ପେଷ୍ଟ ଟିକେ ମାରି ପୁଣି କାମ କରିଯାଏ। ଏସବୁ ତ ଅତି ସାମାନ୍ୟ କଥା ତା' ପାଇଁ।

ଘରର ସବୁକାମ ସାରି ଶେଷରେ ବିଛଣାକୁ ଯାଏ, କିନ୍ତୁ ସମସ୍ତଙ୍କ ଆଗରୁ ବିଛଣା ଛାଡ଼ି ପୁଣି ତା' କାମରେ ଲାଗି ପଡେ। ବେଳେବେଳେ ତା' ଶରୀର ବି ଚାହେଁ ଟିକେ ବିଶ୍ରାମ! କିନ୍ତୁ ତା'ର ଦାୟିତ୍ୱ ଓ କର୍ତ୍ତବ୍ୟ ଆଗରେ ବିଶ୍ରାମ ପାଇଁ ତା' ପାଖରେ ସମୟ ନ ଥାଏ। ଯଦି ସ୍ତ୍ରୀଲୋକଟି କର୍ମଜୀବୀ ହୋଇଥାଏ ତା' ଦୁଃଖ କଥା ନ କହିବା ଭଲ। କେତେ ପ୍ରକାର ପ୍ରତିକୂଳ ପରିସ୍ଥିତି ଦେଇ ସେ ଗତି କରେ ତାହା କେବଳ ଜଣେ ଅନୁଭବୀ ହିଁ ବୁଝିପାରିବ। ସ୍ୱାମୀ, ସ୍ତ୍ରୀ ଉଭୟେ କର୍ମଜୀବୀ ହୋଇଥିଲେ ବେଶି ତ୍ୟାଗ ସ୍ତ୍ରୀକୁ ହିଁ କରିବାକୁ ପଡିଥାଏ। ଘର କାମ, ପିଲାଙ୍କ କାମ, ବାହାର କାମ ଭିତରେ ସେ ପେଷି ହୋଇଯାଏ। କର୍ମକ୍ଷେତ୍ରରେ ମଧ୍ୟ ତା' ପାଇଁ କେତେପ୍ରକାର ପ୍ରତିବନ୍ଧକ ଥାଏ।



ଆଉ ଜାଣିଛନ୍ତି, ଘର ହେଉ କି ପରିବାର ହେଉ ଯେଉଁଠି କିଛି ଖରାପ ହେଲା, କିଛି ଅସୁବିଧା ହେଲା ସବୁ ଦୋଷ ସ୍ତ୍ରୀ ଲୋକର ହୋଇଥାଏ। ଏଇ ଯେମିତି ଯଦି ପିଲାଟିଏ କିଛି ଭୁଲ କାମ କରିଦେଇଛି ତେବେ ସବୁ ଦୋଷ ତା ମା'ର, ଯଦି କିଛି ଭଲ କାମ କରିଛି ତେବେ ସବୁ ଶ୍ରେୟ ବାପାର। ଘରେ ଆଜି ଭଲ ଭଲ ଖାଇବା ଜିନିଷ ହୋଇଛି। ସମସ୍ତେ ପେଟ ପୂରେଇ ଖାଇସାରିବା ପରେ ଯଦି ବଳିବ ତେବେ ସ୍ତ୍ରୀ ଲୋକଟି ଖାଇବ। ଅବଶ୍ୟ ଏଥିରେ ସ୍ତ୍ରୀ ଲୋକର ଖୁସିଥାଏ। ଘରର ସମସ୍ତେ ଭଲରେ ଖାଇଲେ କୁଆଡ଼େ ତା' ପେଟ ପୂରିଯାଏ। କିନ୍ତୁ ସେଇ ଘର ଲୋକମାନଙ୍କର ବି ତା' ପ୍ରତି କିଛି କର୍ତ୍ତବ୍ୟ ଅଛି ସେଇଟା ସମସ୍ତେ ଭୁଲି ଯାଆନ୍ତି।

ସମସ୍ତଙ୍କୁ ଖୁସି କରିବାକୁ ଯାଇ ସ୍ତ୍ରୀ ଲୋକଟି ନିଜ ଖୁସି ଟିକକ ଭୁଲିଯାଏ। ସ୍ୱାମୀ, ପିଲାଙ୍କ ଖୁସିରେ ସେ ଖୁସି ହୁଏ। କିନ୍ତୁ କେବେ ଯଦି ସେ ନିଜ ଖୁସି ପାଇଁ କିଛି କରେ ତାକୁ ସେତିକି ସହଯୋଗ ମିଳେନାହିଁ। ତା'ର ବି ଗୋଟେ ମନ ଅଛି, ହୃଦୟ ଅଛି,ସେ ବି ଟିକେ କାହାଠାରୁ ସ୍ନେହ,ଆଦର ଚାହେଁ ଏକଥା ସମସ୍ତେ ଭୁଲିଯାଆନ୍ତି। ସ୍ତ୍ରୀ ଲୋକଟିଏ ସବୁ ସହିଯାଏ, କିନ୍ତୁ ତାକୁ ବି କଷ୍ଟ ହୁଏ, ତା' ଆଖିରୁ ବି ଲୁହ ଝରେ,ତା' ସ୍ୱାଭିମାନକୁ ବି ବାଧା ହୁଏ,ଏକଥା ବୋଧହୁଏ କେହି ବୁଝନ୍ତିନି। ହୃଦୟ ଭିତରେ ପାହାଡ଼ ପାହାଡ଼ ଦୁଃଖକୁ ଚାପିରଖି ସମସ୍ତଙ୍କୁ ଖୁସି କରିବାକୁ ତାକୁ ଉପରେ ହସିବାକୁ ପଡେ,ଏଇଟା କ'ଣ କମ୍ ଦୁଃଖର କଥା। ଜନ୍ମରୁ ତା'ପ୍ରତି ପାତରଅନ୍ତର। ଝିଅ ହୋଇ ଜନ୍ମ ହେଲେ ଦୁଃଖ, ଝିଅ ଜନ୍ମ କଲେ ଦୁଃଖ। ସବୁଠାରୁ ବଡ଼ ଦୁଃଖ ହେଲା ତା'ର ଦୁଃଖକୁ ସେ କାହା ଆଗରେ ପ୍ରକାଶ କରିପାରେନି। ଶାଶୁଘରର ଦୁଃଖ, କଷ୍ଟ, ଅସୁବିଧା ବୋଉ, ବାପାଙ୍କ ଆଗରେ କହିପାରେନି, କାଳେ ସେମାନେ ମନଦୁଃଖ କରିବେ। ସବୁ ଦୁଃଖକୁ ସହିଯିବା ବି ଆଉ ଗୋଟେ ଦୁଃଖ ନୁହେଁ କି।

ଆମେ ନାରୀ ସଶକ୍ତୀକରଣର କଥା କହୁ, କିନ୍ତୁ ପରିବାର ଭିତରେ ଯେକୌଣସି ନିଷ୍ପତ୍ତି ନେବାର ଥିଲେ ସ୍ତ୍ରୀ ଲୋକଙ୍କ ମତକୁ ଗୁରୁତ୍ୱ ଦିଆଯାଏନି। ଜନ୍ମରୁ ମୃତ୍ୟୁ ଯାଏ କେତେପ୍ରକାର ଦୁଃଖ ଝିଅଟିର, କେତେ ପ୍ରକାର ଦୁଃଖ ସ୍ତ୍ରୀ ଲୋକଟିର। କିନ୍ତୁ ସେଇ ଦୁଃଖର ଦରିଆ ଭିତରୁ ସୁଖର ମଣି ମୁକ୍ତା ଖୋଜିବାର ଶକ୍ତି ଈଶ୍ୱର ଦେଇଛନ୍ତି ତାକୁ। ନିଜର ଅପର୍ଯ୍ୟାପ୍ତ ସହନଶୀଳତା ଓ ତ୍ୟାଗ ମନୋବୃତ୍ତି ଯୋଗୁ ସବୁ ଦୁଃଖକୁ ସହିଯାଇ ସେ ହସିପାରେ।

**ସହକାରୀ ଶିକ୍ଷୟିତ୍ରୀ,**
**ମହିଳା ଉଚ୍ଚବିଦ୍ୟାଳୟ, ଜଗତ୍‌ସିଂହପୁର**
**ମୋ:୯୯୩୮୪୦୦୨୦୫**

## ଏଇ ଭାରତରେ

ମହାରାଷ୍ଟ୍ର ବିଦର୍ଭର ଅନେକ ଅଞ୍ଚଳରେ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକରୁ ନିର୍ଗତ ବିଷାକ୍ତ ପାଉଁଶ ଯୋଗୁ ସେଠାକାର ଉର୍ବର ମାଟି ଫସଲ ପାଇଁ ଅଯୋଗ୍ୟ ହୋଇଯାଇଥିଲା। ଏପରି କି ସେହି ଅଞ୍ଚଳରେ ଫସଲ ଉପରେ ପାଉଁଶ ଜମି ରହୁଥିଲା। ଫଳରେ କୃଷକମାନେ କ୍ଷତି ସହୁଥିଲେ। କିନ୍ତୁ ବୈଜ୍ଞାନିକ ଡ. ଲାଲ ସିଂଙ୍କ ଉଦ୍ୟମରେ ଅନୁର୍ବର ମାଟି ଏବେ ପୁନର୍ବାର ଉତ୍ପାଦନକ୍ଷମ ହୋଇପାରିଛି। ଡ. ସିଂ କାଉନ୍‌ସିଲ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ୍ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ(ସିଏସ୍‌ଆଇଆର୍)- ନ୍ୟାଶନାଲ ଏନ୍‌ଭାଇରନ୍‌ମେଣ୍ଟ ଇଞ୍ଜିନିୟରିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ(ଏନ୍‌ଇଇଆର୍)ରେ ପ୍ରମୁଖ ବୈଜ୍ଞାନିକ ଓ ପ୍ରୋଜେକ୍ଟ ଲିଡର ରହିଛନ୍ତି। ସେ ବାଉଁଶ ଗଛ ଲଗାଇ ବିଦର୍ଭର ମାଟିକୁ ଉର୍ବର କରିବାରେ ସକ୍ଷମ ହୋଇଛନ୍ତି। ତାଙ୍କ ନେତୃତ୍ୱରେ ବୈଜ୍ଞାନିକମାନେ ଇକୋ-ରେଜୁଭେନେଶନ ଟେକ୍‌ନୋଲୋଜି(ଇଆର୍‌ଟି) ନାମକ ଏକ ସ୍ୱତନ୍ତ୍ର ପଦ୍ଧତି ବିକାଶ କରିଛନ୍ତି। ଏହି ପଦ୍ଧତିରେ ପ୍ରଦୂଷିତ ତଥା ଉର୍ବରତା ହରାଇଥିବା ମାଟିକୁ ତା' ପୂର୍ବାବସ୍ଥାକୁ ଫେରାଇ ଅଣାଯାଇପାରୁଛି। ବାଉଁଶଗଛ ଏବେ ତାପଜ ବିଦ୍ୟୁତ କେନ୍ଦ୍ରରୁ ନିର୍ଗତ ପାଉଁଶକୁ ଧରି ରଖୁଛି। ଫଳରେ ପରିବେଶ ସ୍ୱଚ୍ଛ ରହିବା ସହ ମାଟି ମଧ୍ୟ ପାଉଁଶର କୁପ୍ରଭାବରୁ ମୁକ୍ତ ହୋଇପାରିଛି। ବାଉଁଶ ଗଛ ଲଗାଇବାରେ ମୁଖ୍ୟତଃ ମହିଳାମାନଙ୍କୁ ନିଯୁକ୍ତ କରାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୭ ଅକ୍ଟୋବର ୧୯୭୬

- ଉତ୍ତର ପ୍ରଦେଶ ବ୍ରିଜ କର୍ପୋରେଶନ ନେପାଳରେ ୧୨ଟି ପୋଲ ତିଆରି କରିବା ନିମନ୍ତେ ଚୁକ୍ତିବଦ୍ଧ ହୋଇଛି।
- ବିହାରରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାରେ ୧୧୮ ଜଣଙ୍କ ମୃତ୍ୟୁ ଘଟିଥିବା ନେଇ ବିହାରର ରିଲିଫ କମିଶନର ଭେଙ୍ଗଟେଶରମଣ ପ୍ରକାଶ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ମେଗା ପାନୀୟଜଳ ପ୍ରକଳ୍ପ ପୂର୍ଣ୍ଣ ରୂପ ନେଇପାରିଲାନି

ମହାଶୟ,

ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକର ୨୪ ଗୋଟି ପଞ୍ଚାୟତରେ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ପାରୁନଥିବାରୁ ଲୋକେ ବର୍ଷାଦିନରେ ବିଶୁଦ୍ଧ ପାନୀୟ ଜଳ ପାଇପାରୁ ନାହାନ୍ତି। ତେବେ ୨୦୨୫ ମସିହା ଆରମ୍ଭ ହେଲାଣି, କିନ୍ତୁ ପ୍ରକଳ୍ପ କାମ ଏବେ ବି ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। କେବଳ ପାଇପ୍ ବିଛାରେ ସୀମିତ ରହିଛି କାର୍ଯ୍ୟ। ମେଗା ପାନୀୟ ଜଳ ପ୍ରକଳ୍ପ ଜରିଆରେ ପ୍ରତି ଗାଁକୁ ପିଇବା ପାଣି ଯୋଗାଇ ଦିଆଯିବ, ୭ ବର୍ଷ ତଳେ ଏଭଳି ସ୍ୱପ୍ନ ଦେଖାଇଥିଲେ ରାଜ୍ୟ ସରକାର। କିନ୍ତୁ ଦୁର୍ଭାଗ୍ୟ, ସମୟ ଅବଧି ପୂରି ବର୍ଷ ପରେ ବର୍ଷ ଗଡ଼ି ଚାଲିଥିଲେ ବି ସତ୍ୟବାଦୀ ବ୍ଲକରେ ଏହି ପ୍ରକଳ୍ପ ଆଜି ପର୍ଯ୍ୟନ୍ତ ପୂର୍ଣ୍ଣ ରୂପ ନେଇପାରିନି। ଲକ୍ଷ୍ୟ ଥିଲା ସତ୍ୟବାଦୀ, କଣାସ ଓ ବ୍ରହ୍ମଗିରି ବ୍ଲକରେ ୧୨୬ଟି ଗାଁକୁ ଭାର୍ଗବୀ ନଦୀରୁ ପାନୀୟ ଜଳ ଯୋଗାଣ କରିବାକୁ ସତ୍ୟବାଦୀ ବ୍ଲକରେ ପ୍ରକଳ୍ପ ଆରମ୍ଭ ହେଲା। ବିଭିନ୍ନ ଠିକା ସଂସ୍ଥା ଏହାର ଟେଣ୍ଡର ନେଲେ। କାର୍ଯ୍ୟାଦେଶ ଅନୁଯାୟୀ ଦୁଇବର୍ଷ ଭିତରେ କାମ ସାରିବାର ଥିଲା। କିନ୍ତୁ ସମନ୍ୱୟ ଅଭାବ ଯୋଗୁ ପ୍ରକଳ୍ପ କାର୍ଯ୍ୟ ଏବେ ମଧ୍ୟ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ସ୍ଥାନୀୟ ଶାସନ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତରେ ଦୂଷିତ ଜଳ ପାନ କରି ଜନସାଧାରଣ ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପରିଣାମ ସ୍ୱରୂପ ଅଧିକ କଷ୍ଟ ଭୋଗୁଛନ୍ତି ସତ୍ୟବାଦୀ, କଣାସ ଓ କୃଷ୍ଣପ୍ରସାଦ ଅଞ୍ଚଳବାସୀ।

**-ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

## ଚିରନ୍ତନୀ

ପାଷାଣ ସମାନ ଜଡ଼ ପାଲଟିଛି
ଯେତେ ଶତ ଅନୁଭବ
ନବ ନବ ରସେ ଗାଇ ଉଠୁ ତାହା
ତୁମରି ରୂପର ସ୍ତବ ।
-(ରୂପର ସ୍ତବ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାର୍ଟିଫିକେଟ ଯାଞ୍ଚର ୬ ମାସ ବିତିଲା

# ମିଳୁନି ପୁନଃ ଥଇଥାନ ନିଯୁକ୍ତି

ବାରିପଦା,୬।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ପୁନଃ ଥଇଥାନ ନିଯୁକ୍ତିକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ସାର୍ଟିଫିକେଟ ଯାଞ୍ଚ ହେବାର ୬ମାସ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ନିଯୁକ୍ତି ପ୍ରଦାନ କରାଯାଉନାହିଁ। ଏହାକୁ ନେଇ ଆଶାୟୀମାନେ ଜିଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ଶିକ୍ଷା ବିଭାଗର ପୁନଃ ଥଇଥାନ ନୀତିରେ ଆବେଦନକାରୀଙ୍କ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ଶେଷ କରାଯାଇଛି। ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ମଧ୍ୟ ଆଶାୟୀମାନଙ୍କୁ ନିଯୁକ୍ତି ପ୍ରଦାନରେ ବିଳମ୍ବ କରାଯାଉଛି। ଯାହାକୁ ନେଇ ଆଶାୟୀମାନେ ଦୀର୍ଘ ବର୍ଷ ଧରି ଅପେକ୍ଷା କରି ମାନସିକ ଚାପରେ ରହିଆସୁଛନ୍ତି। ଏପରିକି ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାଣିଶୁଣି ଅବହେଳା କରାଯାଉଛି ବୋଲି ଆଶାୟୀ ସତ୍ୟ ପ୍ରକାଶ ଦାସ ଓ ପୂର୍ଣ୍ଣେନ୍ଦୁ ପଣ୍ଡା କହିଛନ୍ତି। ଏପରିକି ଜିଲା ଶିକ୍ଷାଧିକାରୀଙ୍କୁ ଭେଟି ନିଯୁକ୍ତି ସମ୍ପର୍କରେ ଅଭିଯୋଗ କଲେ ଅନ୍ୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି କହି ଏଡାଇ ଯାଉଛନ୍ତି। ସେହିପରି ଦାୟିତ୍ୱ ନେଇଥିବା ଅଧିକାରୀଙ୍କୁ ଭେଟିବା ପରେ ସେ ବିଭିନ୍ନ ଆଳ ଦେଖାଇ ନିଯୁକ୍ତିକୁ ଗୁରୁତ୍ୱ ଦେଉନାହାନ୍ତି। ତେବେ ରାଜ୍ୟର କଟକ ଓ ଭଦ୍ରକ ଜିଲାରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲେ ହେଁ ମୟୂରଭଞ୍ଜ ଜିଲାରେ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ବାରମ୍ବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ଅଭିଯୋଗ କରିବା ପରେ ମଧ୍ୟ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହୋଇପାରୁନାହିଁ। ଜିଲାପାଳ ହେମକାନ୍ତ ସୟ ଅଭିଯୋଗ ଶୁଣିବା ପରେ ୭ଦିନ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଜିଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କଲେ ଆଗାମୀ ଦିନରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି ଆଶାୟୀମାନେ କଡ଼ା ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଭିଷେକ ବେହେରା, ସୁପ୍ରକାଶ ସାହୁ, କେତନ କୁମାର ମହାନ୍ତ, ଦୀପକ କୁମାର ନାଏକ, ଚନ୍ଦନ କୁମାର ସିଂ, ପୀତବାସ ମହାନ୍ତି, ସୁଶାନ୍ତ କୁମାର ସିଂ, ଦୀପକ କୁମାର ଗିରି, ରାଜେଶ ମୁର୍ମୁ ଓ ମନୋରଞ୍ଜନ ଗିରି ଉପସ୍ଥିତ ଥିଲେ।



ଜନଶୁଣାଣି ଶିବିରକୁ ଅଭିଯୋଗ କରିବା ପାଇଁ ଆସିଥିବା ନିଯୁକ୍ତି ଆଶାୟୀମାନେ।

# ନଭେମ୍ବର ୫ରୁ ବୈରାଟପୁର ପ୍ରିମିୟର ଲିଗ୍



ବୈଠକରେ ଉପସ୍ଥିତ କ୍ରିକେଟ କ୍ଲବ୍‌ର କାର୍ଯ୍ୟକର୍ତ୍ତାମାନେ।

ଉଦଳା,୬।୧୦(ସନ୍ତୋଷ କୁମାର ବାଛିନୀ)

ଆଇପିଏଲ ଢାଞ୍ଚାରେ ଚଳିତ ବର୍ଷ ଆରମ୍ଭ ହେବ ବୈରାଟପୁର ପ୍ରିମିୟର ଲିଗ୍ -୨୦୨୫ ସଂସ୍କରଣ। ଏନେଇ ଉଦଳା ବ୍ଲକ ଅଧୀନ ବୈରାଟପୁର କିରିକିଚିଆ କମ୍ୟୁନିଟି ହଲରେ ସୋମବାର ମଧ୍ୟାହ୍ନରେ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି। କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚଳିତ ବର୍ଷ ନଭେମ୍ବର ୫ ତାରିଖରୁ ବୈରାଟପୁର କ୍ରିକେଟ ଫିଲଡ୍‌ଠାରେ ଆରମ୍ଭ ହେବ ଏହି ପ୍ରିମିୟର ଲିଗ୍। ଖେଳାଳି ନୀଲାମି ପ୍ରକ୍ରିୟା ଆସନ୍ତା ୧୯ ତାରିଖରେ ବୈରାଟପୁର ହାଇସ୍କୁଲଠାରେ ଅନୁଷ୍ଠିତ ହେବ। ଏହି ପ୍ରିମିୟର ଲିଗ୍‌ରେ ଉଦଳା ବ୍ଲକ୍ ଅଧୀନ ୧୨ଟି ପଞ୍ଚାୟତର ଗ୍ରାମାଞ୍ଚଳ ଖେଳାଳିମାନେ ଖେଳିବା ସହ ଗୋପବନ୍ଧୁନଗର ବ୍ଲକ୍ ଅଞ୍ଚଳର ୬ଟି ପଞ୍ଚାୟତର ଖେଳାଳିମାନେ ଅଂଶ ଗ୍ରହଣ କରିବେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରୁଦ୍ର ନାରାୟଣ ରଣା, ରାଜୁନ ମହାପାତ୍ର, କମଳାକାନ୍ତ ମିଶ୍ର, ହେମନ୍ତ ବେହେରା, ବୁବୁ ବେହେରା, ଦୀପକ ବେହେରା, ରାଜୁ ମିଶ୍ର, ଜୀବନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାପାଳଙ୍କଠାରେ ଫେରାଦ ହେଲେ ଅବସରପ୍ରାପ୍ତ ଶିକ୍ଷକ

## ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଜିଲା ଶିକ୍ଷାଧିକାରୀଙ୍କ ଅବମାନନା

ବାରିପଦା,୬।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ମୟୂରଭଞ୍ଜ ଜିଲା ଶିକ୍ଷାଧିକାରୀ ଅବମାନନା କରୁଥିବା ନେଇ ସୋମବାର ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ହୋଇଛି। ଜଣେ ଶିକ୍ଷକଙ୍କ ଦୁଇଟି ଇନକ୍ରିମେଣ୍ଟକୁ ବନ୍ଦ କରି ମିଥ୍ୟା ପ୍ରୋସିଡିଙ୍ଗ କରାଯାଇ ଅପବାଦ ଦେବା ପରେ ଉଚ୍ଚ ନ୍ୟାୟାଳୟ ଉକ୍ତ ଶିକ୍ଷକଙ୍କୁ ନ୍ୟାୟ ପ୍ରଦାନ ଲାଗି ଆଦେଶ ଦେଇଥିଲେ। ମାତ୍ର ୧୭ମାସ ବିତି ଯାଇଥିଲେ ମଧ୍ୟ ସମ୍ପୃକ୍ତ ଶିକ୍ଷକଙ୍କର ଇନକ୍ରିମେଣ୍ଟ ଦିଆଯାଉ ନ ଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।ସୂଚନାଯୋଗ୍ୟ, ଜିଲା ଶିକ୍ଷାଧିକାରୀଙ୍କ ଚିଠି ନଂ. ୯୦୫୮/୧୭ ଜୁଲାଇ ୨୦୧୪ ଏବଂ ଓଡ଼ିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଦ୍ୱାରା ଶିକ୍ଷକ ଡ.ରମାକାନ୍ତ ମହାନ୍ତଙ୍କ ଦୁଇଟି ଇନକ୍ରିମେଣ୍ଟ ବନ୍ଦ କରାଯାଇଥିଲା। ଏନେଇ ଶିକ୍ଷକ ଜଣକ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ଏହାର ବିଚାର କରି ନିର୍ଦ୍ଦେଶନାମା ନଂ. ୨୩୪୩/୨୦୧୬/ ୮ଏପ୍ରିଲ ୨୦୨୪ରେ ଇନକ୍ରିମେଣ୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଇ ଅଦ୍ୟାବଧି ଉକ୍ତ ଇନକ୍ରିମେଣ୍ଟ ପ୍ରଦାନ କରାଯାଇ ନ ଥିବାରୁ ଶିକ୍ଷକ ମହାନ୍ତ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଦୀର୍ଘ ୩୬ବର୍ଷ ଧରି ଶିକ୍ଷା ବିଭାଗକୁ ସେବା ପ୍ରଦାନ କରି ଅବସର ନେବା ପରେ ବିଭାଗୀୟ ନିର୍ଯାତନା ଅସହ୍ୟ ହୋଇପଡିଛି ବୋଲି ସେ କହିଛନ୍ତି। ମିଥ୍ୟା ପ୍ରୋସିଡିଙ୍ଗ ମାମଲା କରାଯାଇ ପଦୋନ୍ନତି ଓ ଜାତୀୟ ପୁରସ୍କାରରୁ ମଧ୍ୟ ବଞ୍ଚିତ କରାଯାଇଛି । ୧୮ବର୍ଷ ଧରି ଏହି ମାମଲାରେ ଛନ୍ଦି ହୋଇ ମାନସିକ କଷ୍ଟ ଭୋଗୁଥିବା ଶିକ୍ଷକ ଜଣକ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

# ମୃତକଙ୍କ ପରିବାରକୁ ଭେଟିଲେ ମନ୍ତ୍ରୀ

ମୋରଡ଼ା,୬।୧୦(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ତହସିଲ ଅଧୀନ ସୁରେଇଡିହି ପଞ୍ଚାୟତର ଜାମଶୋଳ ଗ୍ରାମରେ ଲଘୁଚାପଜନିତ ଲଗାଣବର୍ଷା ଯୋଗୁ ମାଟିକାନ୍ଥ ଭୁଶୁଡ଼ି ଜଣେ ମହିଳାଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତା ମହିଳା ଜଣକ ହେଲେ ଗୁରୁଚରଣ ମହାନ୍ତଙ୍କ ସ୍ତ୍ରୀ ବାସନ୍ତୀ (୫୪)। ଶୁକ୍ରବାର ରାତିରେ ସେ ଖାଇପିଇ ଶୋଇଥିବା ବେଳେ ହଠାତ ତାଙ୍କ ଘରର ମାଟିକାନ୍ଥ ଭୁଶୁଡ଼ି ପଡ଼ିଥିଲା । ମାଟିକାନ୍ଥ ତଳେ ବାସନ୍ତୀ ଚାପିହୋଇ ରହିଥିବା ବେଳେ ଦୀର୍ଘ ସମୟ ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ କୃଷ୍ଣଚନ୍ଦ୍ରପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧିକାରୀ ଏଏସ୍‌ଆଇ ସୁତାର କୁମାର ମହାନ୍ତ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪୭/୨୫) ରୁଜୁ ହୋଇଛି। ଖବରପାଇ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୃତା ମହିଳାଙ୍କ ପରିବାର ଲୋକଙ୍କୁ ଭେଟିବା ସହିତ ସରକାରୀ ସହାୟତା ଯୋଗାଇଦେବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀଙ୍କ ସହିତ ଭାଜପା ନେତା କାହ୍ନୁ ସୋରେନ ଓ ସୁକୁଲ ମୁର୍ମୁ ଉପସ୍ଥିତ ଥିଲେ।



ମୃତକଙ୍କ ପରିବାର ଲୋକଙ୍କ ସହ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଆଲୋଚନା କରୁଛନ୍ତି।

# ସ୍ୱରାଭର୍ସ ଫିଏଷ୍ଟାର ତାଳେ ତାଳେ ଝୁମିଲେ ଦର୍ଶକ

ବାରିପଦା,୬।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାରେ ପ୍ରଥମଥର ପାଇଁ ସ୍ୱରାଭର୍ସ ଫିଏଷ୍ଟା କନସର୍ଟ ଆୟୋଜିତ ହୋଇଛି। ଭୁବନେଶ୍ୱର ସ୍ୱରାଭର୍ସ ବ୍ୟାଣ୍ଡ ସହାୟତାରେ ୨୦ ବର୍ଷରୁ କମ ବୟସର ଯୁବତୀଯୁବକଙ୍କ ଦ୍ୱାରା ବାରିପଦାର ଶହୀଦସ୍ମୃତି ଭବନରେ ଶନିବାର ସନ୍ଧ୍ୟାରେ କାର୍ଯ୍ୟକ୍ରମ ଆୟୋଜନ ଓ ପରିବେଷଣ ହୋଇଛି। ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର,ସମ୍ମାନିତ ଅତିଥି ଭାବେ ଜି-ସାର୍ଥକ ଓଡ଼ିଆ ଟିଭିର 'ଓଡିଶା ବେଷ୍ଟ ସିନେ ତାରକାର ଖୋଜ'ର ବିଜେତା ପ୍ରିୟଦର୍ଶିନୀ ସିଂ, ଆନ୍ତର୍ଜାତୀୟ ବ୍ଲଗର୍ ଲବ ହାଁସଦା, ମୟୂରଭଞ୍ଜ ବିୟୁଟିର ଚେୟାରମ୍ୟାନ ରାକେଶ କୁମାର ବେହେରା, ମୟୂରଭଞ୍ଜ ବିୟୁଟିର ପ୍ରତିଷ୍ଠାତା ସଭାପତି ଦେବବ୍ରତ ଦେ, ବ୍ୟାଣ୍ଡର ସବ-ହେଡ ମ୍ୟାନେଜର ତନ୍ମୟ ଗୁରୁ ଉପସ୍ଥିତ ରହି ଯୁବପିଢ଼ିଙ୍କୁ ଉତ୍ସାହିତ କରିଥିଲେ। ସ୍ୱରାଭର୍ସ ଫିଏଷ୍ଟାର ତାଳେ ତାଳେ ଝୁମିଥିଲେ ଦର୍ଶକ। ବାରିପଦାରେ ପ୍ରଥମ ଥର ଏଭଳି କାର୍ଯ୍ୟକ୍ରମ ଯୁବ ପୀଢ଼ିଙ୍କୁ ଆକୃଷ୍ଟ କରିଥିଲା।


## ପୂର୍ବ ତଟ ରେଳପଥ

ଫାଇଲ୍ ନଂ.DRM/Engg/KUR/25-26/E-Tender/77,ତା.26.09.2025ରିଖ

ଟେଣ୍ଡର ସଂ.e-tenderNorthKUR-253-2025,ତା.25.09.2025ରିଖ

**ବିବରଣୀ :** ସିନିୟର ସେକ୍ସନ ଇଂଜିନିୟର(କାର୍ଯ୍ୟ)/ଯାଜପୁର କେନ୍ଦୁଝର ରୋଡ୍ ଅଧୀନସ୍ଥ ଯାଜପୁର କେନ୍ଦୁଝର ରୋଡ୍ (In) ଠାରୁ ଜେନାପୁର (In) ଏବଂ ଜଖପୁରା ଠାରୁ ଦୈତାରୀ ପର୍ଯ୍ୟନ୍ତ ସେକ୍ସନରେ 30.06.2026 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକଚର ଗୁଡିକର ସଂଯୋଜନା ଏବଂ ପରିବର୍ତ୍ତନ (Additions & Alterations), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 55.93 ଲକ୍ଷ, EMD (ଟଙ୍କାରେ) : 1,11,900/-, ଶେଷ ହେବା ଅବଧି : 08 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.17.10.2025 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ),
ଖୋର୍ଦ୍ଧା ରୋଡ୍
PR-658/Q/25-26


# ବଜ୍ରପାତରେ ଜୀବନ ଗଲା

ରାଇରଙ୍ଗପୁର,୬।୧୦(ମାନସ ମହାନ୍ତି)- ମୟୂରଭଞ୍ଜ ଜିଲା ଯାମଦା ଥାନା ଅନ୍ତର୍ଗତ ବାରୁଡିହି ଗ୍ରାମର ଜଣେ ବ୍ୟକ୍ତିଙ୍କ ରବିବାର ଅପରାହ୍ନରେ ବଜ୍ରପାତରେ ମୃତ୍ୟୁ ଘଟିଛି। ମୃତକ ହେଲେ ହାତୀରାମ ସର୍ଦ୍ଦାର (୫୫)। ସେ ଗାଁ ନିକଟସ୍ଥ ପଡ଼ିଆରେ ଗାଈ ଚରାଉଥିବା ବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ନିକଟସ୍ଥ ଯାମଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୮/୨୫) ରୁଜୁ କରିଛି।

# କୁମାର ପୂର୍ଣ୍ଣମୀ ଉତ୍ସବ

ରାଇରଙ୍ଗପୁର,୬।୧୦(ମାନସ ମହାନ୍ତି)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଖଣ୍ଡ ଓ ସହରାଞ୍ଚଳରେ ସୋମବାର କୁମାର ପୂର୍ଣ୍ଣମୀ ଉତ୍ସବ ପାଳିତ ହୋଇଛି। କୁଆଁରୀ ଝିଅମାନେ ବ୍ରତ ପାଳନ କରିବା ସହ ନୂତନ ବସ୍ତ୍ର ପରିଧାନ କରିଥିଲେ। ନିଜ ନିଜର ଘର ସମ୍ମୁଖରେ ଚାନ୍ଦଙ୍କୁ ବନ୍ଦାପନା କରିଥିଲେ। ଏଥିସହ ଛେନା ଚାନ୍ଦ ଏବଂ ଖଇ-ଉଖୁଡା ଚାନ୍ଦ, ବିଭିନ୍ନ ପିଠା, ନଡ଼ିଆ, କଦଳୀ ଫଳ ସାମଗ୍ରୀ ଭୋଗ ଲଗାଇଥିବା ଦେଖିବାକୁ ମିଳିଥିଲା।

# ସ୍ୱଚ୍ଛ ବେତନଟୀ ଅଭିଯାନ



ସଫେଇ କାର୍ଯ୍ୟକ୍ରମରେ ସାମିଲ ସଂଗଠନର ସଦସ୍ୟମାନେ।

ବେତନଟୀ,୬।୧୦(ଧରଣୀଧର ମହାନ୍ତି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜନକଲ୍ୟାଣ ଫାଉଣ୍ଡେଶନ ପକ୍ଷରୁ ସୋମବାର ସକାଳେ ସ୍ୱଚ୍ଛ ବେତନଟୀ ଅଭିଯାନ କରାଯାଇଛି।

ଦୁର୍ଗାପୂଜା, ମେଳା ଓ ଯାତ୍ରାପରେ ରାସ୍ତାଘାଟ ଆବର୍ଜନା ହୋଇ ପଡ଼ିରହିଥିଲା। ଏଗୁଡିକୁ ପରିଷ୍କାର କରିବା ପାଇଁ ବେତନଟୀ ଜନ କଲ୍ୟାଣ ଫାଉଣ୍ଡେଶନ ସଫେଇ କାର୍ଯ୍ୟ ହାତକୁ ନେଇଛି। ଏହି ଅଗ୍ରଣୀ ଯୁବ ସଂଗଠନର ସଦସ୍ୟମାନେ ସକାଳୁ ବେତନଟୀ ବଙ୍ଗାଳଛକରୁ ଚଣ୍ଡୀ ଛକ ପର୍ଯ୍ୟନ୍ତ ରାସ୍ତାକୁ ସଫା କରିଥିଲେ। ରାସ୍ତା ଉପରେ ଓ ପାର୍ଶ୍ୱରେ ପଡ଼ିଥିବା ପ୍ଲାଷ୍ଟିକ ଗ୍ଲାସ, ଜରି, ପଲିଥିନ ସଫେଇ କରିଛନ୍ତି। ଆଗାମୀ ଦିନରେ ବେତନଟୀ ବଜାର ସଫେଇ କରିବା ନେଇ ସଂଗଠନ ନିଷ୍ପତ୍ତି ନେଇଥିବା ସୂଚନା ଦେଇଛି। ସଂଗଠନ ପକ୍ଷରୁ ବେତନଟୀ ଦୁର୍ଗାପୂଜା ମେଳା ଅବସରରେ ୪ ଦିନ ଧରି ୪୦ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ଚଣ୍ଡୀ ଛକଠାରେ ଦହି ସରବତ, ଲେମ୍ବୁ ସର୍ବତ ବଣ୍ଟନ କରାଯାଇଥିଲା। ସଫେଇ କାର୍ଯ୍ୟକ୍ରମରେ ଶିବ କୁମାର ପାତ୍ର, ମାନସ ପଟ୍ଟନାୟକ, ଧରଣୀଧର ମହାନ୍ତି, ଜୀବନ ପ୍ରକାଶ ବେହେରା, ପୁନିତ କ୍ରିଷ୍ଣା ସାହୁ, ଯତୀନ ସାହୁ, ନବରଞ୍ଜନ ସେଠୀ, ଅକ୍ଷୟ ମହାନ୍ତି, ତୁଷାର ଗନ୍ତାୟତ, ସୁମନ ସେଠୀ, ଦିବ୍ୟାଂଶୁ ମଣ୍ଡଳ, ଆଦିତ୍ୟ ସିଂଘା,ରାକେଶ ବିଶ୍ୱାଳ, ରଜତ ପତି, ପରମେଶ୍ୱର ଦାସ ପ୍ରମୁଖ ସଂଗଠନର ସଦସ୍ୟମାନେ ସାମିଲ ହୋଇଥିଲେ।

# ବାଣ ବିସ୍ଫୋରଣରେ ଗୁରୁତର ଯୁବକଙ୍କ ମୃତ୍ୟୁ

ବୈଶିଙ୍ଗା,୬।୧୦(ରତନ ଦାଶ)- ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅଧୀନ ବାଛୁରୀପଡ଼ା ଗ୍ରାମରେ ରବିବାର ପୂର୍ବାହ୍ନ ୧୧ଟା ସମୟରେ ବାଣ ଭିଡୁଥିବା ବେଳେ ବିସ୍ଫୋରଣ ଘଟି ଜଣେ ଯୁବକ ଗୁରୁତର ହୋଇଥିଲେ। କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତକ ହେଲେ ସନ୍ତୋଷ ଦାସଙ୍କ ପୁଅ ସୁନିଲ(୩୦)। ତାଙ୍କୁ ପ୍ରଥମେ ବୈଶିଙ୍ଗା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବାଲେଶର ଫକୀରମୋହନ ମେଡିକାଲ କଲେଜ ଏବଂ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏହି ବାଣ ବିସ୍ଫୋରଣରେ ଆହତ ହୋଇଥିବା ତାଙ୍କ ମାଆ , ସ୍ତ୍ରୀ ଓ ସାନଭାଇଙ୍କ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ସୋମବାର ଦିନ ତମାମ ପୋଲିସ ସମ୍ପୃକ୍ତ ଅଞ୍ଚଳରେ ଚଢ଼ାଉ ବାରୁଦ ଓ ଅନ୍ୟାନ୍ୟ ବିସ୍ଫୋରକ ସାମଗ୍ରୀ ବାବଦରେ ଯାଞ୍ଚ କରିଥିଲା।

# ମଦ ଜବତ, ଢାବା ମାଲିକ ଗିରଫ

ବୈଶିଙ୍ଗା,୬।୧୦(ରତନ ଦାଶ)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ଗଡ଼ଦେଉଳିଆଠାରେ ଥିବା ମହାମାୟା ଢ଼ାବାରେ ସୋମବାର ପୋଲିସ ଚଢ଼ାଉ କରି ବିକ୍ରି ପାଇଁ ଗଚ୍ଛିତ ଥିବା ବିଦେଶୀ ମଦ ଜବତ କରିଛି। ଏହି ଘଟଣାରେ ଢାବା ମାଲିକ ହରିଚରଣ ଗିରିଙ୍କୁ ପୋଲିସ ଗିରଫ କରିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ. ୫୦୬/୨୫) ରୁଜୁ ହୋଇଛି।


## OFFICE OF THE SUPERINTENDING ENGINEER RURAL WORKS DIVISION-I, GANJAM, BERHAMPUR

E-Mail : eerw_gm1@yahoo.co.in
Government of Odisha e-Procurement Notice
Bid Identification No. Online Tender//05//SERWDG-I//2025-26
Letter No. 4352//RWDG-I//BAM//Date : 23.09.2025
No.O-886

| | | | |
|---|---|---|---|
| 1 | Name of the Work | : | Road Work |
| 2 | Estimated Cost | : | Rs.94.37 Lakhs |
| 3 | Period of Completion | : | 06 (Six) Calendar Months as shown in Column No.06 of Annexure |
| 4 | Date & Time of Availability of Bid Documents in the Portal | : | From 08.10.2025 at 11.00 AM to 22.10.2025 upto 6.00 PM |
| 5 | Last Date / Time for Receipt of Bids in the Portal | : | 22.10.2025 up to 6.00 PM |
| 6 | Name and Address of the Officer Inviting Bid | : | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website https://www.tendersodisha.gov.in.

Sd./- Executive Engineer
R.W. Division-I, Ganjam, Berhampur
OIPR-25085/11/0031/2526

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## RURAL WORKS DIVISION, BANSPAL

No.O-902
E-mail : eerwbansapal@gmail.com

### "e" Procurement Notice for Road Works
### Identification No. Online NCB - 03/2025-26

1. Name of the Work : Road Work in the District of Keonjhar for the Year 2025-26, 2. Total Number of Work : 1 No., 3. Estimated Cost : Rs.41.29 lakhs, 4. Class of Contractor : "B", 5. Period of Completion : As per annexure of e-Procurement Notice No.03 of 2025-26, 6. Other Details :

| Procurement Officer | Bid Identification No. | Availability of Tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division, Banspal |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Banspal | Road Online NCB No. 03 | Dt.08.10.2025 at 11.00 A.M. | Dt.17.10.2025 up to 5.00 P.M. | Dt.16.10.2025 up to 5.00 P.M. | Dt.18.10.2025 at 11.00 A.M. |

Further details can be seen from the website www.tendersorissa.gov.in

Sd./- Superintending Engineer
R.W. Division, Banspal
OIPR-25198/11/0003/2526


# ୧୪୬ ଅଭିଯୋଗର ହେଲା ଶୁଣାଣି

ବାରିପଦା,୬।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଶିବିରରେ ଉପସ୍ଥିତ ଅଧିକାରୀ ଓ ଜନ ସାଧାରଣ।

ମୟୂରଭଞ୍ଜ ଜିଲା ସଦରମହକୁମା ବାରିପଦାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ସୋମବାର ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ, ଆଇଏଏସ୍ ପ୍ରୋବେଶନର କାଶିଷ ବକ୍ସି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ ଓ ଈଶ୍ୱରଚନ୍ଦ୍ର ନାଏକ, ବାରିପଦା ଉପଜିଲାପାଳ ଡ. ଦୟାସିନ୍ଧୁ ପରିଡ଼ା,ଏଡିଏମ୍‌ଓ ଡା. ବିଜୟ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ବାରିପଦା ଉପଖଣ୍ଡର ମୋଟ ୧୪୬ଟି ଅଭିଯୋଗ ପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା। ଉକ୍ତ ଅଭିଯୋଗ ମଧ୍ୟରୁ ୧୩୨ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ, ୧୪ଟି ସାମୁହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ୧୦ଟି ଆପତ୍ତିର ତତ୍କାଳ ସମାଧାନ ହୋଇଥିଲା। ଅଭିଯୋଗର ଗୁରୁତ୍ୱକୁ ବିଚାର କରି ଜିଲାପାଳ ୫ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୫ହଜାର ଟଙ୍କା ଏବଂ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ମଞ୍ଜୁର କରିଛନ୍ତି। ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗଗୁଡ଼ିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡ଼ିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।


## उपायुक्त-सह-जिला दण्डाधिकारी का कार्यालय, लोहरदगा
(खनन शाखा)

### शुद्धि पत्र

एतद् द्वारा सर्वसाधारण को सूचित किया जाता है कि The Jharkhand Sand Mining Rules, 2025 में उल्लेखित प्रावधानों के तहत Category-2 के बालूघाट/बालूघाटों की ई–नीलामी कार्यक्रम की सूचना PR. No. 363264 Lohardaga (25-26):D द्वारा प्रकाशित की गई थी। जिसमें तकनीकि त्रुटि के कारण बालूघाट/बालूघाटों के समूह की ई–नीलामी कार्यक्रम की तिथि में परिवर्तन किया गया है, जो निम्न प्रकार है :–

Department of Mines and Geology
[अल्पकालीन पुनर्निविदा] 3rd Call
District- Lohardaga.
Notice Inviting E-Auction for Allocation of Sand ghats
(Through E-Procurement mode over https://www.jharkhandtenders.gov.in)

ई–नीलामी कार्यक्रम :–

| NIT No. MINES/ LOHARDAGA/ SAND | बालूघाट या बालूघाटों के समूह जिसे एक इकाई बालू घाट मानते हुए नीलामी किया जाना है, की विवरणी। | निविदा दस्तावेज बिक्री शुल्क (5,000/–रू0+GST in RCM Mode) जमाकर निविदा दस्तावेज डाउनलोड प्रारंभ करने की तिथि | ई–नीलामी से पूर्व प्री– बीड बैठक एवं प्रशिक्षण का समय एवं स्थान | अग्रधन राशि जमा तथा निविदा दस्तावेज अपलोड करने की अंतिम तिथि एवं समय | तकनीकी निविदा की जिला स्तरीय समिति द्वारा जाँच/मूल्यांकन कर सफल निविदादाताओं की सूची सिस्टम में अपलोड करने तथा प्रारम्भिक वित्तीय प्रस्ताव के मूल्यांकन की तिथि | ई–नीलामी की तिथि एवं समय |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 5/2025 | GROUP-A 1. गितिलगढ–खरता 2. डोबा 3. कोलसिमरी–डोबा 4. लावागाई–नदीनगडा 5. हरमू–भक्सो 6. कैमो–भक्सो 7. बरगांव–कैमो 8. जुरिया–तिगरा | 06.10.2025 | – | 07.10.2025 03:00 PM एवं 13.10.2025 03:00 PM | 16.10.2025 5:00 PM | 17.10.2025 को 10:00 बजे पूर्वाहन से 5:00 बजे अपराह्न तक |
| 6/2025 | GROUP-B 1. डांडू–मेढो 2. एकागुडी–मेढो 3. सेन्हा–मेढो 4. जोगना–मेढो 5. उगरा–भड़गांव | | | | | |

नोट :– ई–निविदा की अन्य नियम एवं शर्ते यथावत रहेगें।

PR 363302 Lohardaga (25-26)_D


उपायुक्त,
लोहरदगा



ବାଲେଶ୍ୱର ଜିଲା ଖଇରା ବଜାର ଆଳଦା ଛକରେ ନିର୍ମିତ ତୋରଣ।



ମା' ମୁକ୍ତାଶୁଣି ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଅନୁଷ୍ଠିତ ଧନଦାତ୍ରୀଙ୍କ ପୂଜା।



ମହତୀପୁର ପଞ୍ଚାୟତ ଫଗୁଣା ଗ୍ରାମରେ ପୂଜା ପାଉଥିବା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।

# ପଦ୍ମାଳୟାଙ୍କ ପୂଜା ପାଇଁ ସବୁଠି ଉତ୍ସାହ

**ଖଇରା, ୬।୧୦(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ପୁରପଲ୍ଲୀରେ ମା' ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ଧୁମ୍‌ଧାମ୍‌ରେ ଆରମ୍ଭ ହୋଇଛି । ଖଇରା ପଞ୍ଚାୟତ ଅଧୀନ ମା' ମୁକ୍ତାଶୁଣି ଲକ୍ଷ୍ମୀପୂଜା କମିଟି ଆନୁକୂଲ୍ୟରେ ଆୟୋଜିତ ପୂଜା ଆରମ୍ଭ ହୋଇଛି । ପ୍ରଶାନ୍ତ କୁମାର ଜେନା, ମାନସ ପ୍ରଧାନ ଓ ରବିନାରାୟଣ ଦାସଙ୍କ ଦ୍ୱାରା କଳସ ଅଣାଯାଇଥିବା ବେଳେ ବିରଞ୍ଚି ନାରାୟଣ ପଣ୍ଡାଙ୍କ ଦ୍ୱାରା ଧନଦାତ୍ରୀଙ୍କୁ ଆବାହାନ କରାଯିବା ପରେ ହୋମାଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା। କମିଟି ସଦସ୍ୟ ବିରଞ୍ଚି ନାରାୟଣ ଦାସ, କମଳେଶ ପ୍ରଧାନ, ଗୋପୀନାଥ ମହାନ୍ତି, ବସନ୍ତ କୁମାର ପ୍ରଧାନ, ରଘୁନାଥ ମୁଖି, ଉମାକାନ୍ତ ମହାନ୍ତି, କୈଳାସ ଜେନା, ନରହରି ଗିରି, ଅଜୟ ଜେନା, ଉପେନ୍ଦ୍ର ପ୍ରଧାନ, ଉଦୟ ପଣ୍ଡା, ଅନ୍ତର୍ଯ୍ୟାମୀ ଜେନା ଓ ଅନାମ ସାହୁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପୂଜା ପାରମ୍ପରିକ ରୀତିରେ ଆରମ୍ଭ ହୋଇଛି। ପୂଜା ୩ଦିନ ଧରି ଚାଲିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ମୁଖ୍ୟ ପରିଚାଳକ ଉମେଶ କୁମାର ଜେନା କହିଛନ୍ତି । ସେହିଭଳି ଖଇରା ବଜାର ଆଳଦା ଛକ, ଫଗୁଣା, ମାହାରା ସାହି, ସାରକୋଣା, ସାରୁଗାଁ, ପତିରାଜପୁର, କାକୁଡିଆ, ସମ୍ପେଇ, କିଶୋର ନଗର, ଭୁଗୁପୁର, ତୋଟାପଡା ଆଦି ଗ୍ରାମରେ ମା' ପଦ୍ମାଳୟାଙ୍କ ପୂଜା ହୋଇଛି।

**ଭୋଗରାଇ,(ପ୍ରଦୀପ ଦାସ ):** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ପ୍ରତିକୂଳ ପାଗ ସତ୍ତ୍ୱେ ସମ୍ପଦଦାତ୍ରୀ ମା' ଲକ୍ଷ୍ମୀଙ୍କୁ ପୂଜା ଉତ୍ସାହ ମଧ୍ୟରେ ଆରମ୍ଭ ହୋଇଛି। ବର୍ଷାବିପ୍ଳାତ ଯୋଗୁ ଫୁଲ, ଫଳର ଅହେତୁକ ମୂଲ୍ୟ ବୃଦ୍ଧି ଯୋଗୁ ଶ୍ରଦ୍ଧାଳୁମାନେ ହଇରାଣ ହୋଇଛନ୍ତି। ଭୋଗରାଇର ୫୦ରୁ ଊର୍ଦ୍ଧ୍ୱ ସ୍ଥାନରେ ସାର୍ବଜନୀନ ଓ ସହସ୍ରାଧିକ ଘରୋଇ ଲକ୍ଷ୍ମୀପୂଜାରେ ମା'ଙ୍କୁ ଶ୍ରଦ୍ଧାଳୁମାନେ ଆରାଧନା କରିଛନ୍ତି। ଚନ୍ଦନେଶ୍ୱର, ବିଚିତ୍ରପୁର, ଶଙ୍ଖାରୀ, ଜୟରାମପୁର, ଭୋଗରାଇ, ବର୍ତ୍ତନା, ପଳାସିଆ, ଥାନାଛକ, ଦେଉଳାହାଟ, ଚୌକି, କମର୍ଦ୍ଦା, ମହାଗବ ଆଦି ସ୍ଥାନରେ ସାର୍ବଜନୀନ ଲକ୍ଷ୍ମୀପୂଜା ହେଉଛି। ବିଭିନ୍ନ ପୂଜାମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଛି। ପୂଜାମଣ୍ଡପଗୁଡିକରେ ସୁନ୍ଦର ଆକର୍ଷଣୀୟ ତୋରଣ ସାଙ୍ଗକୁ ମା'ଙ୍କ ମୂର୍ତ୍ତି ଓ ବିଦ୍ୟୁତ ରଙ୍ଗୀନ ଆଲୋକମାଳାରେ ମଣ୍ଡପଗୁଡିକ ଝଲସୁଥିବା ବେଳେ ଡାକବାଜି ଯନ୍ତ୍ରର ସଙ୍ଗୀତର ମୂର୍ଚ୍ଛନା ପରିବେଶକୁ ଗୁରୁଗମ୍ଭୀର କରିଛି। ଚୌକି ସାର୍ବଜନୀନ ଲକ୍ଷ୍ମୀ ପୂଜା କମିଟି ଓ ଗ୍ରାମବାସୀଙ୍କ ଉଦ୍ୟମ ଯୋଗୁ ସୋମନାଥ ମନ୍ଦିର ଭଳି ତୋରଣ ନିର୍ମାଣ ଓ ବିଦ୍ୟୁତ ରଙ୍ଗୀନ ଆଲୋକମାଳାରେ ମଣ୍ଡପ ଝଲମଲ କରୁଥିବାରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି। ଚୌକି ଓ ବିଚିତ୍ରପୁରରେ ୭ ଦିନ ସ୍ଥାନୀୟ ମେଳା ମଧ୍ୟ ବସିଛି । ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।

# ନିଶା ବିରୋଧରେ ଆନ୍ଦୋଳନ, ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ

## ଜନ୍ମଦିନରେ ଯୁବନେତାଙ୍କ ଅଭିନବ ପ୍ରୟାସ

**ବାଲେଶ୍ୱର, ୬।୧୦(ବାଞ୍ଛାନିଧି ଦେ)**

ସମ୍ପ୍ରତି ସମାଜରେ ଦୁଇଟି ସମସ୍ୟା ଚିନ୍ତାର କାରଣ ପାଲଟିଛି। ପରିବେଶ ପ୍ରଦୂଷଣ ଯୋଗୁ ନାହିଁ ନ ଥିବା ସମସ୍ୟା ଉପୁଜୁଥିବା ବେଳେ ନିଶାସେବନ ଯୁବପିଢିଙ୍କୁ ପଥଭ୍ରଷ୍ଟ କରୁଛି। ବିଶେଷ କରି ବାଲେଶ୍ୱରରେ ଡ୍ରଗ୍ସ ଓ ମଦ୍ୟପାନ କାରଣରୁ ଯୁବସମାଜ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ଯୁବନେତା ବିକ୍ରମ ପଣ୍ଡା ନିଜ ଜନ୍ମଦିନରେ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି। ସହର ଉପକଣ୍ଠ କୁରୁଡ଼ା ଛକ ନିକଟସ୍ଥ ନ୍ୟୁ ଲାଇଫ ନିଶା ନିବାରଣ କେନ୍ଦ୍ରରେ ସୋମବାର ଜନ୍ମଦିବସ ପାଳନ ଅବସରରେ ସେ ନିଶା ବିରୋଧରେ ଆନ୍ଦୋଳନ ଓ ପରିବେଶ ସୁରକ୍ଷା ପାଇଁ ବାର୍ତ୍ତା ଦେଇଛନ୍ତି। ବ୍ୟାପକ ବୃକ୍ଷରୋପଣ ଓ ଏହାର ରକ୍ଷଣାବେକ୍ଷଣ ନିମନ୍ତେ ସେ ଆହ୍ୱାନ ଦେଇଛନ୍ତି।

ପ୍ରାରମ୍ଭରେ ନିଶା ନିବାରଣ କେନ୍ଦ୍ରରେ ଥିବା ମହାତ୍ମା ଗାନ୍ଧୀ ଓ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଯୁବନେତା ପଣ୍ଡା ମାଲ୍ୟାର୍ପଣ କରିଥିଲେ। ଏହାପରେ କେନ୍ଦ୍ର ପରିସରରେ ବିଭିନ୍ନ କିସମର



ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୁବନେତା ବିକ୍ରମ ପଣ୍ଡା ଓ ଅନ୍ୟମାନେ।

ବୃକ୍ଷରୋପଣ କରାଯାଇଥିଲା। ଏଥିସହ ଅନ୍ତେବାସୀଙ୍କୁ ନିଶାନିବାରଣ ଉଲ୍ଲେଖ ଥିବା ଟି-ଶାର୍ଟ ବଣ୍ଟନ କରିଥିଲେ। ସାମାଜିକ କର୍ମୀ ରଘୁନାଥ ଲେଙ୍କା ଓ ନିଶା ନିବାରଣ କେନ୍ଦ୍ରର ଅଧ୍ୟକ୍ଷ ବିକ୍ରମ ଦାସଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାହିତ୍ୟିକ ଅଭୟ ଦାସ, ବିଜେଡି ନେତା ଶୁଭେନ୍ଦୁ ମଙ୍ଗରାଜ, ସାମାଜିକ କର୍ମୀ ସଲିମ୍ ରାଜା, ସାହିବା ଆଖତାର, ତନୟ ମହାନ୍ତି, ସଂଗ୍ରାମ ପଣ୍ଡା, ସାମାଜିକ କର୍ମୀ ସତ୍ୟେନ୍ଦ୍ର ଦାସ, ରୂପକ ବେହେରା, ବିଜୟ ଜେନା, ମୋନାଲିସା ଦାସଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ରହି ଯୁବନେତା ପଣ୍ଡାଙ୍କୁ ଜନ୍ମଦିବସର ଶୁଭେଚ୍ଛା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ସୁଶାନ୍ତ ରଣା ପରିଚାଳନା କରିଥିଲେ।

# ଢିମ୍ପୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚୋରି

**ଔପଦା, ୬।୧୦(ଧରିତ୍ରୀ ପଣ୍ଡା):** ଔପଦା ଥାନା ତଳକିଆ ପଞ୍ଚାୟତ ଢିମ୍ପୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ରବିବାର ରାତିରେ ଦୁର୍ବୃତ୍ତମାନେ ପଶି କବାଟ ଭାଙ୍ଗି ଚୋରି କରିନେଇଥିବା ପରିଚାଳନା କମିଟି ସଭାପତି ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ କରିଛି। ଦୁର୍ବୃତ୍ତମାନେ ଘରର କବାଟ ଭାଙ୍ଗି ମଧ୍ୟାହ୍ନଭୋଜନ ପାଇଁ ଥିବା ଚାଉଳ ସହ ଏକ ପାଣିମୋଟରକୁ ଚୋରି କରିନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଚୋରି ଘଟଣା ସମ୍ପର୍କରେ ତଦନ୍ତ ଚାଲୁ ରହିଛି ବୋଲି ପୋଲିସ ପକ୍ଷରୁ ଜଣାଯାଇଛି।

# ମ୍ୟୁନିସିପାଲିଟିରେ ସ୍ଥାୟୀ ଜଳ ନିଷ୍କାସନ ପାଇଁ ଦାବି

## ନାଗରିକ ମଞ୍ଚ ସମୀକ୍ଷା ବୈଠକ

**ସୋର, ୬।୧୦(ଜନ୍ମେଜୟ ମିଶ୍ର)**

ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ ମଞ୍ଚ ସଭାପତି ଶିକ୍ଷାବିତ ନେତ୍ରାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗତ ବୈଠକର ନିଷ୍ପତ୍ତି ଓ କାର୍ଯ୍ୟକାରିତା ଉପରେ ସମ୍ପାଦକ ଉଦ୍ଧବଚରଣ ବିଶ୍ୱାଳ କହିଥିଲେ ଯେ, ସୋର ରେଳଷ୍ଟେଶନର ବହୁବିଧ ସମସ୍ୟା ସହ ଦୂରଗାମୀ ଟ୍ରେନରହଣି, ଦ୍ୱିତୀୟ ପାଦଚଲା ବ୍ରିଜ, କୋଚ ଇଣ୍ଡିକେଟର ଆଦି ଦାବି ପୂରଣ ଉପରେ ଦକ୍ଷିଣ ପୂର୍ବ ରେଳପଥ ଖଡ଼ଗପୁର ଡିଭିଜନର ସହକାରୀ ପ୍ରବନ୍ଧକ ବାଣିଜ୍ୟ ଏବଂ ଇନ୍ସପେକ୍ଟର ବାଣିଜ୍ୟଙ୍କ ସହିତ ନାଗରିକ ମଞ୍ଚର ପ୍ରତିନଧିମାନଙ୍କ ସହିତ ଗତ ୧୭ତାରିଖରେ ଫଳପ୍ରଦ ଆଲୋଚନା ଓ ଲିଖିତ ପ୍ରତିଶ୍ରୁତି ପରେ ଗତ ୨୩ତାରିଖରେ ହେବାକୁ ଥିବା




ବୈଠକରେ ନାଗରିକ ମଞ୍ଚର କର୍ମକର୍ତ୍ତା।

ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ସୋର ମ୍ୟୁନିସିପାଲିଟିର ଅସାବଧାନତା ପାଇଁ ବର୍ଷାଦିନରେ ବିଭିନ୍ନ ୱାର୍ଡରୁ ଜଳ ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଜମିରହୁଛି। ଏ ଦିଗରେ ସ୍ଥାୟୀ ପ୍ରତିକାର କରାଯିବାକୁ ଦାବି କରାଯାଇଛି।

ବୈଠକରେ ବିଭିନ୍ନ ପ୍ରସ୍ତାବ ଉପରେ ମାୟାଧର ନାୟକ, ଗଙ୍ଗାଧର ପାଢ଼ୀ, ମନୋଜ କୁମାର ରାୟ , ପଞ୍ଚାନନ ଶିଅଳ, ଜିତେନ୍ଦ୍ର କୁମାର ବେହେର, ବାସୁକୃଷ୍ଣ ମହାପାତ୍ର, ନିତ୍ୟାନନ୍ଦ କର, ଶଶୀକାନ୍ତ ପଣ୍ଡା, ପ୍ରଦୀପ କୁମାର ଦାଶ, ପଙ୍କଜ କୁମାର ପଣ୍ଡା, ସୁରେନ୍ଦ୍ର ପାଣିଗ୍ରାହୀ, ସୁରେନ୍ଦ୍ର ବେହେରା, କରୁଣାକର ପାଢ଼ୀ, ଅନନ୍ତ ଚରଣ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମଞ୍ଚରେ ନୂତନ ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ହରିହର ଦାସଙ୍କ ସଦସ୍ୟତାକୁ ଗ୍ରହଣ କରାଯାଇଥିଲା। କୋଷାଧ୍ୟକ୍ଷ ଅଦ୍ୱୈତ୍ୟ କୁମାର କର ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

# ୬ ବର୍ଷୀୟା ସମ୍ପର୍କୀୟ ଭଉଣୀଙ୍କୁ ବଳାତ୍କାର

**ଜଳେଶ୍ୱର, ୬।୧୦(ନବୀନ ସାହୁ)**

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ୬ ବର୍ଷୀୟା ଜଣେ ସମ୍ପର୍କୀୟା ଭଉଣୀଙ୍କୁ ଜଣେ ୪୦ ବର୍ଷୀୟ ଯୁବକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

ସୋମବାର ଅପରାହ୍ନ ୨ଟା ବେଳେ ଉକ୍ତ ନାବାଳିକା ଗାଁ ଦାଣ୍ଡରେ ଏକା ଖେଳୁଥିଲେ। ପଡ଼ୋଶୀ ଭାଇଜଣକ ବାରମଜା ଖାଇବାକୁ ଦେବାକୁ କହି ନିଜ ଘର ଭିତରକୁ ଡାକି ନେଇ ବଳାତ୍କାର କରିଥିଲେ। ଏକଥା କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇ ଖସି ପଳାଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ନାବାଳିକା ଜଣକ ନିଜ ଘରକୁ କାନ୍ଦି କାନ୍ଦି ଆସିଥିଲେ। ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ କହିଥିଲେ। ଏହାପରେ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ନାବାଳିକାଙ୍କୁ ଜଳେଶ୍ୱର ମେଡିକାଲରେ ଚିକିତ୍ସା କରାଯାଇଛ। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

# ୧୬୨ ଅଭିଯୋଗର ଶୁଣାଣି




ଜନଶୁଣାଣି କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଓ ଅଭିଯୋଗକାରୀ।

**ବାଲେଶ୍ୱର, ୬।୧୦(ବାଞ୍ଛାନିଧି ଦେ)**

## ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣି

ବାଲେଶ୍ୱର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ସୋମବାର ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ୧୬୨ଜଣ ଅଭିଯୋଗକାରୀ ନିଜ ନାମ ପଞ୍ଜିକରଣ କରି ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଗୁଡ଼ିକ ମଧ୍ୟରୁ ୧୫୧ଟି ବ୍ୟକ୍ତିଗତ, ୨ଟି ସାମୂହିକ, ୯ଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ସମ୍ପର୍କିତ ଅଭିଯୋଗ ଥିଲା। ତନ୍ମଧ୍ୟରୁ ୧୮ଟି ଅଭିଯୋଗର ତତ୍‌କ୍ଷଣାତ୍ ଫଇସଲା ହୋଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ହେମନ୍ତ ସିଂ, ଉପଜିଲାପାଳ ଶିବ ମାଳବୀୟ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ସିଡିଏମ୍‌ଓ ଡା. ପ୍ରଭାତ କୁମାର ବେହେରାଙ୍କ ସମେତ ଜିଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ ଅଭିଯୋଗର ସମାଧାନ ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

# ଇକଡ଼ପାଳରେ ରାବଣ ପୋଡ଼ି ଉତ୍ସବ

**ବାଲିଆପାଳ(ଅମୂଲ୍ୟ କୁମାର ଦାସ)/ ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ ଲଙ୍ଗଳେଶ୍ୱର(କମଳାକାନ୍ତ ଦାସ), ୬।୧୦:** ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ଅଧୀନ ଇକଡ଼ପାଳ ଗ୍ରାମର ଦୁର୍ଗୋତ୍ସବ ପଡ଼ିଆଠାରେ ସାର୍ବଜନୀନ ଦୁର୍ଗାପୂଜା ମହାଆଡ଼ମ୍ବରରେ ପାଳିତ ହୋଇଛି। ଜଗଜ୍ଜନନୀ ମା' ଦୁର୍ଗା ଦେବୀଙ୍କ ପୂଜା ଆରାଧନା ୨୮ରୁ ଆରମ୍ଭ ହୋଇ ୨ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଇଥିଲା। ଏହି ଅବସରରେ ରବିବାର ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଜଗଜ୍ଜନନୀ ମା' ଦୁର୍ଗାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ବିଧାୟିକା ଜେନା ରାବଣ ପୋଡ଼ି ଉତ୍ସବକୁ ଉଦ୍‌ଘାଟନ କରି ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୁଖ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ଇକଡ଼ପାଳ ସାର୍ବଜନୀନ ଦୁର୍ଗାପୂଜା ଉତ୍ସବ କମିଟି ସଭାପତି ପଙ୍କଜ ଘଡ଼ାଇ, ଉପସଭାପତି ଅନ୍ତର୍ଯ୍ୟାମୀ ପାଲ, ସମ୍ପାଦକ ଉତ୍ତମ କୁମାର ପିଲା, ସହସମ୍ପାଦକ ଅଞ୍ଜନ ଘଡ଼ାଇ, ଜୟାନନ୍ଦ ଜେନା, ବ୍ରହ୍ମାନନ୍ଦ ଦେ, ଚନ୍ଦନ ଘଡ଼ାଇ, ଜୟନ୍ତ ବେହେରା, ଅନନ୍ତ ବେହେରା, ରାକେଶ ଜେନା, ପ୍ରଶାନ୍ତ ପିଲା, ବଳରାମ ବେହେରା, ଅନାଦି ପରିଡ଼ା, ନବକୃଷ୍ଣ ପ୍ରଧାନ ସମସ୍ତ ସଦସ୍ୟ ଏହାକୁ ପରିଚାଳନା କରିଥିଲେ। କମିଟି ପକ୍ଷରୁ ମେଲୋଡ଼ି ଓ ଯାତ୍ରା ପରିବେଷଣ ହେବା ସହ ପ୍ରତ୍ୟେକ ସନ୍ଧ୍ୟାରେ ଆନ୍ତଃ ରାଜ୍ୟ କବାଡି ପ୍ରତିଯୋଗିତା (ଉଭୟ ପୁରୁଷ ଓ ମହିଳା) ଆୟୋଜନ କରାଯାଇଥିଲା। ରାବଣପୋଡ଼ି ଓ ଆତସବାଜି କାର୍ଯ୍ୟକ୍ରମ ଉପଭୋଗ କରିବାକୁ ହଜାର ହଜାର ଲୋକଙ୍କ ଜନସମାଗମ ହୋଇଥିଲା।

# ଟ୍ରେନ୍ ଧକ୍କାରେ ବୃଦ୍ଧ ମୃତ

**ଗାନ୍ଧିଛକ, ୬।୧୦(ଦିଲୀପ ପଣ୍ଡା)**

ଦକ୍ଷିଣ ପୂର୍ବ ରେଳପଥର ବସ୍ତା ଷ୍ଟେସନର ଅନତି ଦୂରରେ ନିଜର ଅସାବଧାନତା ଯୋଗୁ ଟ୍ରେନ୍ ଧକ୍କାରେ ଜଣେ ବୃଦ୍ଧ ଖଣ୍ଡ ବିଖଣ୍ଡିତ ହୋଇଛନ୍ତି। ବସ୍ତା ବ୍ଲକ କୁଡ଼ିଆ ପଞ୍ଚାୟତର ପେଗରପଡ଼ା ପାଟଣା ଗାଁର ଭୀମଚରଣ ଦାସ (୭୬) ସୋମବାର ପୂର୍ବାହ୍ନ ୧୧ଟାରେ ନିଜର ରାଶନ କାର୍ଡର ସଂଶୋଧନ ପାଇଁ ବସ୍ତା ବ୍ଲକକୁ ଯାଉଥିଲେ। ନିଜର ଅସାବଧାନତା ଯୋଗୁ ରେଳଧାରଣା ପାରି ହେଉଥିବା ବେଳେ ଡାଉନ ଦ୍ରୁତଗାମୀ ୨୨୫୦୩ନଂ. ବିବେକ ଏକ୍ସପ୍ରେସ ଟ୍ରେନ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଭୀମଙ୍କର ଦୁଇଟି ଗୋଡ଼ ପଡ଼ିଥିବା ବେଳେ ସମ୍ପୂର୍ଣ୍ଣ ଶରୀର ଖଣ୍ଡ ବିଖଣ୍ଡିତ ସହ ବିକ୍ଷିପ୍ତ ହୋଇପଡ଼ିଥିଲା। ରେଲୱେ ପୋଲିସ ପହଞ୍ଚି ଖଣ୍ଡ ବିଖଣ୍ଡିତ ଶରୀରକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରେଲୱେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୭୨/୨୦୨୫) ରୁଜୁ କରିଛି।

# ଗୁରୁଗ୍ରାମରେ ପ୍ରବାସୀ ଓଡ଼ିଆଙ୍କ ପକ୍ଷରୁ ଦୁର୍ଗାପୂଜା

**ଖଇରା, ୫।୧୦(ଉତ୍କଳବନ୍ଧୁ ପଣ୍ଡା)**

ଦିଲ୍ଲୀ ନିକଟବର୍ତ୍ତୀ ଗୁରୁଗ୍ରାମ ୪ନମ୍ବର ସେକ୍ଟରସ୍ଥିତ କମ୍ୟୁନିଟି ସେଣ୍ଟରଠାରେ ପବିତ୍ର ଦୁର୍ଗାପୂଜା ପାଳନ ଅବସରରେ ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଳିଙ୍ଗ କଲଚୁରାଲ ଆଣ୍ଡ ୱେଲଫେୟାର ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଏହି ଷୋଡଶ ବାର୍ଷିକ ପୂଜାରେ ପଣ୍ଡିତ ରୁଦ୍ରନାରାୟଣ ପଣ୍ଡା ଓ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ମା'ଙ୍କର ପୂଜା, ଚଣ୍ଡୀପାଠ ସାଙ୍ଗକୁ ହୋମଯଜ୍ଞାଦି ମାଙ୍ଗଳିକ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର ବିଶିଷ୍ଟ ଗାୟକ ପ୍ରଭୁପାଦ ମହାନ୍ତି, ଗାୟିକା ପାୟଲ



ଗୁରୁଗ୍ରାମ ସେକ୍ଟର ୪ରେ ପୂଜା ପାଉଥିବା ମା' ଦଶଭୁଜାଙ୍କ ମୃଣ୍ମୟୀ ମୂର୍ତ୍ତି।

ମହାନ୍ତିଙ୍କ ହୃଦୟସ୍ପର୍ଶୀ ସଙ୍ଗୀତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଆକାଶ ମହାନ୍ତି ଓ ସରଗମ ଖିଲାର ମଞ୍ଚ କାର୍ଯ୍ୟକ୍ରମର ସଞ୍ଚାଳନା ଓ ସଂଯୋଜନା କରିଥିଲେ। ଗୁରୁଗାଁଓ ବିଧାୟକ ମୁକେଶ ଶର୍ମା, ଡିପି ଗୋୟଲ, ବିଚାରପତି ବିରେନ୍ଦ୍ର ସିଂ, ଆଇନଜୀବୀ କୁମୁଦ ଗୁଗନାନୀ, ଡ. ରବିରଞ୍ଜନ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ପୂଜା କମିଟି ଉପଦେଷ୍ଟା ହରେକୃଷ୍ଣ ମହାନ୍ତି, ଆଇନଜୀବୀ ମୋନାଲିସା ମହାପାତ୍ର, ସୁଶାନ୍ତ କର, ମୂରଲୀଧର ସାହୁ, ସଭାପତି ଗୋବିନ୍ଦ ଚନ୍ଦ୍ର ବେହେରା, ସମ୍ପାଦକ ଭୀମସେନ ସେଠୀ, ଉପସଭାପତି ରଞ୍ଜନ ସାହୁ, ସଙ୍ଗଠନ ସଚିବ କୃଷ୍ଣ ସ୍ୱାଇଁ, କୋଷାଧ୍ୟକ୍ଷ ବିନାୟକ ନାୟକ, ପ୍ରଦ୍ୟୁମ୍ନ ରଥ, ମାନସ ସାହୁ, ସତ୍ୟବ୍ରତ ନାୟକ, ରାଜେନ୍ଦ୍ର ସାହୁ, ଅଶୋକ ସାହୁ, ଚରଣ ଜେନା, ସଂଗ୍ରାମ ଦାସ, ମଳୟ ରଞ୍ଜନ, ସୋମାଲିନ ଦାଶ, ଦେବଦତ୍ତ ବକ୍ସି, ସଂଗ୍ରାମ ସାହୁ, ସଞ୍ଜୟ ସାହୁ, ସତ୍ୟରଞ୍ଜନ ସାହୁଙ୍କ ସମେତ କମିଟିର ସମସ୍ତ ସଦସ୍ୟ ପୂଜାକୁ ସୁନ୍ଦର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

# ଇଲେକ୍ଟ୍ରୋ ହୋମିଓପାଥିକ ଚିକିତ୍ସକଙ୍କ ସ୍ମୃତିସଭା



**ରସାଳପୁର, ୬।୧୦(ଶରତ ସାମଲ):** ବାଲେଶ୍ୱର ଜିଲାର ବିଶିଷ୍ଟ ଇଲେକ୍ଟ୍ରୋ ହୋମିଓପାଥିକ ଚିକିତ୍ସକ ଡା. ମଳୟ କୁମାର ପଣ୍ଡାଙ୍କ ଏକାଦଶାହ କ୍ରିୟା ଅବସରରେ ରବିବାର ଅଙ୍ଗାରଗଡ଼ିଆସ୍ଥିତ ବାସଭବନରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଇଲେକ୍ଟ୍ରୋ ହୋମିଓପାଥିକ ଜିଲା ସଂଘ ପକ୍ଷରୁ ଆୟୋଜିତ ସଭାରେ ସଂଘର ଜିଲା ସଭାପତି ଡା. ପର୍ଶୁରାମ ସେଠୀ, ସମ୍ପାଦକ ଡା. ଅରବିନ୍ଦ ପାତ୍ର, ଡା. ରାମଚନ୍ଦ୍ର ପ୍ରଧାନ, ଡା. ଗଦାଧର ପ୍ରଧାନ, ଡା. ଅମୀୟ ତାଲଦି, ଡା. ନାରାୟଣ ଦାସ ପ୍ରମୁଖ ଯୋଗଦେଇ ତାଙ୍କ ଚିକିତ୍ସା ସେବା ଜୀବନର ସ୍ମୃତିଚାରଣ କରିଥିଲେ। ସଂଘ ପକ୍ଷରୁ ତାଙ୍କ ପରିବାରବର୍ଗଙ୍କୁ ଏକ ପ୍ରତିଛବି ପ୍ରଦାନ କରାଯାଇଥିଲା।


ସେ କୃଷି ବିଭାଗରେ ଚାକିରି କରିଥିବା ବେଳେ ନୀଳଗିରିରୁ ଅବସର ନେଇଥିଲେ। ଅବସର ପରେ ନିଜ ବାସଭବନ ଅଙ୍ଗାରଗଡ଼ିଆଠାରେ କ୍ଲିନିକ କରି ରୋଗୀ ସେବା କରୁଥିଲେ। ଗତ ସେପ୍ଟେମ୍ବର ୨୫ ତାରିଖ ରାତିରେ ତାଙ୍କର ଛାତି ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ଫକୀରମୋହନ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁବେଳକୁ ତାଙ୍କର ବୟସ ୬୩ ବର୍ଷ ହୋଇଥିଲା।

## ୨ ନାବାଳକ ଅଟକ

### ସାବତ ବାପାଙ୍କୁ ହତ୍ୟା ଘଟଣା

ଯୋଡ଼ା,(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ହନୁମାନ ହଟିଂଠାରେ ରବିବାର ଘଟିଥିବା ମନୋଜ କାଳନ୍ଦୀ ହତ୍ୟା ଘଟଣାରେ ପୋଲିସ ୨ ନାବାଳକଙ୍କୁ ଧରିଛି। ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ମୃତ କାଳନ୍ଦୀଙ୍କ ସାବତ ପୁଅ ହୋଇଥିବା ବେଳେ ଅନ୍ୟ ଜଣେ ନାବାଳକଙ୍କ ସହଯୋଗୀ ବୋଲି ପୋଲିସ ସୂଚନା ଦେଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ନାବାଳକ ଜଣକ ମୃତ ମନୋଜ କାଳନ୍ଦୀଙ୍କ ସାବତ ପୁଅ ଥିଲେ। ନାବାଳକଙ୍କୁ ଅନେକ ସମୟରେ ମନୋଜ ମାରପିଟ କରୁଥିଲେ। ଏଥିରେ ନାବାଳକ କ୍ରୋଧାନ୍ୱିତ ହୋଇ ସହଯୋଗୀଙ୍କ ସହିତ ମିଶି ହତ୍ୟା କରି ଫେରାର ହୋଇଯାଇଥିଲେ।

**କେନ୍ଦୁଝର**




କେନ୍ଦୁଝର ଜିଲା ଢେଙ୍କିକୋଟ ଓ ଆନନ୍ଦପୁର ଉପଖଣ୍ଡ ବିରଡ଼ିହାଠାରେ ମା' ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା।

# ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କୁ ଆରାଧନା

ଚମ୍ପୁଆ,୬।୧୦(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଏନ୍ଏସି ଅନ୍ତର୍ଗତ ଶିବଜାଗର ପଡିଆ, ଧଳାଡିହୀ ଓ ଗୋଧୂଳି ଗାଁରେ ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ଗୋଧୂଳି ପୂଜା ୫୭, ଧଳାଡ଼ିହୀ ପୂଜା ୫୦ ଏବଂ ଶିବଜାଗର କମିଟି ପୂଜା ୪୪ ବର୍ଷରେ ପହଞ୍ଚିଥିବା ଜଣାପଡ଼ିଛି। କଳସ ଶୋଭାଯାତ୍ରା ଓ ଅଧିବାସ କାର୍ଯ୍ୟକ୍ରମ ପରେ ପାରମ୍ପାରିକ ରିତିନୀତି ଅନୁଯାୟୀ ମା'ଙ୍କର ପ୍ରାଣପ୍ରତିଷ୍ଠା କରାଯାଇ ପୂଜା କର୍ମ ସମ୍ପର୍ଣ୍ଣ କରାଯାଇଥିଲା। ମଣ୍ଡପଗୁଡ଼ିକରେ ସୁନ୍ଦର ସାଜସଜ୍ଜା, ଆକର୍ଶଣୀୟ ତୋରଣ ସହ ରଙ୍ଗିନ ଆଲୋକମାଳା ଲୋକଙ୍କ ମନକୁ ଆକୃଷ୍ଟ କରୁଛି। ଚଳିତ ବର୍ଷ ଧଳାଡିହି ପୂଜା କମିଟି ତରଫରୁ ୩ ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା କମିଟି ତରଫରୁ ସୂଚନା ମିଳିଛି। ଗୋଧୂଳି ପୂଜା କମିଟି ତରଫରୁ ମଙ୍ଗଳବାର ଗ୍ରାମାଞ୍ଚଳର କୁନିକୁନି ପ୍ରତିଭାଙ୍କୁ ଲୋକନଚନକୁ ଆଣିବା ପାଇଁ ନାଚ ପ୍ରତିଯୋଗିତା ଓ ବୁଧବାର ସଂନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଥିବା ସମ୍ପାଦକ ନରେନ୍ଦ୍ର ନାଏକ ସୂଚନା ଦେଇଛନ୍ତି।

**ଢେଙ୍କିକୋଟ,(ନୀଳମଣି ମଣ୍ଡଳ):** କେନ୍ଦୁଝର ଜିଲା ଢେଙ୍କିକୋଟଠାରେ ସୋମବାର ମହାଲକ୍ଷ୍ମୀ ପୂଜା ମହା ସମାରୋହରେ ପାଳନ କରାଯାଉଛି। ସଂକଳ୍ପଧାରୀ ତଥା ପୁରଧା ରାମଚନ୍ଦ୍ର ସାହୁଙ୍କ ଦ୍ୱାରା ମୁଖ୍ୟ କଳସ ଅଣାଯାଇଥିବା ବେଳେ ଶାଖା କଳସ ମହେଶ୍ୱର ସାହୁ, ମକରଧଜ ସାହୁ, ତାପସ କୁମାର ଓଝା, ସଞ୍ଜିବ ସାହୁ, ସୁଶାନ୍ତ ସେନାପତି ଏବଂ ଦିଗାମ୍ବର ନାୟକଙ୍କ ଦ୍ୱାରା ସପ୍ତ କଳସ ଅଣାଯାଇଥିବା ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ମହାଲକ୍ଷ୍ମୀ ପୂଜା କମିଟିର ଉପଦେଷ୍ଟା ଶଙ୍କର୍ଷଣ ସାହୁ, ରମେଶ ଚନ୍ଦ୍ର ମହାନ୍ତ, ରବିନ୍ଦ୍ର ସାହୁ ଏବଂ ଉପେନ୍ଦ୍ର କୁମାର ଓଝାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ସହଯୋଗ କରିଥିଲେ। ସୁଉଚ୍ଚ ରଙ୍ଗୀନ ତୋରଣ ସାଙ୍ଗକୁ ରଙ୍ଗୀନ ଆଲୋକ ମାଳାରେ ମଣ୍ଡପ ଓ ଢେଙ୍କିକୋଟ ବଜାର ସୁସଜ୍ଜିତ କରାଯାଇଛି। ମହାଲକ୍ଷ୍ମୀ ପୂଜା କମିଟିର ସଭାପତି ରାମଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ପୂଜା ଅନୁଷ୍ଠିତ ହେଉଛି।

**ଆନନ୍ଦପୁର(ସୁଶାନ୍ତ କୁମାର ସାହୁ):** କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ବିରଡ଼ିହାଠାରେ ମା' ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରାଯାଉଛି। ପୂଜା ୪୦ ବର୍ଷରେ ପହଞ୍ଚିଥିବା ବେଳେ ପୂଜା ଧୂମଧାମାରେ କରାଯାଉଛି। ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବା ପାଇଁ ତିନିଦିନ ଧରି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୂଜକ ହରିନାଥ ଷଡ଼ଙ୍ଗୀଙ୍କ ଦ୍ୱାରା ଘଣ୍ଟିଆ ନଦୀରୁ କଳସ ପୂଜା କରାଯାଇ ଗ୍ରାମ ପରିକ୍ରମା କରି ମାଡ଼ଙ୍କ ପୀଠରେ କଳସ ସ୍ଥାପନ କରାଯାଇଥିଲା। ସଂକଳ୍ପରେ ଉଦୟନାଥ ସାହୁ ରହିଥିବା ବେଳେ ସହକର୍ମୀ ଚତୃର୍ଭୁଜ ସାହୁ, ବଳରାମ ମୁଦୁଲି, ସୁଶାନ୍ତ ସାହୁ, ମାନସ ସାହୁ, ମନୋଜ ସାହୁ, ମୁରଲୀ ରଣା କଳସ ଆଣିଥିଲେ। ପଣ୍ଡିତ ଆନନ୍ଦ ଚନ୍ଦ୍ର ଦାସ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରି ମା'ଙ୍କୁ ଆବାହନ କରିଥିଲେ। କମିଟିର ସଭାପତି ଭାବଗ୍ରାହୀ ବେହେରା, ସମ୍ପାଦକ ବିଷ୍ଣୁଚରଣ ସାହୁ, ବରିଷ୍ଠ ସଦସ୍ୟ ବୈଷ୍ଣବ ଚରଣ ସାହୁଙ୍କ ତତ୍ତ୍ୱାବଧାନରେ ପୂଜା କରାଯାଉଛି। ସୂଚନାଯୋଗ୍ୟ, ୧୯୮୫ରେ ପ୍ରଥମ କରି ନାରାୟଣ ସାହୁ ମା' ଲକ୍ଷ୍ମୀଙ୍କ ପୂଜା ଆରମ୍ଭ କରିଥିଲେ।

## ସଂକ୍ଷେପରେ

### ସ୍କୁଲରୁ ଡକାୟତି ଉଦ୍ୟମ ଘଟଣାରେ ୨ ଗିରଫ

ଯୋଡ଼ା,୬।୧୦(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ାସ୍ଥିତ କିଡ଼ଜି ସ୍କୁଲ ଭିତରେ ୬ ଦୁର୍ବୃତ୍ତ ପଶି ରାତ୍ର ଜଗୁଆଳଙ୍କ ହାତ ଓ ମୁହଁ ବାନ୍ଧି ଡକାୟତି ଉଦ୍ୟମ ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବଡ଼ବିଲ ସେରେଣ୍ଡା ଅଞ୍ଚଳର ଏମ୍ଡି ଆହେଶାମ, ବଡ଼ବିଲ ପିଏଚ୍ଡି ରୋଡ ଅଞ୍ଚଳ ରିଆଜ ଖାନ। ସେମାନଙ୍କ ନିକଟରୁ ଏକ ବୋଲେରୋ(ନଂ. ଓ ଡି୦୯ ଏ ୫୧୨୫),୨ ଲୁହା ରଡ଼, ଗୋଟିଏ ଖଣ୍ଡା, ଗୋଟିଏ କଟର ମେଶିନ, ୧୦ଟି ହାତ ମୋଜା ସହିତ ବ୍ୟବହୃତ ବ୍ୟାଗକୁ ପୋଲିସ ଜବତ କରିଥିବା ବଡ଼ବିଲ ଏସ୍ଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ ସୂଚନା ଦେଇଛନ୍ତି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ଯୋଡ଼ା ଆଇଆଇସି ପ୍ରଶାନ୍ତ କୁମାର ସାମଲ କହିଛନ୍ତି। ସୂଚନାଯୋଗ୍ୟ, ଗତ ୨୮ ତାରିଖ ବିଳମ୍ବିତ ରାତିରେ ୨ ରାତ୍ର ଜଗୁଆଳଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହିତ ମୁହଁ ଓ ହାତକୁ କପଡ଼ାରେ ବାନ୍ଧି ସ୍କୁଲ୍ର ତାଲା ଭାଙ୍ଗି ଦୁର୍ବୃତ୍ତ ଡକାୟତି ଉଦ୍ୟମ କରିଥିଲେ। ଜଣେ ଜଗୁଆଳ କୌଶଳ କ୍ରମେ ଖସି ଯାଇ ଚିତ୍କାର କରିବାରୁ ଡକାୟତ ଭୟଭୀତ ହୋଇ ପଳାୟନ କରିଥିଲେ।

### ୭୬ ଗ୍ରାମ୍ ବ୍ରାଉନ୍ସୁଗାର ଜବତ, ୨ ଗିରଫ

ଢେଙ୍କିକୋଟ/ଘଟଗାଁ,୬।୧୦(ନୀଳମଣି ମଣ୍ଡଳ/ରାଜେନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ଘଟଗାଁ ପୋଲିସ ୭୬ ଗ୍ରାମ୍ ବ୍ରାଉନ୍ସୁଗାର ଜବତ କରିଛି। ବେଆଇନ ନିଶା କାରବାର ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଘଟଗାଁ ରଥସାହିର ତାରିଣୀ ଶଙ୍କର ତ୍ରିପାଠୀ(୩୩) ଓ ସୁଜିତ ଦେହୁରୀ(୩୨)। ପ୍ରକାଶ ଯେ, ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ଜେନାଙ୍କ ନିର୍ଦ୍ଦେଶ ପୋଲିସ ଟିମ୍ ରବିବାର ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଏହି ସମୟରେ ନିଶା କାରବାରା ହେଉଥିବା ସୂଚନା ପାଇ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବ୍ରାଉନ୍ସୁଗାର ଜବତ କରିଥିଲା। ଘଟଗାଁ ଥାନାରେ ଏକ ମାମଲା (ନଂ.୪୪୯/୨୫) ରୁଜୁ ହୋଇଛି। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ସବ୍ଇନ୍ସପେକ୍ଟର ଗାଙ୍ଗୋଇ ଲାକ୍ରା କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଘଟଗାଁ ପୋଲିସ ବାଇପାସ୍ ନିକଟରେ ଚଢ଼ାଇ କରି ଆଶୁତୋଷ ତ୍ରିପାଠୀ ନାମକ ଯୁବକଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ ୧୧୮ ଗ୍ରାମ୍ ଧଳାଜହର ଜବତ ହୋଇଥିଲା।

### କାନ୍ଥ ପଡ଼ି ନାବାଳିକାଙ୍କ ମୃତ୍ୟୁ

ଆନନ୍ଦପୁର/ଘସିପୁରା,୬।୧୦(ସୁଶାନ୍ତ କୁମାର ସାହୁ/ ନିରଞ୍ଜନ ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ମଦନପୁର ଗାଁରେ କୁମାରପୂର୍ଣ୍ଣିମା ଦିନ ଏକ ବଡ଼ ଅଘଟଣ ଘଟିଯାଇଛି। କାନ୍ଥ ପଡ଼ି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ଗ୍ରାମର ଶରତ ଚକ୍ରଙ୍କ ୧୭ ବର୍ଷୀୟା ଝିଅ ସୀମାରାଣୀ। ସୂଚନା ଅନୁଯାୟୀ, ସୀମାରାଣୀ କୁମାରପୂର୍ଣ୍ଣମୀ ନିମନ୍ତେ ହାତରେ ମେହେନ୍ଦୀ କରିବାକୁ ପଡ଼ୋଶୀଙ୍କ ଘରକୁ ଯାଇଥିଲେ। ପରେ ଆସିବାକୁ ପଡ଼ୋଶୀ କହିବାରୁ ସେ ଘରକୁ ଫେରୁଥିଲେ। ଏହି ସମୟରେ ବର୍ଷାରେ ଓଦା ହୋଇ ରହିଥିବା ପଡ଼ୋଶୀଙ୍କ ଘରର କାନ୍ଥ ତାଙ୍କ ଉପରେ ପଡ଼ିଯାଇଥିଲା। ତାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଘଟଣାରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

# ପ୍ଲିନ୍ଥ କାମ କରି ଛାତ ଲେବୁଲ ଅର୍ଥ ଉଠାଇନେଲେ

ପାଟଣା,୬।୧୦(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ରେ ଆବାସ ଯୋଜନାରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ବ୍ଲକ୍ର ସମସ୍ତ ପଞ୍ଚାୟତରେ ସ୍ୱଚ୍ଛଳ ବର୍ଗର ଲୋକଙ୍କଠାରୁ ପ୍ରଶାସନିକ ଅଧିକାରୀ ହାତଗୁଞ୍ଜା ନେଇ ଯୋଜନାରେ ଘର ଯୋଗାଉଥିବା କୁହାଯାଉଛି। ଏପରିକି ଇନ୍କମ ଟ୍ୟାକ୍ସ ଦେଉଥିବା, ଅନେକ ହେକ୍ଟର ଜମିର ମାଲିକ ଯୋଜନାରେ ଘର ହାତେଇ ୧୬ଶହ, ୧୨ଶହ, ୨ହଜାର ସ୍କୋୟାର ଫୁଟ୍ର ଜମିରେ କୋଠା ଗଢୁଥିବା ଦେଖିବାକୁ ମିଳୁଛି। ଏପରିକି ଚଞ୍ଚକତା କରି ପ୍ଲିନ୍ଥ କାମ କରି ଛାତ ଲେବଲର ଅର୍ଥ ଉଠାଯାଉଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ପାଟଣା ବ୍ଲକ୍ ଅନ୍ତର୍ଗତ ବୁଢ଼ିକାପୁଡି ପଞ୍ଚାୟତ ବେଲପଶି ଗ୍ରାମରେ ଜଣେ ମହିଳା ଆର୍ଥିକ ବର୍ଷ ୨୧-୨୨ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ଗତ ୩୦ ଡିସେମ୍ବର ୨୦୨୪ରେ ପାଇଥିଲେ। ସେ ପ୍ଲିନ୍ଥ ଯାଏ କାର୍ଯ୍ୟ କରିଥିବା ବେଳେ କାଗଜପତ୍ର ଓ ଫଟୋରେ ଚଞ୍ଚକତା କରି



ପ୍ଲିନ୍ଥ ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ଘର।

ଟପ୍ ଲେବୁଲ ଯାଏ କାର୍ଯ୍ୟ କରିଥିବା ଦର୍ଶାଇ ପ୍ରାୟ ୧ ଲକ୍ଷ ୫ ହଜାର ଟଙ୍କା ଉଠାଇ ନେଇଛନ୍ତି। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ୨ ବଖରା ଗୃହ କରିବାର ନିୟମ ଥିବା ବେଳେ ମହିଳା ୬ ବଖରା ଗୃହ ପାଖାପାଖି ୧୫ଶହ ସ୍କୋୟାରଫୁଟ ଜାଗାରେ ନିର୍ମାଣ କରୁଛନ୍ତି। ମହିଳାଙ୍କ ସ୍ୱାମୀ ଜଣେ ବ୍ୟବସାୟୀ ହୋଇଥିବା ବେଳେ ସେ ଜଣେ ସ୍ୱଚ୍ଛଳ ବର୍ଗର। ସେ କିଭଳି ଆବାସ ପାଇଲେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବ୍ଲକ୍ ଡିପିସି ସୁରେନ୍ଦ୍ର ନାଥ ଖଣ୍ଡା କହିଛନ୍ତି, ଅନ୍ୟ ଜଣେ ଲୋକଙ୍କ ଘରର ଟପ୍ ଲେବୁଲ ପର୍ଯ୍ୟନ୍ତ କାମ ସରିଥିବାର ଫଟୋକୁ ସାଇଡ୍ରେ ଅପଲୋଡ଼ କରାଯାଇଛି। ପିଇଓ ଦିଲୀପ ବେହେରା ଓ ଏଡିଓ ଭାଗୀରଥି ମହାନ୍ତ, ଯନ୍ତ୍ରୀ ଖିଲାରାମ ମୁର୍ମୁ କିଏ ସାଇଡ୍ରେ ଫଟୋ

**ଆବାସ ଯୋଜନାରେ ଦୁର୍ନୀତି**

**ଯୋଜନର ସମସ୍ତ ଘରକୁ ତଦନ୍ତ ପରିସରଭୁକ୍ତ ଦାବି**

ଅପଲୋଡ୍ କଲେ ସ୍ୱୀକାର କରୁନାହାନ୍ତି। ସାଇଡରୁ କିଏ ଫଟୋ ଅପଲୋଡ୍ କରିଛନ୍ତି ଜଣାପଡ଼ିନାହିଁ। ନ ହେଲେ ଆମେ ଥାନାରେ କେସ କରିଥାଆନ୍ତୁ। ବର୍ତ୍ତମାନ ସମ୍ପୃକ୍ତ ହିତାଧିକାରୀ କିଭଳି ଶୀଘ୍ର ଘର କରିବେ ସେନେଇ ପିଇଓ ଓ ଏଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ କହିଛନ୍ତି, ତଦନ୍ତ ଚାଲିଛି ଦୋଷୀ ନିଶ୍ଚୟ ଦଣ୍ଡ ପାଇବେ। ପାଟଣା ବ୍ଲକ୍ର ୨୦୧୯ରୁ ମିଳିଥିବା ସମସ୍ତ ଆବାସ ଗୃହକୁ ପୁନର୍ବାର ତଦନ୍ତ ଦାବି ହୋଇଛି। ଅଯୋଗ୍ୟଙ୍କୁ ଆବାସ ଯୋଗାଇଥିବା ଅସାଧୁ କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଂଗ୍ରେସ ଏମ୍ପି ପ୍ରାର୍ଥୀ ଇଞ୍ଜିନିୟର ବିନୋଦ ବିହାରି ନାଏକ ଦାବି କରିଛନ୍ତି।

# ପଥର ଖୋଲରୁ ମୃତଦେହ ଜବତ

କେନ୍ଦୁଝର/ଘଟଗାଁ/ ଢେଙ୍କିକୋଟ,୬।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ/ ରାଜେନ୍ଦ୍ର କୁମାର ପଟ୍ଟନାୟକ/ ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ବନଚକୁଳିଆ ଗ୍ରାମ ନିକଟ ଗୁଣ୍ଡିଚାଘାଗି ଜଳପ୍ରପାତରେ ନିଖୋଜ ଯୁବକଙ୍କ ମୃତଦେହ ଅଗ୍ନିଶମ କର୍ମଚାରୀ ସୋମବାର ଜବତ କରିଛନ୍ତି। ମୃତକ ହେଲେ ହରିଚନ୍ଦନପୁର ଥାନା ବଡ଼ସିଆଡିମାଳ ଗ୍ରାମର ସତ୍ୟପ୍ରକାଶ ମହାନ୍ତ (୨୬)। ସେ ଗାଧୋଉଥିବା ବେଳେ ପାଣିରେ ସ୍ରୋତରେ ଭାସି ଯାଇ ପଥର ଖୋଲରେ ଫସି ରହିଥିଲେ।

ପ୍ରକାଶ ଯେ, ସତ୍ୟପ୍ରକାଶ ତାଙ୍କ ବନ୍ଧୁମାନଙ୍କ ସହିତ ଘଟଗାଁ ମା' ତାରିଣୀଙ୍କ ଦର୍ଶନ କରିବାକୁ ରବିବାର ଯାଇଥିଲେ। ପ୍ରଥମେ ଗୁଣ୍ଡିଚାଘାଗି ଜଳପ୍ରପାତରେ ଗାଧୋଇବାକୁ ଯାଇଥିଲେ। ସତ୍ୟପ୍ରକାଶ ସାଙ୍ଗମାନଙ୍କ ସହ ଗାଧୋଇବା ସମୟରେ

**ଗୁଣ୍ଡିଚାଘାଗିରେ ଯୁବକ ଭାସିଯିବା ଘଟଣା**

**ପଞ୍ଚାୟତ ପକ୍ଷରୁ ସତର୍କ ସୂଚନା ଲାଗିଲା**

ଜଳସ୍ରୋତରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ଘଟଗାଁ ପୋଲିସ ଏବଂ ଅଗ୍ନିଶମ ସେବା ଦଳ ପହଞ୍ଚି ଖୋଜାଖୋଜି କରିଥିଲେ ବି ରବିବାର ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ପତ୍ତା ମିଳି ନ ଥିଲା। ସୋମବାର ମଧ୍ୟାହ୍ନରେ ମୃତଦେହ ଏକ ପଥର ଖୋଲରେ ଲାଖିଥିବା ଦେଖାଯାଇଥିଲା। ପରେ ଅଗ୍ନିଶମ କର୍ମଚାରୀ ପଥର ଖୋଲରୁ ମୃତଦେହ ବାହାର କରିଥିଲେ। ହରିଚନ୍ଦନପୁର ଥାନା ଅନ୍ତର୍ଗତ ବଡ଼ ଶିଆଳିମାଳ ଗ୍ରାମରୁ ସତ୍ୟପ୍ରକାଶଙ୍କ ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଏନେଇ ଘଟଗାଁ ଥାନାରେ ଏକ ମାମଲା(ନଂ. ୫୦/୨୫)ରୁଜୁ ହୋଇଛି। ପୋଲିସ ପାଟଣା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଗାଁ ଥାନା ଅଧିକାରୀ ସୁଭ୍ରାନ୍ତ କୁମାର ଜେନା କହିଛନ୍ତି, ସର୍ଚ୍ଚ ଅପରେଶନ ପରେ ମୃତଦେହ ଜବତ କରାଯାଇଛି।

ଅନ୍ୟପକ୍ଷରେ ଜଳପ୍ରପାତରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ, ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ଜଳପ୍ରପାତ ନିକଟରେ ସତର୍କତା ବୋର୍ଡ ଲଗାଯାଇଛି। ଜଳପ୍ରପାତରେ ଗାଧୋଇଲେ, ସେଲ୍ଫି କିମ୍ବା ରିଲ୍ସ କଲେ ୫ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ ବୋଲି ବୋର୍ଡରେ ଉଲ୍ଲେଖ କରାଯାଇଛି। କେନ୍ଦୁଝର ଉପ ଜିଲାପାଳ ଉମା ଶଙ୍କର ଦଳେଇ କହିଛନ୍ତି, ଜଳପ୍ରପାତରେ ଦୁର୍ଘଟଣା ରୋକିବା ସହିତ ପର୍ଯ୍ୟଟକଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ନିମନ୍ତେ ପଞ୍ଚାୟତ ପକ୍ଷରୁ ପଦକ୍ଷେପ ନିଆଯାଇଛି।

## ଦୁର୍ଘଟଣାରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଆହତ

ବାଞ୍ଚୋ/ ଆନନ୍ଦପୁର/ ଘସିପୁରା,୬।୧୦(ପ୍ରଦୋଷ କୁମାର ବିଶ୍ୱାଳ/ସୁଶାନ୍ତ କୁମାର ସାହୁ/ ନିରଞ୍ଜନ ସାହୁ):

କେନ୍ଦୁଝର ଜିଲା ଘସିପୁର ବ୍ଲକ୍ର ପୂର୍ବତନ ଅଧ୍ୟକ୍ଷ ତଥା ଘାସିପୁର ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ପୁଅ ଦେବାଶିଷ ପାତ୍ରଙ୍କ ଗାଡ଼ି ସୋମବାର ରାମଚନ୍ଦ୍ରପୁର ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡ଼ି ନିୟନ୍ତ୍ରଣ ହାରାଇ ରାମଚନ୍ଦ୍ରପୁରୁ ପଞ୍ଚାୟତ ନହଙ୍ଗି ପୋଲ ନିକଟରେ ରାସ୍ତା ତଳକୁ ଖସିଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଖବର ଶୁଣି ସ୍ଥାନୀୟ ଲୋକ ଓ ତାଙ୍କ ସମର୍ଥକମାନେ ଶୀଘ୍ର ସୁସ୍ଥତା ପାଇଁ ପ୍ରାର୍ଥନା କରିଛନ୍ତି। ଚିକିତ୍ସକ କୃଷ୍ଣଚନ୍ଦ୍ର ଦାସଙ୍କ କହିବା ଅନୁସାରେ, ହାତରେ ଗଭୀର ଆଘାତ ଲାଗିଛି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଛି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଡାକ୍ତର ଜଣେ ଦିବ୍ୟାଙ୍ଗ ମହିଳାଙ୍କ ପରୀକ୍ଷା କରୁଛନ୍ତି।

ବଡଲା/ ଛେନାପଦି,୬।୧୦ (ଦୁର୍ଗା ପ୍ରସାଦ ଆୟଚ/ନିରାକାର ପରିଡ଼ା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବ୍ଲକ୍ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜନ କୁମାର ପରିଡା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିମା ଦଣ୍ଡପାଟ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ୱାତୀଶ୍ରୀ ସିଂ, ସୁଶ୍ରୀ ସଙ୍ଗୀତା ଜେନା, ମନୀସା ବେହେରା, ଏମ୍ପିଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ଯୁଧିଷ୍ଠିର ମଲ୍ଲିକ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟାଙ୍ଗଙ୍କ ପାଇଁ କରାଯାଇଥିବା ବିଭିନ୍ନ ବ୍ୟବସ୍ଥା ଠିକ୍ ଭାବେ ପରିଚାଳନା ହେଉଛି କି ନାହିଁ ତାହା ଦେଖିବା ସହିତ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଶିବିରରେ ୧୮୮ ଜଣ ଦିବ୍ୟାଙ୍ଗଙ୍କୁ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା। ଡା. ବିନୟ କୁମାର ବାରିକ, ଡା. ରଶ୍ମୀରଞ୍ଜନ, ଡ. ସୁଶାନ୍ତ କୁମାର ମାଝୀ, ଡ. ଅନୀତା ମରୀ ଜେନା ଓ ମାନସ ରନ ମହାନ୍ତ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ କନିଷ୍ଠ ସହାୟକ ଏସ. ପ୍ରତୀକ ଆନନ୍ଦ ପରିଚାଳନା କରିଥିଲା ବେଳେ ଡିଇଓ ରାଜେଶ କୁମାର ସାହୁ, କନିଷ୍ଠ ସହାୟକ ସୁଶ୍ରୀ ସଙ୍ଗୀତା ଜେନା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପ୍ରେମିକ ସହ ମିଶି ସ୍ତ୍ରୀ ହତ୍ୟା କରିଥିଲେ

### ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଜବତ ଘଟଣା

ପାଟଣା,୬।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡ଼ା ବ୍ଲକ୍ମୁଖ୍ୟାଳୟ ସାହାରପଡ଼ା କଲେଜ ସମ୍ମୁଖ ରାସ୍ତାକଡ଼ ବିଲରୁ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଜଡ଼ିବିଲର ବିରଞ୍ଚି ନାରାୟଣ (୪୦)ଙ୍କ ମୃତଦେହ ପୋଲିସ ଜବତ କରିଥିଲା। ଘଟଣାର ୮ ଦିନ ପରେ ସୋମବାର ପୋଲିସ ଘଟଣାର ପର୍ଦ୍ଦାଫାସ କରିଛି। ନିଜେ ସ୍ତ୍ରୀ ପ୍ରେମିକ ସହ ମିଶି ହତ୍ୟା କରି ରାସ୍ତା କଡ଼ରେ ପକାଇଥିବା ପୋଲିସ ସୂଚନା ଦେଇଛି। ପୋଲିସ ଘଟଣାରେ ସ୍ତ୍ରୀ ବର୍ଷାରାଣୀ ମହାନ୍ତ ଓ ପ୍ରେମିକ ପାଟଣା ଥାନା କମାରମରାର ପୁରେନ୍ଦ୍ର ମହାକୁଡ଼(୨୮)ଙ୍କୁ ଗିରଫ କରି ଘଟଣାର ସିନ୍ ରିକ୍ରିଏସନ କରିଛି।

ପ୍ରକାଶ ଯେ, ବିରଞ୍ଚି ଓ ତାଙ୍କ ସ୍ତ୍ରୀ ବର୍ଷାରାଣୀ ଭୁବନେଶ୍ୱରରେ ରହି କାମ କରୁଥିଲେ। ଦୁର୍ଗା ପୂଜାରେ ଦମ୍ପତି ଘରକୁ ଫେରୁଥିବା ବେଳେ କରଞ୍ଜିଆ ବସ୍ଷ୍ଟାଣ୍ଡରେ ଝଗଡ଼ା ହୋଇଥିଲା। ସେଠାରୁ ବିରଞ୍ଚି ନିଜ ଭଉଣୀ ଘର ମାଟିଆଗୁନିକୁ ଯାଉଥିବା ବେଳେ ପୁନର୍ବାର ସାହାରପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିକଟରେ ଝଗଡ଼ା ହୋଇଥିଲା। ବର୍ଷାରାଣୀ ଉତ୍ତ୍ୟକ୍ତ ହୋଇ ସାଥିରେ ଫେରୁଥିବା ପୁରେନ୍ଦ୍ର ସହ ମିଶି ତଣ୍ଟି ଚିପି ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ବର୍ଷା ପୂର୍ବରୁ ପୁରେନ୍ଦ୍ରଙ୍କ ସହିତ ପ୍ରେମ ସମ୍ପର୍କରେ ଥିଲେ। ଏହାକୁ ନେଇ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହେଉଥିଲା ବୋଲି ପୋଲିସ ଜାଣିବାକୁ ପାଇଛି। ଘଟଣା ଦିନ ପୁରେନ୍ଦ୍ର ପ୍ରେମିକା ନିକଟକୁ ଭୁବନେଶ୍ୱର ଯାଇ ସାଙ୍ଗରେ ଫେରୁଥିଲେ ବୋଲି ସାହାରପଡ଼ା ଫାଣ୍ଡି ଅଧିକାରୀ ପାତ୍ର ଓରାମ କହିଛନ୍ତି। ପାଟଣା ଥାନାରେ ଏକ ମାମଲା(ନଂ.୨୪୫/୨୫) ରୁଜୁ ହୋଇଛି। ଘଟଗାଁ ଏସ୍ଡିପିଓ ବିଜୟ କୃଷ୍ଣ ମହାକୁଡ଼ କହିଛନ୍ତି, ୨ ଜଣଙ୍କୁ ଗିରଫ କରାଯାଇ ତଦନ୍ତ ଚାଲିଛି।

# ନିର୍ବାହୀ ଅଧିକାରୀଙ୍କୁ ଘେରିଲେ କାଉନ୍ସିଲର

ଯୋଡ଼ା,୬।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଏ ନେଇ ବାରମ୍ବାର କାଉନ୍ସିଲ ବୈଠକରେ ଦାବି କରାଯାଉଥିଲେ ମଧ ନିର୍ବାହୀ ଅଧିକାରୀ କୌଣସି ପଦକ୍ଷେପ ନେଉନାହାନ୍ତି। ତେଣୁ ସୋମବାର ପୂର୍ବାହ୍ନ ୧୧ଟାରେ ପୌରପାଳିକା କାର୍ଯ୍ୟାଳୟରେ ପୌର ନିର୍ବାହୀ ଅଧିକାରୀ ପୱନ କୁମାର ସିଂ ରାଣାଙ୍କୁ ବିଭିନ୍ନ ୱାର୍ଡର କାଉନ୍ସିଲର ମାନେ ଘେରି ଦାବି ଜଣାଇଥିଲେ।

୩ ନମ୍ବର ୱାର୍ଡର କାଉନ୍ସିଲର ରଶ୍ମିତା ପାଣିଗ୍ରାହୀଙ୍କ ଅଭିଯୋଗ ମୁତାବକ, ଗତ ଦୁଇ ବର୍ଷ ହେବ ସହରରେ ଉନ୍ନୟନ ମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି। କୁନ୍ଦୁରୁନାଲା ରାସ୍ତା ଓ ଡ୍ରେନ୍ ନିର୍ମାଣ କରାଯାଉ ନ ଥିବାରୁ ରାସ୍ତା ସଙ୍କୁଚିତ ହୋଇପଡୁଛି। ଲୋକେ ଯାତାୟାତରେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଏ ନେଇ ବାରମ୍ବାର କାଉନ୍ସିଲ



କାଉନ୍ସିଲରମାନେ ନିର୍ବାହୀ ଅଧିକାରୀଙ୍କୁ ଘେରି ଦାବି ଜଣାଉଛନ୍ତି।

ବୈଠକରେ ଦାବି କରାଯାଇଛି। ମାତ୍ର ନିର୍ବାହୀ ଅଧିକାରୀ କୌଣସି ପଦକ୍ଷେପ ନେଉନାହାନ୍ତି। ତଦାରଖ ଅଭାବରୁ ବିଭିନ୍ନ ବସ୍ତିକୁ ସଂଯୋଗ ରାସ୍ତାରେ ବିଦ୍ୟୁତ୍ ଆଲୋକ ଅନେକ ସମୟରେ ଜଳୁନାହିଁ। ୬ ନମ୍ବର ୱାର୍ଡର କାଉନ୍ସିଲର ଗଣେଶ ମୋଦି କହିଛନ୍ତି, ଶୌଚାଳୟ ମରାମତି, ପରିଚୟ ଗୃହ ନିର୍ମାଣ ପାଇଁ ଦୀର୍ଘ ବର୍ଷ ହେଲା ଦାବି କରାଯାଉଥିଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ୧୦ ନମ୍ବର ୱାର୍ଡ କାଉନ୍ସିଲର ପୂଜା ସିଂ ଆଲଦା କହିଛନ୍ତି, ସୁନାନଦୀ ଦୁଇ କୂଳରେ ପଥର ପ୍ୟାଚିଂ କରାଯାଉ ନ ଥିବାରୁ ନିକଟରେ ବସବାସ କରୁଥିବା ବସ୍ତି ବାସିନ୍ଦାଙ୍କ ଘର ପ୍ରତି ବିପଦ ରହିଛି। ହନୁମାନ ହଟିଂରେ ରହିଥିବା ଶୌଚାଳୟଗୁଡ଼ିକ ରକ୍ଷଣାବେକ୍ଷଣ ଅଭାବରୁ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏପରିକି ଶୌଚାଳୟରେ ପାଣି ବ୍ୟବସ୍ଥା ନାହିଁ। ଏ ନେଇ ବାରମ୍ବାର ପୌରପାଳିକାର

**ପୌରପାଳିକାରେ ଉନ୍ନୟନ କାର୍ଯ୍ୟ ଠପ୍**

ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ କରିଥିଲେ। ସେହିପରି ୫ ନମ୍ବର ୱାର୍ଡ କାଉନ୍ସିଲର ସୁମିତ୍ରା କାରୁଆ ତାରିଣୀ ଛକରୁ ଆଜାଦ ବସ୍ତି ରାସ୍ତା, ଆଜାଦ ନଗର ରାସ୍ତା ମରାମତି ଓ ଡ୍ରେନ ନିର୍ମାଣ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବି କରିଥିଲେ। ୧ ନମ୍ବର ୱାର୍ଡ କାଉନ୍ସିଲର ଭାନୁମତୀ ବାନା ତାରିଣୀ ହଟିଂ, ତଲକ ହଟିଂ, ନେପାଳୀ ବସ୍ତି, ଶାସ୍ତ୍ରୀନଗର ପ୍ରଭୃତି ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା ସହିତ ରାସ୍ତା ମରାମତି ଓ ଡ୍ରେନ ମରାମତି କାର୍ଯ୍ୟ ଦୀର୍ଘ ବର୍ଷ ହେବ ଅଚଳ ହୋଇପଡ଼ିଥିବା କହିଥିଲେ। ବାରମ୍ବାର ନିର୍ବାହୀ ଅଧିକାରୀଙ୍କ ବଦଳି ହେଉଥିବା ଯୋଗୁ ଯୋଡ଼ା ସହରର ସମସ୍ତ ୱାର୍ଡରେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ହୋଇ ପାରୁନାହିଁ ବୋଲି ଅଭିଯୋଗ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ଦୀକ୍ଷିତା ସାହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କ୍ୟାଶ୍ ଅନ୍ ଡେଲିଭରିରେ ଅତିରିକ୍ତ ଶୁଳ୍କ ଉପରେ ନଜର

ଭୁବନେଶ୍ୱର,୬।୧୦
(ଅନୁରାଧା ମହାରଣା)

ଦେଶରେ ଇ-କମର୍ସ କମ୍ପାନୀଗୁଡ଼ିକର ବ୍ୟବସାୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ମାତ୍ର ଏହା ସହିତ ଏହି ପ୍ଲାଟଫର୍ମଗୁଡ଼ିକର କାର୍ଯ୍ୟପ୍ରଣାଳୀକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ନିକଟରେ ଅନେକ ଘଟଣା ସାମ୍ନାକୁ ଆସିଛି, ଯେଉଁଥିରେ ଗ୍ରାହକମାନଙ୍କଠାରୁ କ୍ୟାସ ଅନ ଡେଲିଭରି (ସିଓଡି) ବିକଳ୍ପ ଚୟନ କରିବା ପାଇଁ ଅତିରିକ୍ତ ଶୁଳ୍କ ନିଆଯାଉଛି। ଏହାକୁ ଗମ୍ଭୀରତାର ସହ ନେଇ ସରକାର ଏଭଳି କମ୍ପାନୀଗୁଡ଼ିକ ବିରୁଦ୍ଧରେ ତଦନ୍ତକୁ ଜୋରଦାର କରିଛନ୍ତି। କଞ୍ଜ୍ୟୁମର ଆଫେୟାର୍ସ ବିଭାଗ ଗ୍ରାହକଙ୍କଠାରୁ ନଗଦ ପେମେଣ୍ଟ ବିକଳ୍ପରେ ଅତିରିକ୍ତ ଶୁଳ୍କ ଆଦାୟ କରୁଥିବା ଇ-କମର୍ସ ପ୍ଲାଟଫର୍ମଗୁଡ଼ିକର ତଦନ୍ତ କରୁଛି। କେନ୍ଦ୍ରୀ ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ଏକ ଟ୍ୱିଟ୍ ଏହାକୁ ଡାର୍କ ପ୍ୟାଟର୍ନ ବୋଲି ଅଭିହିତ କରିଛନ୍ତି। ଅର୍ଥାତ୍ ଗ୍ରାହକଙ୍କୁ ଭ୍ରମରେ ରଖି ଅତିରିକ୍ତ ଶୁଳ୍କ ଆଦାୟ କରୁଥିବା ଭ୍ରାନ୍ତିମୂଳକ ରଣନୀତି। ମନ୍ତ୍ରୀ ଜୋଶୀ କହିଛନ୍ତି ଯେ, ଗ୍ରାହକଙ୍କ ଅଧିକାର ସୁରକ୍ଷା ପାଇଁ ସରକାର କଡ଼ା ପଦକ୍ଷେପ ନେବ ଏବଂ ଇ-କମର୍ସ କ୍ଷେତ୍ରରେ ପାରଦର୍ଶିତା ବୃଦ୍ଧି ପାଇଁ ଆବଶ୍ୟକୀୟ ସଂସ୍କାର କରିବ। ସୋସିଆଲ ମିଡିଆରେ ଅନେକ ଗ୍ରାହକ ସ୍କ୍ରିନସଟ ସେୟାର କରି ଦର୍ଶାଇଥିଲେ ଯେ, କେତେକ କମ୍ପାନୀ ପେମେଣ୍ଟ ହ୍ୟାଣ୍ଡଲିଂ ଚାର୍ଜ ନାମରେ ଅତିରିକ୍ତ ଶୁଳ୍କ ନେଉଥିବା ଅଭିଯୋଗ କରିବା ପରେ ଏପରି ବିବାଦ ମୁଣ୍ଡ ଟେକିଥିଲା। 'ଏକ୍ସ' ପ୍ଲାଟଫର୍ମରେ ଜୋମାଟୋ, ସ୍ୱିଗି ଓ ଜେପ୍ଟୋ ଭଳି ଆପ୍‌ଗୁଡ଼ିକ ରେନ ଫି ଓ ଅନ୍ୟାନ୍ୟ ଅତିରିକ୍ତ ଶୁଳ୍କ ନେବା ନେଇ ଗ୍ରାହକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଅଭିଯୋଗ ପରେ ସରକାର ଏକ୍ସନ ମୋଡରେ ରହିଛନ୍ତି। ମନ୍ତ୍ରୀ ଜୋଶୀ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି ଯେ, ଏହି ମାମଲାଗୁଡ଼ିକର ଗଭୀର ତଦନ୍ତ କରାଯିବ ଏବଂ ଗ୍ରାହକଙ୍କ ଅଧିକାର ଉଲ୍ଲଂଘନ କରୁଥିବା କମ୍ପାନୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ସରକାର ପୂର୍ବରୁ ଇ-କମର୍ସ କମ୍ପାନୀଙ୍କୁ ଗ୍ରାହକଙ୍କ ସହ ଅନୁଚିତ ବ୍ୟବହାର ନ କରିବାକୁ ଚେତାବନୀ ଦେଇଛନ୍ତି। ଏହା ସହିତ, ଡାର୍କ ପ୍ୟାଟର୍ନ ଓ ଅତିରିକ୍ତ ଶୁଳ୍କ ଆଦାୟ ଭଳି କାର୍ଯ୍ୟକଳାପକୁ ରୋକିବା ପାଇଁ ନୂଆ ଆଇନ ଆଣିବାର ପ୍ରସ୍ତୁତି ଚାଲିଛି। ସରକାରଙ୍କ ଲକ୍ଷ୍ୟ ହେଉଛି ଗ୍ରାହକଙ୍କୁ କ୍ରୟ ସମୟରେ ପୂର୍ଣ୍ଣ ପାରଦର୍ଶିତା ମିଳୁ ଏବଂ ସେମାନଙ୍କୁ ଲୁକ୍କାୟିତ ଶୁଳ୍କ କିମ୍ବା ଭ୍ରାନ୍ତିମୂଳକ ବିକଳ୍ପ ଦ୍ୱାରା ଭ୍ରମିତ କରାନଯାଉ। ଏହି ସରକାରୀ କଡ଼ାକଡ଼ି ଦ୍ୱାରା ଆଗାମୀ ଦିନରେ ଅନଲାଇନ କ୍ରୟକୁ ଅଧିକ ପ୍ରସାର ଓ ଗ୍ରାହକ ଅନୁକୂଳ କରାଯିବ ବୋଲି ଆଶା କରାଯାଉଛି।



## ଶେୟାର ବଜାରକୁ ପ୍ରଭାବିତ କରିବ ଏଆଇ

ଭୁବନେଶ୍ୱର,୬।୧୦

ଗୋଲ୍ଡମ୍ୟାନ ସାକ୍ସର ସିଇଓ ଡେଭିଡ ସୋଲୋମନ କହିଛନ୍ତି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଆଗାମୀ ୧-୨ ବର୍ଷ ମଧ୍ୟରେ ଶେୟାର ବଜାରକୁ ଖୁବ୍ ପ୍ରଭାବିତ କରିପାରେ। ଡେଭିଡ ସୋଲୋମନ କହିଛନ୍ତି ଆଗାମୀ ମାସଗୁଡ଼ିକରେ ଷ୍ଟକ ମାର୍କେଟରେ ହ୍ରାସ ହେବାର ଚେତାବନୀ ଦେଇଛନ୍ତି। ସିଏନବିସି ରିପୋର୍ଟ ଅନୁଯାୟୀ, ସୋଲୋମନ କହିଛନ୍ତି ଯେ ଏଆଇର ବଢ଼ୁଥିବା ପ୍ରଭାବ ଯୋଗୁ ଆଗାମୀ ସମୟରେ ଷ୍ଟକ ମାର୍କେଟରେ ହ୍ରାସ ହୋଇ ନିବେଶକମାନଙ୍କୁ କ୍ଷତି ସହିବାକୁ ପଡିପାରେ। ଏଆଇ ଯୋଗୁ ସମ୍ପ୍ରତି ଷ୍ଟକ ମାର୍କେଟ ରେକର୍ଡ ଉଚ୍ଚତାରେ ପହଞ୍ଚିଛି ମାତ୍ର ଆଗାମୀ ଏକ-ଦୁଇ ବର୍ଷରେ କିଛି ନିବେଶକଙ୍କୁ କ୍ଷତି ହେବ। କିଛି ଲାଭରେ ରହିବେ। ନୂଆ ଟେକ୍ନୋଲୋଜି ଆସିଲେ ବଡ ପୁଞ୍ଜି ନିର୍ମାଣ ହୁଏ। ଅନେକ ନୂଆ କମ୍ପାନୀ ଉଭା ହୁଅନ୍ତି। ଏହା ବଜାରକୁ ସାମର୍ଥ୍ୟରୁ ଆଗେଇ ନେଇଯାଏ - ଏଥିରେ ଉଭୟ ଜିତିବା ଓ ହାରିବା ବର୍ଗ ରହିବେ।

# ସାମନ୍ଥା ରୁଥ୍ ପ୍ରଭୁ ଜୟଆଲୁକ୍କାସର ନୂଆ ବ୍ରାଣ୍ଡ୍ ଆମ୍ବାସାଡର

ଭୁବନେଶ୍ୱର,୬।୧୦
(ଅନୁରାଧା ମହାରଣା)



ବିଶ୍ୱପ୍ରସିଦ୍ଧ ଅଳଙ୍କାର ବ୍ୟବସାୟୀ ଜୟଆଲୁକ୍କାସ ପ୍ରଖ୍ୟାତ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁଙ୍କୁ ନିଜର ନୂଆ ବ୍ରାଣ୍ଡ୍ ଆମ୍ବାସାଡର ଭାବେ ଘୋଷଣା କରିଛି। ସାମନ୍ଥାଙ୍କର ଆକର୍ଷଣୀୟ ବ୍ୟକ୍ତିତ୍ୱ ଓ ଅଭିନୟ ଜୟଆଲୁକ୍କାସର ସୁନ୍ଦର ଡିଜାଇନ ଓ ଉଚ୍ଚମାନର ଅଳଙ୍କାରକୁ ବିଶ୍ୱ ବଜାରରେ ପହଞ୍ଚାଇବ। ପୂର୍ବରୁ ଅଭିନେତ୍ରୀ କାଜଲ ଜୟଆଲୁକ୍କାସ ସହ ଥିବାବେଳେ ବର୍ତ୍ତମାନ ଏହି ଘୋଷଣା ୨ ଆଇକନଙ୍କୁ ଏକାଠି ଆଣିଛି, ଯେଉଁମାନେ କି ସୌନ୍ଦର୍ଯ୍ୟ, ସତ୍ୟତା ଓ ଉତ୍କର୍ଷକୁ ମୂଲ୍ୟ ଦିଅନ୍ତି। ଜୟଆଲୁକ୍କାସ ଗ୍ରୁପର ଅଧ୍ୟକ୍ଷ ଡ. ଜୟଆଲୁକ୍କାସ କହିଛନ୍ତି, ସାମନ୍ଥା ଆଧୁନିକ ମହିଳାଙ୍କର ଆତ୍ମବିଶ୍ୱାସ ଓ ଶୈଳୀକୁ ପ୍ରତିଫଳିତ କରନ୍ତି। ତାଙ୍କୁ ଆମ ପରିବାରରେ ସ୍ୱାଗତ କରି ଆମେ ଗର୍ବିତ। ସାମନ୍ଥା ଉତ୍ସାହ ପ୍ରକାଶ କରି କହିଛନ୍ତି, ଅଳଙ୍କାର ମୋ ପାଇଁ ବ୍ୟକ୍ତିଗତ ଅଭିବ୍ୟକ୍ତିର ଏକ ମାଧ୍ୟମ। ଜୟଆଲୁକ୍କାସର ସୌନ୍ଦର୍ଯ୍ୟ ଓ କାରିଗରି ମୋତେ ମୁଗ୍ଧ କରିଛି। ଏହା ସହ ଜଡ଼ିତ ହେବା ମୋ ପାଇଁ ଗୌରବର ବିଷୟ। ଜୟଆଲୁକ୍କାସର ସୂଚନାନୁସାରେ ଖୁବ୍ ଶୀଘ୍ର ଏକ ବିଶ୍ୱବ୍ୟାପୀ ଅଭିଯାନ ଆରମ୍ଭ ହେବ, ଯେଉଁଥିରେ ସାମନ୍ଥା ଓ କାଜଲ ଜୟଆଲୁକ୍କାସର ଅଳଙ୍କାରର ସୌନ୍ଦର୍ଯ୍ୟକୁ ବିଶ୍ୱ ସମ୍ମୁଖରେ ପ୍ରଦର୍ଶନ କରିବେ।

# ଏଆଇବିଓସିର ୪୧ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୬।୧୦
(ଅନୁରାଧା ମହାରଣା)




ଅଖିଳ ଭାରତୀୟ ବ୍ୟାଙ୍କ ଅଧିକାରୀ ସଂଘ (ଏଆଇବିଓସି) ଓଡ଼ିଶା ଶାଖା ପକ୍ଷରୁ ଏହାର ୪୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଭୁବନେଶ୍ୱର ଖାରବେଳନଗରସ୍ଥିତ ପିଏନବି ଜୋନାଲ ଅଫିସ ପରିସରରେ ଏଆଇବିଓସି ଧ୍ୱଜାରୋହଣ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ରାଜ୍ୟ ସଭାପତି ତ୍ରୈଲୋଚନ ସାହୁ, ସଚିବ ଅମିତାଭ ଦାସ, ୟୁନିୟନ ବ୍ୟାଙ୍କର ସାଧାରଣ ସଚିବ ଗୌରୀଶଙ୍କର ଚୌଧୁରୀ, ସ୍ନେହାଶିଷ ଘଡ଼େଇ, ସୁକାନ୍ତ ଛାଟୋଇ, ସୌମେନ୍ଦ୍ର ସାହୁ ଓ ବିଭିନ୍ନ ବ୍ୟାଙ୍କ ପଦାଧିକାରୀ ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ସମସ୍ତେ ମିଶି ଏଆଇବିଓସିର ୧୯୮୪ରୁ ବର୍ତ୍ତମାନ ପର୍ଯ୍ୟନ୍ତର ଯାତ୍ରାକୁ ସ୍ମରଣ କରିଥିଲେ। ରାଜ୍ୟ ସଚିବ ତାଙ୍କ ଉଦ୍‌ବୋଧନରେ ଏଆଇବିଓସିର ସ୍ଥାପକ ନେତାମାନଙ୍କୁ ସ୍ମରଣ କରି ବର୍ତ୍ତମାନର ଅର୍ଥନୈତିକ ପରିବର୍ତ୍ତନ, ବ୍ୟାଙ୍କର ଘରୋଇକରଣ, ଆଉଟସୋର୍ସିଂ ଓ ଡିଜିଟାଲ ରୂପାନ୍ତରଣ ଭଳି ଚ୍ୟାଲେଞ୍ଜ ମଧ୍ୟରେ ଅଫିସରମାନଙ୍କ ଅଧିକାର ଓ ସମ୍ମାନ ରକ୍ଷା ପାଇଁ ଏକତା ଓ ସଚେତନତା ଆବଶ୍ୟକ ବୋଲି ଉଲ୍ଲେଖ କରିଥିଲେ। ସାମାଜିକ ଓ ପରିବେଶୀୟ ଦାୟିତ୍ୱର ପ୍ରତୀକ ଭାବେ ଏହି ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଆଗାମୀ ଦିନରେ ରଚନା ଓ ବିତର୍କ ପ୍ରତିଯୋଗିତା ସହିତ ଏକ ୱାକାଥନ ଅନୁଷ୍ଠିତ ହେବ ବୋଲି ଏଆଇବିଓସି ପକ୍ଷରୁ ସୂଚନା ଦିଆଯାଇଛି। ବିଭିନ୍ନ ପ୍ରତିଯୋଗିତାର ବିଷୟ ହେବ ରାଷ୍ଟ୍ର ଗଠନରେ ବ୍ୟାଙ୍କ ଅଫିସରମାନଙ୍କ ଭୂମିକା, ଆଧୁନିକ ବ୍ୟାଙ୍କିଙ୍ଗରେ ନୈତିକତା, ସ୍ଥାୟୀ ଅର୍ଥନୀତି ଓ ସାମାଜିକ ଦାୟିତ୍ୱ। ୱାକାଥନ ମାଧ୍ୟମରେ ସୁସ୍ଥ ଜୀବନ, ଏକତା ଓ ବ୍ୟାଙ୍କ ଅଫିସରମାନଙ୍କ ଦେଶ ଗଠନରେ ଭୂମିକା ବିଷୟରେ ସଚେତନତା ସୃଷ୍ଟି କରାଯିବ।

# ସୌମିତ୍ର ପି. ଶ୍ରୀବାସ୍ତବ ହେଲେ ଇଣ୍ଡିଆନ୍ ଅଏଲ ବିପଣନ ବିଭାଗ ନିର୍ଦ୍ଦେଶକ

ଭୁବନେଶ୍ୱର,୬।୧୦
(ଅନୁରାଧା ମହାରଣା)



ସୌମିତ୍ର ପି. ଶ୍ରୀବାସ୍ତବ ଭାରତୀୟ ତୈଳ ନିଗମ (ଇଣ୍ଡିଆନ୍ ଅଏଲ)ର ନିର୍ଦ୍ଦେଶକ (ବିପଣନ) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତିନି ଦଶନ୍ଧିରୁ ଅଧିକ ସମୟ ଧରି ଏହି ନିଗମରେ କାର୍ଯ୍ୟ କରି ସେ ଏକ ଉଲ୍ଲେଖନୀୟ କ୍ୟାରିଅର ଗଢ଼ିଛନ୍ତି। ଆଇଆଇଟି ରୁଡ଼କୀରୁ ସିଭିଲ ଇଞ୍ଜିନିୟରିଂରେ ସ୍ନାତକ ଏବଂ ମୁମ୍ବାଇର ଏସ୍‌ପି ଜୈନ ଇନ୍‌ଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ ଆଣ୍ଡ ରିସର୍ଚ୍ଚରୁ ଏକ୍ସିକ୍ୟୁଟିଭ ଏମ୍‌ବିଏ ଡିଗ୍ରୀ ହାସଲ କରିଥିବା ଶ୍ରୀବାସ୍ତବ ବିପଣନ, ରଣନୀତି ଏବଂ ଡାଉନଷ୍ଟ୍ରିମ ଅପରେସନ୍ସରେ ବିଶେଷ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ଏଲ୍‌ପିଜି ବ୍ୟବସାୟରେ ୪ ବର୍ଷ କାର୍ଯ୍ୟ କରିଥିଲେ। ପରେ ସେ ବିକ୍ରୟ ବିଭାଗରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଦାୟିତ୍ୱ ନିର୍ବାହ କରିଛନ୍ତି। ସେ ନନ୍-ଫୁଏଲ କନଭେନିଏନ୍ସ ଷ୍ଟୋର୍ସ ଏବଂ ଧ୍ରୁବ - ରିଟେଲ ଟ୍ରାନ୍ସଫର୍ମେଶନ ପ୍ରୋଜେକ୍ଟ ଭଳି ପ୍ରକଳ୍ପଗୁଡ଼ିକର ନେତୃତ୍ୱ ନେଇଛନ୍ତି। ଏହାସହ ଅନେକ ପ୍ରଯୁକ୍ତିବିଦ୍ୟା ଓ ଡିଜିଟାଲାଇଜେଶନ ପଦକ୍ଷେପରେ ମଧ୍ୟ ସେ ନେତୃତ୍ୱ ଦେଇଛନ୍ତି। ଉତ୍ତର ଓ ପୂର୍ବ ଭାରତର ରିଟେଲ ବ୍ୟବସାୟର ମୁଖ୍ୟ ଏବଂ ରିଟେଲ ଟ୍ରାନ୍ସଫର୍ମେଶନ ଗ୍ରୁପର ମୁଖ୍ୟ ଭାବେ କାର୍ଯ୍ୟ କରିବା ସହ ସେ ନୂଆଦିଲ୍ଲୀ ଓ ମୁମ୍ବାଇରେ ଡିଭିଜନାଲ ଅଫିସରେ ମୁଖ୍ୟ ଭୂମିକା ତୁଲାଇଛନ୍ତି। ପଶ୍ଚିମ ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡରେ ବିକ୍ରୟ କାର୍ଯ୍ୟ ଓ ମହାରାଷ୍ଟ୍ର ଓ ଗୋଆର ରାଜ୍ୟ ମୁଖ୍ୟ ଭାବେ ସେ ସମସ୍ତ ପ୍ରମୁଖ ଉତ୍ପାଦ ଓ ବ୍ୟବସାୟର ପରିଚାଳନା କରିଥିଲେ। ନିକଟରେ ସେ କର୍ପୋରେଟ ରଣନୀତିର ଏକ୍ସିକ୍ୟୁଟିଭ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ଗ୍ରାହକ ସନ୍ତୁଷ୍ଟି ବୃଦ୍ଧି ଓ ଅପରେସନ୍ସରେ ଦକ୍ଷତା ଆଣିବା ପାଇଁ ରଣନୀତିକ ପଦକ୍ଷେପ ଗ୍ରହଣ କରିଥିଲେ।

# ଡିଜିଟାଲ ଭିତ୍ତିଭୂମି ସୁଦୃଢ଼ କରିବ ରେଳପଥ ସୁରକ୍ଷା ଅପରେଶନ ସେଣ୍ଟର

## ଏୟାରଟେଲ ବିଜନେସ ସହ ଚୁକ୍ତି

ଭୁବନେଶ୍ୱର,୬।୧୦
(ଅନୁରାଧା ମହାରଣା)

ଏୟାରଟେଲ ବିଜନେସ ଭାରତୀୟ ରେଳପଥ ସୁରକ୍ଷା ଅପରେସନ ସେଣ୍ଟର (ଆଇଆରଏସଓସି) ପାଇଁ ବହୁବର୍ଷିଆ ଚୁକ୍ତି ହାସଲ କରିଛି। ଏହା ଅଧୀନରେ ଏୟାରଟେଲ ଭାରତୀୟ ରେଳପଥର ଡିଜିଟାଲ ଭିତ୍ତିଭୂମିକୁ ସୁରକ୍ଷିତ ରଖିବା ପାଇଁ ୨୪ଘଣ୍ଟିଆ ସାଇବର ସୁରକ୍ଷା ବ୍ୟବସ୍ଥା ପ୍ରସ୍ତୁତ କରିବ। ଭାରତୀୟ ରେଳପଥ ପ୍ରତିଦିନ ୧୩,୦୦୦ ଟ୍ରେନ ଚଳାଇ ୨ କୋଟିରୁ ଅଧିକ ଯାତ୍ରୀଙ୍କୁ ସେବା ଦେଇଥାଏ ଓ ଲକ୍ଷାଧିକ ଡିଜିଟାଲ କାରବାର ପରିଚାଳନା କରିଥାଏ। ଏୟାରଟେଲ ରେଳବାଇର ଟିକେଟ, ପେମେଣ୍ଟ, ଟ୍ରେନ ଟ୍ରାକିଂ ଓ ମାଲପରିବହନ ଭଳି ଗୁରୁତ୍ୱପୂର୍ଣ୍ଣ ଡାଟାକୁ ସୁରକ୍ଷିତ ରଖିବ। ଏହା ୧୬୦,୦୦୦ କର୍ମଚାରୀ ଓ ୨୬ଟି ଅଞ୍ଚଳରେ ଥିବା ଡିଜିଟାଲ କାର୍ଯ୍ୟକୁ ସୁନିଶ୍ଚିତ କରିବ। ଏୟାରଟେଲ ଏଆଇ-ଆଧାରିତ ସୁରକ୍ଷା ବ୍ୟବସ୍ଥା ଓ ମେକ ଇନ ଇଣ୍ଡିଆ ପ୍ରଯୁକ୍ତି ବ୍ୟବହାର କରି ସାଇବର ଆକ୍ରମଣରୁ ରକ୍ଷା କରିବ। ଏହା ରିଅଲ-ଟାଇମ ମନିଟରିଂ, ଏଣ୍ଡପଏଣ୍ଟ ସୁରକ୍ଷା, ଭଲନେରାବିଲିଟି ମ୍ୟାନେଜମେଣ୍ଟ ଓ ନେଟୱାର୍କ ସୁରକ୍ଷା ଯୋଗାଇବ। ଏୟାରଟେଲ ବିଜନେଶ୍‌ର ସିଇଓ ଶରତ ସିହ୍ନା କହିଛନ୍ତି, ଆମେ ରେଳପଥ ଜଟିଳ ଡିଜିଟାଲ ଭିତ୍ତିଭୂମିକୁ ସୁରକ୍ଷିତ କରିବା ପାଇଁ ଗର୍ବିତ। ଆମର ସୁରକ୍ଷା ବ୍ୟବସ୍ଥା ଯାତ୍ରୀଙ୍କ ପାଇଁ ନିରାପଦ ଓ ନିରବଚ୍ଛିନ୍ନ ସେବା ନିଶ୍ଚିତ କରିବ। ରେଳପଥ ବୋର୍ଡର ଇଡିଆଇପି ଦିଲୀପ କୁମାର କହିଛନ୍ତି, ଆଇଆରଏସଓସି ରେଳପଥ ସମ୍ପତ୍ତିର ନିରନ୍ତର ନିରୀକ୍ଷଣ ଓ ସାଇବର ସୁରକ୍ଷା ନିଶ୍ଚିତ କରିବ, ଯାହା ଯାତ୍ରୀ ସେବାକୁ ଉନ୍ନତ କରିବ।




ଧ-୨୧୯୩


# ରେଳ ଦୁର୍ଘଟଣା ବେଳେ ଏକାଠି କାର୍ଯ୍ୟ କରିବେ ୩ ସଂସ୍ଥା

ଭୁବନେଶ୍ୱର,୬।୧୦



ରେଳ ଚଳାଚଳ ସମ୍ବନ୍ଧିତ ବିପଦ ତଥା ଦୁର୍ଘଟଣାର ମୁକାବିଲା ଏବଂ ଗୋଲଡେନ ଆୱାରକୁ ଉପଯୋଗ କରିବା ପାଇଁ ଆରପିଏଫ୍, ଏନଡିଆରଏଫ୍ ଏବଂ ବେଙ୍ଗାଲୁରୁ ଆଇଆର୍‌ଆଇଡିଏମ୍ ଏକାଠି କାର୍ଯ୍ୟ କରିବେ। ଏଥିପାଇଁ ୩ ସଂସ୍ଥା ମଧ୍ୟରେ ତ୍ରିପାକ୍ଷିକ ବୁଝାମଣାପତ୍ର ନୂଆଦିଲ୍ଲୀର ରେଳ ଭବନର ପଞ୍ଚବଟୀ ସମ୍ମିଳନୀ କକ୍ଷରେ ସ୍ୱାକ୍ଷରିତ ହୋଇଯାଇଛି। ଆରପିଏଫ୍ ପକ୍ଷରୁ ମହାନିରୀକ୍ଷକ (ପ୍ରଶିକ୍ଷଣ) ବି. ଭି. ରାଓ, ଏନ୍‌ଡିଆରଏଫ୍ ପକ୍ଷରୁ ମହାନିରୀକ୍ଷକ ନରେନ୍ଦ୍ର ସିଂହ ବୁନ୍ଦେଲା ଏବଂ ଆଇଆରଆଇଡିଏମ ପକ୍ଷରୁ ନିର୍ଦ୍ଦେଶକ ଶ୍ରୀନିବାସ ଏହି ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ରେଳ ବୋର୍ଡର ସଦସ୍ୟ (ଟ୍ରାକ୍ସନ ଏବଂ ରୋଲିଂ ଷ୍ଟକ) ଆର୍. ରାଜଗୋପାଳ, ମହାନିର୍ଦ୍ଦେଶକ (ମାନବ ସମ୍ବଳ) ଅରୁଣା ନାୟର, ମହାନିର୍ଦ୍ଦେଶକ (ଏନଡିଆରଏଫ୍) ପୀୟୂଷ ଆନନ୍ଦ, ମହାନିର୍ଦ୍ଦେଶକ (ଆରପିଏଫ୍) ସୋନାଲୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ସହଯୋଗ ରେଳ ଦୁର୍ଘଟଣା ସମୟରେ ଏକୀକୃତ ରିଲିଫ ଅପରେଶନ ଏବଂ କ୍ଷମତା ନିର୍ମାଣ ପାଇଁ ସ୍ପଷ୍ଟ ସଂସ୍ଥାଗତ ଢାଞ୍ଚା ସ୍ଥାପନ କରିବ। ଦୁର୍ଘଟଣା ପରେ ପ୍ରଥମ ଘଣ୍ଟା ଅର୍ଥାତ୍ ଗୋଲଡେନ ଆୱାର୍‌ରେ ଜୀବନ ବଞ୍ଚାଇବାର ସୁଯୋଗ ସର୍ବାଧିକ ଥିବାରୁ ଏହା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ସୋନାଲୀ ମିଶ୍ର କହିଛନ୍ତ, ସମସ୍ତ ହିତାଧିକାରୀଙ୍କ ମଧ୍ୟରେ ପ୍ରଭାବଶାଳୀ ସହଯୋଗ ଏବଂ ସମନ୍ୱୟ ଆବଶ୍ୟକ ଏବଂ ଏହି ପ୍ରସଙ୍ଗରେ ମାନକ ଅପରେଟିଂ ପ୍ରକ୍ରିୟା ପ୍ରସ୍ତୁତ କରାଯିବା ଉଚିତ।


# Classified Everyday
0674-2580101, 9692975378


REAL ESTATE

SALE

ଭୁବନେଶ୍ୱର NISER, IIT ଜଟଣୀ ପାଖରେ ପ୍ରସ୍ତାବିତ BDA 200ft ରୋଡକୁ ଲାଗି investment ପ୍ଲଟ୍ ପୋଜେସନ ଥାଇ Sqft.- 650/-, 850/- ବିକ୍ରି ହେଉଛି- 9337166296. D-1942

Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492. D-2018

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

5000 sqft plot(bounded) for sale in Sambalpur town near Jail Khana Chowk. with 3-storey building. Site excellent for commercial venture. Call- 7978499399/ 7978038331. D-76078

Duplex sale near Aiims Hospital, Patrapada, Bhubaneswar. Gated Society: 9777433701. D-03




The massage felt totally professional & comfortable at all times-7978109255. D-76495

## AFFIDAVIT

By virtue of an affidavit sworn before the Notary Public, Dharmasala on dated- 23.05.2025, I, Sanjay Kumar Sahoo son of Ajaya Kumar Sahoo permanent resident of Vill- Purushottampur, P.O.- Sisua, P.S.- Salepur, Dist.- Cuttack, Odisha PIN- 754202 declare that I have changed my old name Sanjaya Kumar Sahoo to new name Sanjay Kumar Sahoo. Henceforth, I shall be known as Sanjay Kumar Sahoo for all purposes.
Sanjay Kumar Sahoo
D-2197

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Balasore, dated- 22.09.25, I, Sabitri Sahu, Address: At- Dalingia, P.O.- Jirital, P.S.- Khantapada, Dist.- Balasore State- Odisha, PIN- 756043 declare that I have changed my name from Kantare Sahu to Sabitri Sahu,. Henceforth, I shall be known as Sabitri Sahu for all puposes.
Sabitri Sahu.
D-2198

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ମହକୁମେ, ବରିଷ୍ଠ ଦେୱାନୀ ବିଚାରପତିଙ୍କ ଅଦାଲତ, କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର
Order 5 Rule 20 C.P.C.
Execution No. 01/ 2015

ନୀଳମଣୀ ପଟେଲ .....ବାଦୀ
ବନାମ
ବାବଲି ଗୁପ୍ତା ଓ ମୁନି ଗୁମ୍ପା ...... ପ୍ରତିବାଦୀ
ପ୍ରାୟେଷୁ,

ପ୍ରତିବାଦୀ ନଂ. ୧ (ଡି)- ବାବଲି ଗୁପ୍ତା, ପିତା- ସ୍ୱର୍ଗତ ରାମ ପ୍ରସାଦ ଗୁପ୍ତା, ବୟସ ୩୨ ବର୍ଷ, ପ୍ରତିବାଦୀ ନଂ. ୧ (ଇ) ମୁନି ଗୁପ୍ତା, ପିତା- ସ୍ୱର୍ଗତ ରାମ ପ୍ରସାଦ ଗୁପ୍ତା, ବୟସ ୨୮ ବର୍ଷ, ଉଭୟ ନିବାସୀ- କୁଚିଣ୍ଡା ଏନ୍.ଏ.ସି. ୱାର୍ଡ ନଂ. ୦୭, (ବାଇପାସ୍ ରୋଡ), ପୋ.ଅ./ ଥାନା/ ତହସିଲ- କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର ।

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନୀଳମଣୀ ପଟେଲ, ପିତା- ସ୍ୱର୍ଗତ ମନବୋଧ ପଟେଲ, ନିବାସୀ/ପୋ.ଅ.- ଟାଇଁସର, ଥାନା- ମହୁଲପାଲି, ତହସିଲ- କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର । ତୁମ୍ଭମାନଙ୍କ ନାମରେ ଉପରୋକ୍ତ ବିଚାରାଳୟରେ କୁଚିଣ୍ଡା ଟାଉନ ମୌଜା ସ୍ଥିତ ଖାତା ନଂ. ୪୦୪/୪୦୪, ପ୍ଲଟ୍ ନଂ. ୧୭୧୦ ରକବା ଏ. ୦.୦୫ଡି, ପ୍ଲଟ୍ ନଂ. ୧୭୧୧ ରକବା ଏ. ୦.୦୩ଡି ଜମି ସଂକ୍ରାନ୍ତୀୟ ମୋକଦ୍ଦମା ଦାଏର କରିଛନ୍ତି । ତୁମ୍ଭ ପାଖକୁ ଅଦାଲତ ତରଫରୁ ଡାକ ଯୋଗେ ନୋଟିସ ଯାଉଥିଲେ ସୁଦ୍ଧା ତୁମ୍ଭେ ଜାଣି ଶୁଣି ଗ୍ରହଣ ନ କରି ଅଗ୍ରାହ୍ୟ କରିବାର ପ୍ରତୀତ ହେଉଅଛି ।

ଏଣୁ ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାର ପରବର୍ତ୍ତୀ ତାରିଖ ଆସନ୍ତା ତା. ୧୦।୧୦।୨୦୨୫, ରିଖ ସମୟ ୧୦.୦୦ଘଣ୍ଟା ଧାର୍ଯ୍ୟ କରାଯାଇଛି । ଉକ୍ତ ତାରିଖ ଓ ସମୟ ମତେ ତୁମ୍ଭେ ନିଜେ କିମ୍ବା ତୁମ୍ଭ ଓକିଲଙ୍କ ଜରିଆରେ ହାଜର ହୋଇ ମୋକଦ୍ଦମା ବିଷୟରେ ଲିଖିତ ଭାବରେ ଜଣାଇବ ନଚେତ୍ ମୋକଦ୍ଦମାଟି ତୁମ୍ଭ ଅନୁପସ୍ଥିତିରେ ଏକତରଫା ଭାବରେ ବିଚାର କରାଯିବ ।

ବରିଷ୍ଠ ଦେୱାନୀ ବିଚାରପତି, କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର
ଧ-୨୧୯୪

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



√ପ୍ରଫୁଲ୍ଲ କୁମାର ପଣ୍ଡା
ଆବିର୍ଭାବ - ୨୭/୧୧/୧୯୫୫
ତିରୋଧାନ - ୧୮/୧୦/୨୦୨୪
ଜଟଣୀ, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ : ପରିବାରବର୍ଗ
ଧ-୨୧୯୩

# କିପରି ଚିହ୍ନିବେ ନକଲି ମସଲା



ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ମସଲାରେ ମଧ୍ୟ ଅପମିଶ୍ରଣ କରାଯାଉଛି, ଯାହା ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ତେଣୁ ନକଲି ମସଲା କିପରି ଚିହ୍ନିବେ ଜାଣିରଖନ୍ତୁ କେତୋଟି ସହଜ ଉପାୟ...

★ ଯଦି ପ୍ୟାକେଟ୍ ନ ଆଣି ଖୋଲାରେ ଲଙ୍କାଗୁଣ୍ଡ ଆଣିଛନ୍ତି ତେବେ ତାହା ଅସଲି କି ନୁହେଁ ଜାଣିବା ଲାଗି ଏକ ଗ୍ଲାସ୍ ପାଣି ନିଅନ୍ତୁ। ସେଥିରେ ୧ ଚାମଚ ଲଙ୍କାଗୁଣ୍ଡ ପକାନ୍ତୁ। ଯଦି ତାହା ତୁରନ୍ତ ପାଣିରେ ଗ୍ଲାସ୍‌ର ତଳ ଭାଗକୁ ବସିଯାଉଛି ତେବେ ତାହା ନକଲି। କାରଣ ଅସଲି ଲଙ୍କାଗୁଣ୍ଡ କିଛି ସମୟ ପାଣିରେ ଭାସିବା ପରେ ଧୀରେ ଧୀରେ ତଳକୁ ବସିଥାଏ।

★ ଠିକ୍ ସେହିପରି ହଳଦୀଗୁଣ୍ଡ ଅସଲି କି ନକଲି ଯାଞ୍ଚ କରିପାରିବେ। ୧ କାଚ ଗ୍ଲାସ୍‌ରେ ପାଣି ନିଅନ୍ତୁ ଏବଂ ସେଥିରେ ୧ ଚାମଚ ହଳଦୀଗୁଣ୍ଡ ପକାନ୍ତୁ। ଯଦି ହଳଦୀଗୁଣ୍ଡ କିଛି ସମୟ ଭାସି ଧୀରେ ଧୀରେ ତଳକୁ ଯିବ ଏବଂ ପାଣି ଫିକା ହଳଦୀ ରଙ୍ଗ ଦେଖାଯିବ ତେବେ ତାହା ଅସଲି ବୋଲି ଜାଣିବେ। ଯଦି ପାଣିରେ ପକାଇବା ମାତ୍ରେ ହଳଦୀଗୁଣ୍ଡ ତଳକୁ ବସିଯିବ ଏବଂ ପାଣିର ରଙ୍ଗ ଗାଢ଼ ହଳଦିଆ ଦିଶିବ ତେବେ ତାହା ନକଲି।

★ ଖରାପ ଜିରା ଉପରେ ରଙ୍ଗ କିମ୍ବା ପ୍ରିଜର୍ଭେଟିଭ ଭଳି ଜିନିଷ ମିଶାଯାଇ ଅଧିକ ଦିନ ରଖାଯାଉଛି। ତେଣୁ ଜିରାରେ ମିଶ୍ରଣ ଅଛି କି ନାହିଁ ଜାଣିବା ପାଇଁ କିଛି ଜିରା ନେଇ ଦୁଇ ହାତରେ ରଗଡ଼ନ୍ତୁ, ଯଦି ତାହା ସେହିପରି ରହିବ ଏବଂ ପାପୁଲିରେ କିଛି ନ ଲାଗିବ ତେବେ ତାହା ଅସଲି। ହେଲେ ଯଦି ପାପୁଲିରେ କଳା କିମ୍ବା ମାଟିଆ ରଙ୍ଗର ଧୂଳି ଲାଗିବ ତେବେ ତାହା ନକଲି।

★ ଏକ ଗିନାରେ ପାଣି ନେଇ ଗୋଲମରିଚ ଗୁଣ୍ଡ ପକାନ୍ତୁ। ଅସଲି ଗୋଲମିରିଚ ପାଣିରେ ବୁଡ଼ିଯାଉଥିବା ବେଳେ ନକଲି ପାଣିରେ ଭାସିବ।

★ ଗ୍ୟାସ୍ ଚୁଲା ଅନ୍ କରି ଏହି ଚାମଚ ଦେଖାନ୍ତୁ। ଯଦି ନିଆଁ ସଂସ୍ପର୍ଶରେ ଆସୁ ଆସୁ ଚାମଚରେ ଥିବା ହେଙ୍ଗୁ ଜଳିଯାଏ ତେବେ ଜାଣିବେ ଏହା ଅସଲି ଏବଂ ଠିକ୍ ଭାବେ ନ ଜଳିଲେ ଜାଣିବେ ତାହା ନକଲି।

# ତ୍ୱଚାର ଶତ୍ରୁ ଆଲ୍‌କହଲ୍



**ଅଧିକାଂଶ ମହିଳା ଆଲକହଲ୍ ପିଉଥିବା ଦେଖିବାକୁ ମିଳୁଛି । ହେଲେ ଆପଣ ଜାଣନ୍ତି କି ଏହା ନା କେବଳ କ୍ୟାନ୍‌ସର, ହୃଦ୍‌ରୋଗ ଏବଂ ଅନ୍ୟାନ୍ୟ ଘାତକ ରୋଗର ଆଶଙ୍କା ବୃଦ୍ଧି କରିଥାଏ ବରଂ ତ୍ୱଚା ପାଇଁ ମଧ୍ୟ ଏହା କ୍ଷତିକାରକ...**

❖ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ମୁତାବକ ଆଲ୍‌କହଲ୍ ଶରୀର ପାଇଁ କ୍ଷତିକାରକ। ଏହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ଫଳରେ ତ୍ୱଚା କୁଣ୍ଡେଇହେବା, ଆଲର୍ଜି ଭଳି ସମସ୍ୟା ଦେଖାଦେଇଥାଏ। ଏହା ଡ୍ରାଏ ସ୍କିନ୍ ସମସ୍ୟା ସହ ଆଖି ଲାଲ୍ ପଡ଼ିବା ଏବଂ ଓଠ ଫାଟିବା ସମସ୍ୟାର ମୂଳ କାରଣ ସାଜିଥାଏ।

❖ଡବ୍ଲ୍ୟୁଏଚ୍‌ଓ ରିପୋର୍ଟ ମୁତାବକ ଦିନରେ ୧ ପେଗ୍‌ରୁ ଅଧିକ ଆଲ୍‌କହଲ୍ ପିଉଥିବା ମହିଳାଙ୍କ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମିଯାଏ। ଫଳରେ ତ୍ୱଚାରେ ସହଜରେ ବିଭିନ୍ନ ରୋଗ ସଂକ୍ରମଣ ହୋଇଥାଏ। କେବଳ ଏତିକି ନୁହେଁ, ଏମାନଙ୍କ ତ୍ୱଚା ଅଧିକ ସମ୍ବେଦନଶୀଳ (ସେନ୍‌ସିଟିଭ୍) ଥିବାରୁ କ୍ୟାନ୍‌ସର ଆଶଙ୍କା ବଢ଼ିଯାଏ।

❖ଆଲ୍‌କହଲ୍ ପିଇବା ଯୋଗୁ ଅନେକଙ୍କଠାରେ ନିଦ୍ରାହୀନତା ଦେଖାଯାଏ। ତ୍ୱଚାରେ ଲାଲ୍ ହୋଇ ଫଳିଯିବା, ଆଖିତଳ କଳା ପଡ଼ିବା, ମୁହଁ ଫୁଲିଯିବା ଭଳି ଲକ୍ଷଣ ଦେଖାଦିଏ।

❖ଏମାନଙ୍କଠାରେ ଅଧିକାଂଶ ସମୟରେ ହାଇବ୍ଲଡ୍‌ପ୍ରେସର ଏବଂ ନିଦ୍ରାହୀନତା ସମସ୍ୟା ଦେଖାଦେଇଥାଏ। କମ୍ ଶୋଇବା କାରଣରୁ ଆଖିତଳେ ଡାର୍କ ସର୍କଲ, ଏକ୍ ଲାଇନ, ରିଙ୍କଲ୍ ମାର୍କ, ସ୍କିନ୍ ଟୋନ୍ ଡାର୍କ ହେବା ଭଳି ସମସ୍ୟା ଦେଖାଦିଏ।

❖ଆଲ୍‌କହଲ୍ ଶରୀରରେ ଅଧିକ ହିଷ୍ଟାମାଇନ୍ ନିର୍ଗତ କରିଥାଏ। ତେଣୁ ତ୍ୱଚାର ତଳଭାଗରେ ଥିବା ବ୍ଲଡ୍ ଭେଜେଲ୍ ଫୁଲିଯାଇଥାଏ। ଫଳରେ ମୁହଁ ଓ ପୂରା ଶରୀର ମୋଟା ଦେଖାଯାଏ।

# ନିଶାରୁ ପେଷା

**ପାଠ ପଢ଼ି ଭଲ ଚାକିରିଟିଏ କରି ଆତ୍ମନିର୍ଭରଶୀଳ ହେବାକୁ କେଉଁ ମହିଳା ବା ନ ଚାହାନ୍ତି । ଆଉ ଏଥିରେ କୃତକାର୍ଯ୍ୟ ହେଲେ ଖୁସି ବି ଲାଗେ। ତଥାପି କେବେ କେବେ ମନରେ ନିଜ ରୁଚିକୁ ନେଇ ରହିଯାଏ ଅବସୋସ। ଆଉ ଏମିତିରେ ଯଦି ନିଜ ନିଶାକୁ ନେଇ ସଫଳ କ୍ୟାରିୟର ଗଢ଼ିବାର ସୁଯୋଗ ମିଳିଯାଏ, ତେବେ ଖୁସି ଦ୍ୱିଗୁଣିତ ହୋଇଯାଏ...**







ଚାକିରି ହେଉ ଅବା ବ୍ୟବସାୟ କିମ୍ବା ଅନ୍ୟ କ୍ଷେତ୍ରରେ ରୋଜଗାରକ୍ଷମ ହୋଇପାରିଲେ ଏହା ମହିଳାମାନଙ୍କୁ ଅଧିକ ଉତ୍ସାହିତ କରିଥାଏ। ଆଉ ଏମିତିରେ ସେହି ପେସା ଯଦି ତାଙ୍କ ନିଶା ମଧ୍ୟ ହୋଇଥାଏ ତେବେ ଏହା ସେମାନଙ୍କୁ ଅଧିକ ଉର୍ଜାବାନ୍ ଓ ସୁଦୃଢ଼ କରିଥାଏ। ତେବେ ବର୍ତ୍ତମାନ ନିଜ ରୁଚିକୁ ଏକ ସଫଳ କ୍ୟାରିୟର ଅପ୍ସନ ଭାବେ ବାଛିବା ଲାଗି ଭରପୂର ସୁଯୋଗ ରହିଛି। ତେଣୁ ଡ୍ରଇଂ, ରାଇଟିଂ, କୁକିଂ, ଫ୍ୟାଶନ ଡିଜାଇନିଂ, ଆକ୍ଟିଂ, ଡ୍ୟାନ୍ସିଂ, ଫଟୋଗ୍ରାଫି ଭଳି ରୁଚିଥିବା ଯେକୌଣସି ସଫଳତା ହାସଲ କରିପାରିବେ। ହେଲେ ଏଥିପାଇଁ ଯଥେଷ୍ଟ ନିଷ୍ଠା, ସାଧନା ସହ କେତେକ ଦିଗ ପ୍ରତି ବିଶେଷ ଦୃଷ୍ଟିଦେବା ଆବଶ୍ୟକ...

**ନିଜ ଦକ୍ଷତା ଜାଣିବା ସହ ପରାମର୍ଶ ଜରୁରୀ:** ଅନେକଙ୍କର ନାଚ, ଗୀତ, ପେଣ୍ଟିଂ, ଫଟୋଗ୍ରାଫି, କୁକିଂ ଭଳି ବିଭିନ୍ନ କ୍ଷେତ୍ରରେ ରୁଚିଥାଏ। କେହି କେହି ଏ କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ଇଚ୍ଛା ମଧ୍ୟ କରନ୍ତି। ହେଲେ ସେଥିରେ ସଫଳ ହେବେ କି ନାହିଁ ଦ୍ୱନ୍ଦ୍ୱରେ ପଡ଼ନ୍ତି। ଏଥିପାଇଁ ପ୍ରଥମେ ନିଜେ ଏ ଦିଗରେ କେତେ ଦକ୍ଷ ତାହା ଜାଣିବାକୁ ଚେଷ୍ଟା କରନ୍ତୁ। ମା'ବାପା କିମ୍ବା ଅନ୍ୟ ଗୁରୁଜନ ଓ ବନ୍ଧୁଙ୍କ ସହ ଆଲୋଚନା କରନ୍ତୁ। ଆବଶ୍ୟକସ୍ଥଳେ କୌଣସି ଏକ୍ସପର୍ଟ କିମ୍ବା କ୍ୟାରିୟର କାଉନ୍‌ସିଲରଙ୍କ ପରାମର୍ଶ ନେଲେ ଉପକୃତ ହୋଇପାରିବେ।

**ରିସର୍ଚ୍ଚ କରିବା ଆବଶ୍ୟକ:** ଆପଣ ଯଦି ପ୍ରଫେଶନ ଭାବେ ନିଜ ପ୍ୟାଶନକୁ ବାଛିବାକୁ ଚାହାନ୍ତି ତେବେ ପ୍ରଥମେ ଏହାର ମାର୍କେଟ୍‌ରେ ଡିମାଣ୍ଡ କେତେ, ଏଥିରେ କ୍ୟାରିୟର ଏବଂ ରୋଜଗାର ଅପ୍ସନ କ'ଣ, ଭଲ ଭାବେ ରିସର୍ଚ୍ଚ କରନ୍ତୁ। କେଉଁମାନେ ପୂର୍ବରୁ ଏ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ଏବଂ ଏହା ପାର୍ଟଟାଇମ୍ ନା ଫୁଲ୍‌ଟାଇମ୍ ଭଲ ଭାବେ ବୁଝିନିଅନ୍ତୁ। କାରଣ କ୍ୟାରିୟରକୁ ନେଇ କୌଣସି ନିଷ୍ପତ୍ତିନେବା ପୂର୍ବରୁ ରିସର୍ଚ୍ଚ କରିନେଲେ ଆପଣଙ୍କୁ ଆଗକୁ ବଢ଼ିବା ଏବଂ ସଫଳତା ହାସଲକରିବା ସହଜ ହୋଇପାରିବ।

**ସ୍କିଲ୍ ଡେଭେଲପ୍ କରନ୍ତୁ:** କେହି କୁକିଂ ଭିଡିଓ କରି ଅବା କେହି ଫାଶନ ଡିଜାଇନିଂ କିମ୍ବା ପେଣ୍ଟିଂ ଆଦି କରି ବେଶ୍ ଭଲ ରୋଜଗାର କରୁଥିବା ଦେଖିଲେ କେତେଜଣ ମହିଳା ସେଥିରେ ପ୍ରଭାବିତ ହୋଇ ଉକ୍ତ ପ୍ରଫେଶନକୁ ବାଛିନିଅନ୍ତି, ଯେଉଁଥିରେ ସେମାନଙ୍କର ରୁଚିଥାଏ ହେଲେ ଦକ୍ଷତା ନ ଥାଏ। ଏପରି ନ କରି ଯଦି ରୁଚିଥିବା କ୍ଷେତ୍ରକୁ କ୍ୟାରିୟର ଭାବେ ବାଛିବାକୁ ଚାହୁଁଛନ୍ତି, ତେବେ ଏ ଦିଗରେ ଦକ୍ଷତା ବୃଦ୍ଧି କରିବା ଦିଗରେ ଅଧିକ ଫୋକସ୍ କରନ୍ତୁ। ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ସ୍କିଲ୍ ଡେଭେଲପ୍‌ମେଣ୍ଟ ଶର୍ଟଟର୍ମ କୋର୍ସ ଉପଲବ୍ଧ। ତେଣୁ ଆପଣ ଶର୍ଟଟର୍ମ କୋର୍ସକରି ଅଧିକ ଉପକୃତ ହୋଇପାରିବେ।

**ମାନସିକ ସ୍ତରରେ ଦୃଢ଼ ହୁଅନ୍ତୁ:** ପ୍ରଥମେ ପ୍ରଥମେ ଯଦି କୌଣସି କାରଣରୁ ଅସଫଳ ହୁଅନ୍ତି ତେବେ ହାର୍ ନ ମାନି ନିଜକୁ ମାନସିକ ସ୍ତରରେ ସୁଦୃଢ଼ କରନ୍ତୁ। କାରଣ ବାରମ୍ବାର ଚେଷ୍ଟା କରିବା ଦ୍ୱାରା ହିଁ ସଫଳତାର ସ୍ୱାଦ ଚାଖିପାରିବେ। ତେଣୁ ଉଦ୍ୟମ ଜାରି ରଖିବା ନିହାତି ଜରୁରୀ।

**ଆରମ୍ଭ ଭଲ ହେବା ଦରକାର:** ନିଜକୁ ପୂର୍ବରୁ ଭଲ ଭାବେ ପ୍ରସ୍ତୁତ କରିନେଲେ କୌଣସି କାର୍ଯ୍ୟ ଆରମ୍ଭ କରିବା ବେଳେ ତାହା ଖୁବ୍ ଭଲ ହୋଇପାରିବ। ଦମ୍‌ଦାର ଆରମ୍ଭ ହିଁ ସବୁବେଳେ ଆପଣଙ୍କ କାମ ପ୍ରତି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥାଏ, ଯାହାକି ଆଗକୁ ବଢ଼ିବାର ମାର୍ଗ ସୁଗମ କରିଥାଏ।





## ଏମାନେ କ'ଣ କରନ୍ତି

### ନିଶାକୁ ପେଷା ଭାବେ ଗ୍ରହଣ କରି ଖୁସୀ



**ପ୍ରିୟଦର୍ଶିନୀ ଦାସ**(ପଟିଆ, ଭୁବନେଶ୍ୱର) – ପିଲାବେଳୁ ଆର୍ଟ ଆଉ କ୍ରାଫ୍ଟରେ ବହୁତ ଆଗ୍ରହ ଥିଲା। ବାଉଁଶ କଣି, ମାଟି, ପୁରୁଣା କପଡ଼ାରେ ଜୁଏଲାରୀ ତିଆରି କରୁଥିଲି। ସେ ସମୟରେ ମୋ ମାକୁ ଛାଡ଼ି ଆଉ କେହି ଏହାକୁ ସ୍ୱୀକାର କରୁନଥିଲେ। ମୁଁ ବି ଏହା ମୋର ପ୍ୟାଶନ ବୋଲି ଜାଣି ପାରୁନଥିଲି। ତଥାପି କିଏ ପସନ୍ଦ କରୁ ନ କରୁ ନିଜେ ତିଆରି କରି ସେ ସବୁକୁ ପିନ୍ଧେ। ଧିରେ ଧିରେ ଏହା ମୋର ନିଶାରେ ପରିଣତ ହେଲା। ଦୃଢ଼ ଇଚ୍ଛାଶକ୍ତି ବଳରେ ସଷ୍ଟେନେବଲ ଓ ଇକୋଫ୍ରେଣ୍ଡଲି ଜୁଏଲାରୀ ପ୍ରସ୍ତୁତ କରିବା ଲାଗି ଇକୋଦର୍ଶିନୀ ପ୍ରତିଷ୍ଠା କଲି। ଲୋକଙ୍କ ନେଗେଟିଭ ଫିଡବାକକୁ ଅଣଦେଖା କଲି ଏବଂ କେବଳ ପାଜିଟିଭ କଥାକୁ ଗ୍ରହଣ କରି ଆଗକୁ ବଢ଼ି ଆଜି ନିଜ ନିଶାକୁ ପେଶା ଭାବେ ଗ୍ରହଣ କରି ବହୁ ଖୁସି ଅଛି। ଏହି କାର୍ଯ୍ୟରେ ଅନେକଙ୍କୁ ନିୟୋଜିତ କରି ରୋଜଗାରକ୍ଷମ କରିପାରିଥିବାରୁ ଗର୍ବିତ।

### ଦୃଢ଼ ଇଚ୍ଛାଶକ୍ତି ଥିଲେ ସବୁ ସମ୍ଭବ



**ପ୍ରଜ୍ଞା ମିଶ୍ର** (ଫଟୋଗ୍ରାଫର, ପଟିଆ)– ନାରୀ ହେଉ ଅବା ପୁରୁଷ ମୋ ମତରେ ଜଣେ ଚାହିଁଲେ ଯେକୌଣସି କାର୍ଯ୍ୟ ହାସଲ କରିପାରିବେ। ସେଥିପାଇଁ ଆବଶ୍ୟକ ଦୃଢ଼ ଇଚ୍ଛାଶକ୍ତି। ଆଉ ଏହା ହିଁ ମୋ ସଫଳତାର ରହସ୍ୟ। ଜଣେ ସଫ୍ଟୱେର ଇଞ୍ଜିନିୟର ଭାବେ କାର୍ଯ୍ୟକରୁଥିଲି। ହେଲେ ଫଟୋଗ୍ରାଫି ମୋର ନିଶା ଥିଲା। ତେଣୁ ସେଥିରେ କ୍ୟାରିୟର ଗଢ଼ିବାକୁ ଇଚ୍ଛାହେଲା। ଯଦିଓ ଏହା ସହଜ କାମ ନୁହେଁ ତଥାପି ନିଷ୍ଠାର ସହ କାର୍ଯ୍ୟ ଆରମ୍ଭ କଲି ଏବଂ ଧୈର୍ଯ୍ୟର ସହ ଯଥେଷ୍ଟ ସମୟ ଦେଲି। ସେଥିପାଇଁ ନିଜ ନିଶାକୁ ପେସାକରି ସମାଜରେ ଜଣେ ଫିମେଲ୍ ଫଟୋଗ୍ରାଫର ଭାବେ ପରିଚୟ ସୃଷ୍ଟି କରିପାରିଲି। ଏଥିରୁ ମୋର ବେଶ୍ ଭଲ ରୋଜଗାର ହେବା ସହ ଅନେକଙ୍କୁ ମଧ୍ୟ ରୋଜଗାରକ୍ଷମ କରାଇପାରିଥିବାରୁ ବେଶ୍ ଆତ୍ମସନ୍ତୋଷ ମିଳୁଛି।

**ଆୟ ଉପରେ ଫୋକସ୍ ଦରକାର:** ଯଦି ନିଶାକୁ ପେସା ଭାବେ ବାଛୁଛନ୍ତି ତେବେ ସେଥିରେ କିଭଳି ଭଲ ଆୟ ହୋଇପାରିବ ସେଥିପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତୁ। କାରଣ ଏକ ମଜଭୁତ କ୍ୟାରିୟର ଗଢ଼ିବାର ଅର୍ଥ ଭଲ ରୋଜଗାର କରିବା। ତେଣୁ ପ୍ରଥମେ ମାର୍କେଟ୍ ଷ୍ଟଡି କରନ୍ତୁ, ଆପଣଙ୍କ ଫିଲ୍ଡରେ କିଏ ସବୁ କମ୍ପିଟିଟର ଅଛନ୍ତି ଏବଂ ସେମାନଙ୍କ କାର୍ଯ୍ୟଶୈଳୀ ଓ ଇନ୍‌କମ୍ ସୋର୍ସ ସମ୍ପର୍କରେ ଭଲଭାବେ ଜାଣନ୍ତୁ। ଏହାଦ୍ୱାରା ଆପଣଙ୍କର କାମ ଠିକ୍ ଚାଲିବା ସହ ଭଲ ଆୟ ମଧ୍ୟ ହୋଇପାରିବ।

**କରନ୍ତୁ ବଜେଟ ସେଟ୍ :** ଯଦି ନିଜ ପ୍ୟାଶନକୁ ନେଇ ଷ୍ଟାର୍ଟଅପ୍ କରିବାକୁ ଚିନ୍ତା କରୁଛନ୍ତି, ତେବେ କେତେ ଟଙ୍କା ଖର୍ଚ୍ଚ କରିବେ, କେତେଜଣ ସହକର୍ମୀ ରଖିଲେ ସେମାନଙ୍କୁ କେତେ ଦରମା ଦେବେ ଇତ୍ୟାଦିର ବଜେଟ ଭଲ ଭାବେ ପୂର୍ବରୁ ନିର୍ଦ୍ଧାରଣକରି ରଖନ୍ତୁ। ଏସବୁ ଖର୍ଚ୍ଚ ବାଦ୍ ଆଗାମୀ ୬ ମାସ ପର୍ଯ୍ୟନ୍ତ ଆବଶ୍ୟକ ଅର୍ଥକୁ ଏକ ଏମର୍ଜେନ୍ସି ଫଣ୍ଡକରି ଜମାରଖନ୍ତୁ। କାରଣ କୌଣସି କାରଣରୁ ଟଙ୍କା କମ୍ ପଡ଼ିଲେ ଏହା ବେଶ୍ କାମରେ ଆସିଥାଏ।

## ସୌନ୍ଦର୍ଯ୍ୟ

# କୋକୋନଟ୍ ହେୟାର ସ୍ପା

**ବର୍ତ୍ତମାନ କେଶର ଯତ୍ନ ପାଇଁ ଅନେକ ମହିଳା ହେୟାର ସ୍ପା କରାଇବା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ହେଲେ ଏଥିପାଇଁ ବ୍ୟୁଟିପାର୍ଲରର ଯାଇ ଅଧିକ ଟଙ୍କା ଖର୍ଚ୍ଚ କରିବା ପରିବର୍ତ୍ତେ ଆପଣ ଚାହିଁଲେ ଘରେ ମଧ୍ୟ ନଡ଼ିଆରେ ହେୟାର ସ୍ପା କରି କେଶର ସୌନ୍ଦର୍ଯ୍ୟ ବୃଦ୍ଧି ସହ ମଜଭୁତ ବି କରିପାରିବେ...**





➔କେଶ ପାଇଁ ନଡ଼ିଆତେଲ କେତେ ଭଲ ସମସ୍ତେ ଜାଣନ୍ତି। ସେଥିପାଇଁ ସର୍ବପ୍ରଥମେ ନଡ଼ିଆତେଲ ନେଇ ନଖଉଷୁମ କରିଦିଅନ୍ତୁ। ଏହାକୁ କେଶମୂଳରୁ ଶେଷ ପର୍ଯ୍ୟନ୍ତ ଭଲ ଭାବେ ଲଗାଇ ଆଙ୍ଗୁଳି ଟିପ ସାହାଯ୍ୟରେ ଧୀରେ ଧୀରେ ୫–୧୦ ମିନିଟ୍ ମସାଜ କରନ୍ତୁ। ଏହା ମୁଣ୍ଡରେ ବ୍ଲଡ୍ ସାର୍କୁଲେଶନ ଠିକ୍ ଭାବେ କରିବାରେ ସାହାଯ୍ୟ କରେ।

➔ଏକ ଟାୱେଲକୁ ଗରମପାଣିରେ ବୁଡ଼ାଇ ଚିପୁଡ଼ିଦିଅନ୍ତୁ। ଟାୱେଲକୁ ମୁଣ୍ଡରେ ଗୁଡ଼ାଇ ୫–୬ମିନିଟ୍ ପର୍ଯ୍ୟନ୍ତ ଷ୍ଟିମ୍ ନିଅନ୍ତୁ। ଏହାଦ୍ୱାରା ତେଲ ଭଲ ଭାବେ କେଶ ମୂଳରେ ଭେଦିଯିବ।

➔ଏହାପରେ ସ୍ପା କ୍ରିମ୍ ଲଗାନ୍ତୁ। କୋକୋନଟ୍ ସ୍ପା କ୍ରିମ୍ ପ୍ରସ୍ତୁତ କରିବା ଲାଗି ନଡ଼ିଆକୁ ଗ୍ରାଇଣ୍ଡିଂ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ କିମ୍ବା ପେଷ୍ଟକୁ ଛାଣିଦେଇ ନଡ଼ିଆ କ୍ଷୀରକୁ କେଶ ମୂଳରୁ ଶେଷ ପର୍ଯ୍ୟନ୍ତ ଭଲ ଭାବେ ଲଗାଇ ୧ ଘଣ୍ଟା ପର୍ଯ୍ୟନ୍ତ ରଖନ୍ତୁ।

➔ଏହା ପରେ କୌଣସି ମାଇଲ୍ଡ ଶାମ୍ପୁ ଏବଂ ନର୍ମାଲ ପାଣିରେ କେଶ ଧୋଇଦିଅନ୍ତୁ। ଆପଣ ଚାହିଁଲେ ଏହା ପରେ କୌଣସି କଣ୍ଡିଶନର ଲଗାଇ ମଧ୍ୟ ୨–୩ ମିନିଟ୍ ରଖି ଧୋଇ ପାରିବେ।

➔ସପ୍ତାହରେ ଥରେ ଏହି ସ୍ପା କଲେ ନଡ଼ିଆରେ ଥିବା ଭିଟାମିନ୍ ବି୧, ବି୩, ବି୬, ସି, ଇ ସହ ଥିବା ଅନେକ ମିନେରାଲ୍ସ ତତ୍ତ୍ୱ କେଶକୁ ମଜଭୁତ, କଳା ଏବଂ ଚମକପ୍ରଦ କରିଥାଏ।

## ଖାଦ୍ୟରୁଚି

# ରାଇସ୍ ପକୋଡ଼ା

**ଆବଶ୍ୟକ ସାମଗ୍ରୀ:** ୧ କପ୍ ସିଝା ଚାଉଳ ବା ଭାତ, ୫ ବଡ଼ ଚାମଚ ବେସନ, ଅଧା କପ୍ ଛୋଟ ଛୋଟ କଟାଯାଇଥିବା ପିଆଜ, ଛେଚା ଅଦା ୧ ଚାମଚ, ଛୋଟ ଛୋଟ କଟା ହୋଇଥିବା ଗୋଟିଏ କଞ୍ଚାଲଙ୍କା, ୨ ଚାମଚ କଟା ଧନିଆପତ୍ର, ଅଧା ଛୋଟ ଚାମଚ ଲେଖାଏ ଧନିଆଗୁଣ୍ଡ, ଜିରାଗୁଣ୍ଡ, ହଳଦୀ ଗୁଣ୍ଡ, ଚିମୁଟାଏ ହେଙ୍ଗୁ, ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ଭାତ ନେଇ ଏହାକୁ ହାତରେ ଚକଟି ଦିଅନ୍ତୁ। ସେଥିରୁ ଅନ୍ୟ ସମସ୍ତ ସାମଗ୍ରୀ ଏବଂ ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ ୧୦–୧୫ ମିନିଟ୍ ପର୍ଯ୍ୟନ୍ତ ଘୋଡ଼ାଇ ରଖି ଦିଅନ୍ତୁ। ପିଆଜରୁ ରସ ବାହାରି ଏହି ମିଶ୍ରଣ ଅଧିକ ସଫ୍ଟ ହୋଇଯିବ। ବର୍ତ୍ତମାନ ସେଥିରେ ଅଳ୍ପ ପାଣି ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ ଯେପରି ମିଶ୍ରଣ ଅଧିକ କାଠୁଆ କିମ୍ବା ପାଣିଆ ନ ହୁଏ। ବର୍ତ୍ତମାନ କଡ଼େଇରେ ତେଲ ଗରମ କରନ୍ତୁ। ସେଥିରେ ଚାମଚ ସାହାଯ୍ୟରେ ବରା ମିଶ୍ରଣକୁ ପକାନ୍ତୁ। ମିଡିଅମ ଆଞ୍ଚରେ ଏହାକୁ ଲାଇଟ୍ ବ୍ରାଉନ୍ କଲର ହେବା ପରେ ଓଲଟାଇ ଦିଅନ୍ତୁ। ପକୋଡ଼ା ଗୋଲ୍ଡେନ କଲର ହୋଇଗଲେ ଏହାକୁ ଛାଣି ଦିଅନ୍ତୁ। ଏହାକୁ ଟମାଟୋ ସସ୍, ଚିଲି ସସ୍ ଏବଂ ପୁଦିନା ଚଟଣି ସହ ଗରମ ଗରମ ଖାଇବାର ମଜା ନିଅନ୍ତୁ।






## ଶ୍ରୀଲଙ୍କା ପ୍ରିମିୟର ଲିଗ୍‌ରେ ଖେଳିବେ ଭାରତୀୟ ଖେଳାଳି

**ନୂଆଦିଲ୍ଲୀ, ୬।୧୦ (ପି.ଟି.):** ଶ୍ରୀଲଙ୍କା ପ୍ରିମିୟର ଲିଗ୍ (ଏଲ୍‌ପିଏଲ୍)ରେ ପ୍ରଥମ ଥର ଭାରତୀୟ ଖେଳାଳିମାନଙ୍କୁ ଦେଖିବାକୁ ମିଳିବ। ଟୁର୍ନାମେଣ୍ଟର ଆୟୋଜକଙ୍କ ତରଫରୁ ଏହା ସୋମବାର ଘୋଷଣା କରାଯାଇଛି। ଏଲ୍‌ପିଏଲ୍‌ର ୬ଷ୍ଠ ସଂସ୍କରଣ ଡିସେମ୍ବର ୧ରୁ ଆରମ୍ଭ ହେବ। ଏହି ଟି୨୦ ଇଭେଣ୍ଟରେ ମୋଟ ୨୪ଟି ମ୍ୟାଚ ଖେଳାଯିବ। ତନ୍ମଧ୍ୟରେ ୨୦ ଲିଗ୍ ମ୍ୟାଚ ଏବଂ ୪ନକ୍‌ଆଉଟ ମ୍ୟାଚ ରହିଛି। ଏହା ଦେଶର ତିନୋଟି ପ୍ରମୁଖ ଭେନ୍ୟୁରେ ଖେଳାଯିବ। ସେଗୁଡ଼ିକ ହେଲା କଲମ୍ବୋସ୍ଥିତ ଆର୍. ପ୍ରେମାଦାସା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ, କାଣ୍ଡିସ୍ଥିତ ପାଲିକେଲ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମ ଏବଂ ଦାମ୍ବୁଲାସ୍ଥିତ ରଣଗିରି ଦାମ୍ବୁଲା ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମ। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଥିବା ଭାରତୀୟ ଖେଳାଳିମାନଙ୍କ ନାମ ନିକଟରେ ଘୋଷଣା କରାଯିବ। ଫର୍ମାଟ ଅନୁସାରେ ଲିଗ୍ ପର୍ଯ୍ୟାୟରେ ୫ ଫ୍ରାଞ୍ଚାଇଜ ଭାଗ ନେବେ। ସେମାନେ ପରସ୍ପରକୁ ଦୁଇଥର ଭେଟିବେ। ରାଉଣ୍ଡ-ରବିନ ପର୍ଯ୍ୟାୟ ଶେଷ ହେବାପରେ ଶ୍ରେଷ୍ଠ ୪ଟି ଦଳ ପ୍ଲେ-ଅଫ୍‌କୁ ଉନ୍ନୀତ ହେବେ। ଓପନିଂ ପ୍ଲେ-ଅଫ୍ କ୍ୱାଲିଫାୟର-୧ରେ ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ମୁକାବିଲା ହେବ। ବିଜେତା ଦଳ ସିଧାସଳଖ ଫାଇନାଲକୁ ଉନ୍ନୀତ ହେବ। ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳ ଏଲିମିନେଟରରେ ପରସ୍ପରକୁ ଭେଟିବେ। ଏହି ମ୍ୟାଚର ବିଜେତା କ୍ୱାଲିଫାୟର-୧ର ପରାଜିତ ଦଳକୁ କ୍ୱାଲିଫାୟର-୨ରେ ଭେଟିବ। ଏଥିରୁ ଦ୍ୱିତୀୟ ଫାଇନାଲିଷ୍ଟ ନିରୁପିତ ହେବ ବୋଲି ଟୁର୍ନାମେଣ୍ଟ ନିର୍ଦ୍ଦେଶକ ସମନ୍ଥା ଡୋଡାନୱେଲା ପ୍ରକାଶ କରିଛନ୍ତି।

# ପ୍ରମୋଦଙ୍କୁ ୩ ସ୍ୱର୍ଣ୍ଣ ପଦକ


ପ୍ରମୋଦ ଭଗତ (ବାମ) ଓ ପଦକ ବିଜୟୀ ଅନ୍ୟ ଖେଳାଳିମାନେ।

**ନାଇଜେରିଆ ପାରା ବ୍ୟାଡ୍‌ମିଣ୍ଟନରେ ଓଡ଼ିଶା ପ୍ରତିଯୋଗୀଙ୍କୁ ସଫଳତା**

**ଭୁବନେଶ୍ୱର, ୬।୧୦ (ତପନ ସ୍ୱାଇଁ)**

ନାଇଜେରିଆରେ ଅନୁଷ୍ଠିତ ପ୍ରଥମ ଏବିଆଇଏ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶା ପ୍ରତିଯୋଗୀମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ତାରକା ଖେଳାଳି ପ୍ରମୋଦ ଭଗତ ଏକାକୀ ୩ଟି ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ସେ ଏସ୍‌ଏଲ୍‌୩ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଅନ୍ୟତମ ଭାରତୀୟ ଖେଳାଳି ମଣ୍ଟୁ କୁମାରଙ୍କୁ ୨୧-୭, ୯-୨୧ ଓ ୨୧-୯ରେ ପରାସ୍ତ କରିଛନ୍ତି। ପୁରୁଷ ଡବଲ୍ସରେ ପ୍ରମୋଦ ଓ ସୁକାନ୍ତ କଦମଙ୍କ ଯୋଡ଼ି ଫାଇନାଲରେ ପେରୁର ଗେର୍ସନ ଜେର ଭୋର୍ଗାସ ଲୋଷ୍ଟାନାଲ ଓ ଡିଆନା ରୋଜାସ ଗୋଲାକଙ୍କୁ ୨୧-୧୩, ୨୧-୧୭ରେ ପରାସ୍ତ କରିଥିଲେ। ସେହିପରି ଏସଏଲ୍‌୩-ଏସୟୁ୫ ମିକ୍ସଡ ଡବଲ୍ସ ଫାଇନାଲରେ ପ୍ରମୋଦ ଏବଂ ଆରତି ପାଟିଲଙ୍କ ଯୋଡ଼ି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଟୋକିଓ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ୩୭ ବର୍ଷୀୟ ପ୍ରମୋଦ ହୋୟାର ଏବାଉଟ୍ସ ଫେଲୁଅର୍ସ ପାଇଁ ପ୍ୟାରିସ ଅଲିମ୍ପିକ୍ସ ମିସ୍ କରିଥିଲେ। ୧୮ ମାସ ବାସନ୍ଦ ପରେ ସେ ଚାଇନା ପାରା ବ୍ୟାଡ୍‌ମିଣ୍ଟନରେ ପ୍ରତ୍ୟାବର୍ତ୍ତନ କରି ସଫଳ ହୋଇଥିଲେ। ନୁରୁଲ ହୋସେନ ଖାଁ ଡବ୍ଲୁଏଚ୨ ପୁରୁଷ ସିଙ୍ଗଲ୍ସରେ ରୌପ୍ୟ, ଡବଲ୍ସରେ ସ୍ୱର୍ଣ୍ଣ ପାଇଥିବାବେଳେ କୁଲଦୀପ ମହାକୁଳ ଏସ୍‌ଏଲ୍‌୪ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ନାଇଜେରିଆର ସି. ନନାନ୍ନାଙ୍କଠାରୁ ୮-୨୧ ଓ ୧୬-୨୧ରେ ହାରି ବ୍ରୋଞ୍ଜ ପାଇଥିବାବେଳେ ବିଶ୍ୱରଞ୍ଜନ ପଣ୍ଡା ଏସ୍‌ୟୁ୫ ପୁରୁଷ ଡବଲ୍ସରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

## ପାକିସ୍ତାନର ସିଦ୍ରା ଅମିନଙ୍କୁ ଭର୍ତ୍ସନା

**କଲମ୍ବୋ, ୬।୧୦ (ପି.ଟି.)**



ଭାରତ ବିପକ୍ଷ ମହିଳା ବିଶ୍ୱକପ୍ ମ୍ୟାଚରେ ଆଚରଣ ସଂହିତାର ଲେଭଲ-୧ ବିଧି ଉଲ୍ଲଂଘନ କରିଥିବାରୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ସୋମବାର ପାକିସ୍ତାନ ବ୍ୟାଟର ସିଦ୍ରା ଅମିନଙ୍କୁ ଭର୍ତ୍ସନା କରିବା ସହ ଗୋଟିଏ ଡିମେରିଟ୍ ପଏଣ୍ଟ ପ୍ରଦାନ କରିଛି। ରବିବାର ଆର. ପ୍ରେମାଦାସା ଷ୍ଟାଡିୟମରେ ଅନୁଷ୍ଠିତ ଭାରତ ବିପକ୍ଷ ଏକତରଫା ମୁକାବିଲାରେ ଅମିନ ଏକମାତ୍ର ବ୍ୟାଟର ଭାବେ ଲଢୁଆ ପ୍ରଦର୍ଶନ କରି ବ୍ୟକ୍ତିଗତ ୮୧ ରନ କରିଥିଲେ। ଭାରତର ୨୪୭ ରନ ଜବାବରେ ପାକିସ୍ତାନ ୧୫୯ରନ ରକି ଅଲଆଉଟ ହୋଇଯାଇଥିଲା। ପାକିସ୍ତାନ ଏହି ମ୍ୟାଚ ୮୮ରନରେ ହାରିଯାଇଥିଲା। ପାକିସ୍ତାନର ବିଜୟ ଲକ୍ଷ୍ୟ ପିଛା ବେଳେ ୪୦ତମ ଓଭରରେ ଏହି ଘଟଣା ଘଟିଥିଲା। ସ୍ନେହ ରାଣାଙ୍କ ବଲ୍‌ରେ ଆଉଟ ହୋଇଯିବା ପରେ ଅମିନ ତାଙ୍କ ବ୍ୟାଟ୍‌କୁ ପିଚ୍‌ରେ ଜୋର୍‌ଦାର ପ୍ରହାର କରିଥିଲେ। ୨୪ ମାସ ମଧ୍ୟରେ ପ୍ରଥମ ଅପରାଧ ହୋଇଥିବାରୁ ଅମିନଙ୍କ ଶୃଙ୍ଖଳାଗତ ରେକର୍ଡରେ ଏକ ଡିମେରିଟ ପଏଣ୍ଟ ଯୋଗ କରାଯାଇଥିଲା। ସିଦ୍ରା ଅପରାଧ ସ୍ୱୀକାର କରିବା ସହ ଏମିରେଟ୍ସ ଆଇସିସି ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରିଜର ଶାଣ୍ଡ୍ରେ ଫ୍ରିଜ୍‌ଙ୍କ ଦ୍ୱାରା ପ୍ରସ୍ତାବିତ ଦଣ୍ଡକୁ ଗ୍ରହଣ କରିନେବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା।

## ଭାଗୀରଥି ସ୍ମାରକୀ ଡବଲ୍ସ କ୍ୟାରମ୍ ୧୧ରୁ

**ଭୁବନେଶ୍ୱର, ୬।୧୦ (ତପନ ସ୍ୱାଇଁ):** ଯୁବଶକ୍ତି କ୍ଲବ ଏବଂ ଭୁବନେଶ୍ୱର ଜିଲା କ୍ୟାରମ୍ ଆସୋସିଏଶନ ଆନୁକୂଲ୍ୟରେ ଭାଗୀରଥି ପଟ୍ଟନାୟକ ସ୍ମାରକୀ ଡବଲ୍ସ କ୍ୟାରମ୍ ଟୁର୍ନାମେଣ୍ଟ ଆସନ୍ତା ୧୧ ଓ ୧୨ ତାରିଖରେ ଅନୁଷ୍ଠିତ ହେବ। ୟୁନିଟ୍-୪ସ୍ଥିତ ଯୁବଶକ୍ତି କ୍ଲବ ପରିସରରେ ହେବାକୁଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ଶ୍ରେଷ୍ଠ ୩୨ଟି ଯୋଡ଼ିଙ୍କୁ ନେଇ ମୁକାବିଲା ହେବ। ଖୋର୍ଦ୍ଧା, ଭୁବନେଶ୍ୱର, ପୁରୀ, କଟକ, ଅନୁଗୋଳ, ସୁନ୍ଦରଗଡ଼, ଜଗତ୍‌ସିଂହପୁର ଆଦି ଜିଲାର ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିବେ। ପୂର୍ବତନ ବିଶ୍ୱକପ ଚାମ୍ପିୟନ ଭି. ଆକାଶଙ୍କ ସହ ୨୦ ଜଣ ଜାତୀୟ ଖେଳାଳି ମଧ୍ୟ ଭାଗ ନେଉଛନ୍ତି ବୋଲି ଟୁର୍ନାମେଣ୍ଟ ନିର୍ଦ୍ଦେଶକ ସୁନୀଲ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଆକର୍ଷଣୀୟ ଟ୍ରଫି ସହ ପ୍ରତିଯୋଗିତା ପାଇଁ ୩୦,୦୦୦ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ୧୧ ତାରିଖ ପୂର୍ବାହ୍ନ ୯ଟାରେ ପ୍ରତିଯୋଗିତା ଉଦ୍‌ଘାଟିତ ହେବ ଏବଂ ୧୨ ତାରିଖ ସନ୍ଧ୍ୟା ୭ଟାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସମ୍ପାଦକ ବୀରେନ୍ଦ୍ର ମିଶ୍ର ଜଣାଇଛନ୍ତି।

# ଦକ୍ଷିଣ ଆଫ୍ରିକାର ସହଜ ବିଜୟ

**ଇନ୍ଦୋର,୬।୧୦**

**ମହିଳା କ୍ରିକେଟ ବିଶ୍ୱକପ୍**

ଚଳିତ ମହିଳା କ୍ରିକେଟ ବିଶ୍ୱକପ୍‌ର ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୬ ଉଇକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏହି ବିଜୟ ସହ ଦକ୍ଷିଣ ଆଫ୍ରିକା ପଏଣ୍ଟ ଖାତା ଖୋଲିଛି। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୪୭.୫ ଓଭରରେ ୨୩୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଏକଦା ୩ ଉଇକେଟ ହରାଇ ୧୮୭ ରନ କରିଥିବା ନ୍ୟୁଜିଲାଣ୍ଡ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୪୪ ରନ ମଧ୍ୟରେ ବଳକା ୭ ଉଇକେଟ ହରାଇ ଅଲଆଉଟ୍ ହୋଇଯାଇଥିଲା। ଜବାବରେ ତଜମିନ ବ୍ରିଟ୍ସଙ୍କ ଶତକ ବଳରେ ଦକ୍ଷିଣ ଆଫ୍ରିକା ୪୦.୫ ଓଭରରେ ୪ ଉଇକେଟ ହରାଇ ୨୩୪ ରନ କରି ମ୍ୟାଚ୍ ଜିତି ନେଇଥିଲା। ତଜମିନ ୮୯ ବଲରେ ୧୫ ଚୌକା ଓ ୧ ଛକା ସହିତ ୧୦୧ ରନର ବିସ୍ଫୋରକ ପାଳି ଖେଳିଥିଲେ। ଏହା ତାଙ୍କ କ୍ୟାରିୟରର ସପ୍ତମ ତଥା ଚଳିତ ବର୍ଷର ପଞ୍ଚମ ଶତକ। ତାଙ୍କ ବ୍ୟତୀତ ସୁନେ ଲୁସ ଅପରାଜିତ ୮୩ ରନ କରିଥିଲେ।



ଶତକ ହାସଲ ପରେ ଉଲ୍ଲସିତ ତଜମିନ ବ୍ରିଟ୍ସ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ: ୪୭.୫ ଓଭରରେ ୨୩୧/ଅଲଆଉଟ୍(ସୋଫି ଡିଭାଇନ-୮୫, ବ୍ରୁକ ହାଲିଡେ-୪୫, ନନକୁଲୁଲେକୋ ଏମଲାବା-୪/୪୦)। ଦକ୍ଷିଣ ଆଫ୍ରିକା: ୪୦.୫ ଓଭରରେ ୨୩୪/୪(ତଜମିନ ବ୍ରିଟ୍ସ-୧୦୧, ସୁନେ ଲୁସ-୮୩, ଆମେଲିଆ କେର-୨/୬୨)।

# ଭଉଣୀଙ୍କୁ ସ୍କୁଟି ଉପହାର ଦେଲେ ରିଙ୍କୁ

**ଲକ୍ଷ୍ନୌ,୬।୧୦**




ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟ ରିଙ୍କୁ ସିଂ ତାଙ୍କ ଭଉଣୀ ନେହାକୁ ଏକ ନୂଆ ଇଲେକ୍ଟ୍ରିକ୍ ସ୍କୁଟି ଉପହାରରେ ଦେଇଛନ୍ତି। ଏ ନେଇ ସୋସିଆଲ ମିଡିଆରେ ଫଟୋ ଶେୟାର କରି ରିଙ୍କୁଙ୍କ ଭଉଣୀ ନେହା ସୂଚନା ଦେଇଛନ୍ତି। ଫଟୋରେ ସ୍କୁଟି ସହିତ ନେହା ଓ ରିଙ୍କୁ ରହିଛନ୍ତି। ଏଥିପୂର୍ବରୁ ରିଙ୍କୁ ଗତ ନଭେମ୍ବରରେ ଅଲିଗଡ଼ରେ ଏକ ବିଳାଶପୂର୍ଣ୍ଣ ୩ ତାଲା ବାଙ୍ଗଲୋ କିଣିଥିଲେ, ଯାହାର ନାମ ତାଙ୍କ ମା'ଙ୍କ ନାମରେ ରଖିଛନ୍ତି। ଏହାର ଆନୁମାନିକ ମୂଲ୍ୟ ୩.୫ କୋଟି ଟଙ୍କା। ଉଲ୍ଲେଖଯୋଗ୍ୟ, ଗତ ମାସରେ ଅନୁଷ୍ଠିତ ଏସିଆ କପ୍‌ରେ ପାକିସ୍ତାନ ବିପକ୍ଷ ଫାଇନାଲରେ ରିଙ୍କୁ ଚୌକା ଲଗାଇ ଭାରତକୁ ଜିତାଇଥିଲେ।

**ଭିନୁ ମଙ୍କଡ ଟ୍ରଫି**

## ଦ୍ରାବିଡ୍‌ଙ୍କ ପୁଅଙ୍କୁ କର୍ଣ୍ଣାଟକ ଦଳର ନେତୃତ୍ୱ

**ବେଙ୍ଗାଲୁରୁ,୬।୧୦(ପି.ଟି.)**

ଚଳିତ ମାସ ୯ରୁ ୧୭ ତାରିଖ ପର୍ଯ୍ୟନ୍ତ ଡେରାଡୁନଠାରେ ହେବାକୁ ଥିବା ଭିନୁ ମଙ୍କଡ଼ ଟ୍ରଫି ଲାଗି ସୋମବାର କର୍ଣ୍ଣାଟକ ଦଳ ଘୋଷଣା କରାଯାଇଛି। କିମ୍ବଦନ୍ତୀ ଭାରତୀୟ କ୍ରିକେଟର ରାହୁଲ ଦ୍ରାବିଡ୍‌ଙ୍କ ପୁଅ ଅନଭୟଙ୍କୁ ଦଳର ନେତୃତ୍ୱ ଦାୟିତ୍ୱ ଦିଆଯାଇଛି। ଗତ ସଂସ୍କରଣରେ ସେ ଟୁର୍ନାମେଣ୍ଟରେ ସର୍ବାଧିକ ସ୍କୋର କରିଥିଲେ।

## ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସରେ ଭାରତର ପ୍ରଦର୍ଶନକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

**ନୂଆଦିଲ୍ଲୀ,୬।୧୦(ପି.ଟି.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାରତର ପ୍ରଦର୍ଶନକୁ ଐତିହାସିକ ବୋଲି ଅଭିହିତ କରିଛନ୍ତି। ରବିବାର ଶେଷ ହୋଇଥିବା ପ୍ରତିଯୋଗିତାରେ ଭାରତ ରେକର୍ଡ ୨୨ ପଦକ ଜିତିଛି। ପଦକ ତାଲିକାରେ ୬ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୭ ବ୍ରୋଞ୍ଜ ରହିଛି। ଆମ ପାରା ଆଥ୍‌ଲେଟ୍ସଙ୍କର ଐତିହାସିକ ପ୍ରଦର୍ଶନ। ଚଳିତବର୍ଷର ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଖୁବ୍ ସ୍ୱତନ୍ତ୍ର ଥିଲା। ଭାରତୀୟ ଦଳ ତା'ର ଶ୍ରେଷ୍ଠ ପ୍ରଦର୍ଶନ କରି ୬ ସ୍ୱର୍ଣ୍ଣ ସମେତ ୨୨ ପଦକ ଜିତିଛି। ଆମ ଆଥ୍‌ଲେଟଙ୍କୁ ଅଭିନନ୍ଦନ। ସେମାନଙ୍କର ଏହି ସଫଳତା ଅନେକ ଲୋକଙ୍କୁ ପ୍ରେରଣା ଦେବ। ମୁଁ ଦଳର ପ୍ରତ୍ୟେକ ସଦସ୍ୟଙ୍କ ଲାଗି ଗର୍ବିତ ଏବଂ ସେମାନଙ୍କୁ ଭବିଷ୍ୟତ ଲାଗି ଶୁଭକାମନା ଜଣାଉଛି। ଦିଲ୍ଲୀରେ ଟୁର୍ନାମେଣ୍ଟ ଆୟୋଜନ କରିବା ଭାରତ ପାଇଁ ଏକ ସମ୍ମାନର ବିଷୟ। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ପ୍ରାୟ ୧୦୦ ଦେଶର ଆଥ୍‌ଲେଟ୍ସ ଓ ସପୋର୍ଟ ଷ୍ଟାଫଙ୍କ ନିକଟରେ ମୁଁ କୃତଜ୍ଞ ବୋଲି ପ୍ରଧାନମନ୍ତ୍ରୀ ଏକ୍ସ'ରେ ପୋଷ୍ଟ କରିଛନ୍ତି।

## ଜୋକିମ୍ ଘୋଷଣା କଲେ ୨୩ ଜଣିଆ ଭାରତୀୟ ଦଳ

**ନୂଆଦିଲ୍ଲୀ, ୬।୧୦ (ପି.ଟି.):** କିର୍‌ଗିଜ୍ ରିପବ୍ଲିକର ବିଶ୍‌କେକ୍‌ଠାରେ ଅକ୍ଟୋବର ୧୩ରୁ ୧୭ ପର୍ଯ୍ୟନ୍ତ ହେବାକୁଥିବା ୨୦୨୬ ଏଏଫ୍‌ସି ୧୭ବର୍ଷରୁ କମ୍ ମହିଳା ଏସିଆ କପ୍ ଫୁଟ୍‌ବଲ କ୍ୱାଲିଫାୟର୍ସ ପାଇଁ କୋଚ୍ ଜୋକିମ ଆଲେକ୍ଜାଣ୍ଡରସନ ସୋମବାର ଏକ ୨୩ ଜଣିଆ ଦଳ ଘୋଷଣା କରିଛନ୍ତି। ଭାରତ ତିନୋଟି ଦଳକୁ ନେଇ ଗ୍ରୁପ୍ 'ଜି'ରେ ସ୍ଥାନ ପାଇଛି। ଭାରତ ପ୍ରଥମେ ଅକ୍ଟୋବର ୧୩ରେ ଆୟୋଜକ କିରଗିଜ୍ ରିପବ୍ଲିକ ଏବଂ ଅକ୍ଟୋବର ୧୭ରେ ଉଜ୍‌ବେକିସ୍ତାନକୁ ଭେଟିବ। ଗ୍ରୁପ୍ ବିଜେତା ଆସନ୍ତାବର୍ଷ ଚାଇନାରେ ୧୨ଟି ଦଳକୁ ନେଇ ହେବାକୁଥିବା ଫାଇନାଲ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଭୁଟାନରେ ସାଫ୍ ୧୭ବର୍ଷରୁ କମ୍ ମହିଳା ଚାମ୍ପିୟନଶିପ୍ ଜିତିବାପରେ ଭାରତୀୟ ଦଳ କ୍ୟାମ୍ପରେ ବ୍ୟସ୍ତ ରହିଛି।

# ଭାଗନେଲେ ୧୬ ରାଜ୍ୟର ଖେଳାଳି

**ସ୍ପେଶାଲ୍ ଅଲିମ୍ପିକ୍ସ ଭାରତ ଜାତୀୟ ବାସ୍କେଟବଲ୍ ଉଦ୍‌ଘାଟିତ**

**ଭୁବନେଶ୍ୱର, ୬।୧୦ (ତପନ ସ୍ୱାଇଁ)**

ବରୁଣେଇସ୍ଥିତ କେଟି ଗ୍ଲୋବାଲ୍ ସ୍କୁଲ୍ କ୍ରିକେଟ୍ ଗ୍ରାଉଣ୍ଡରେ ସୋମବାର ସ୍ପେଶାଲ୍ ଅଲିମ୍ପିକ୍ସ ଭାରତ ଜାତୀୟ ବାସ୍କେଟବଲ୍ ଚାମ୍ପିଅନଶିପ୍ ଉଦ୍‌ଘାଟିତ ହୋଇଛି। ଏଥିରେ ୧୬ ରାଜ୍ୟର ଖେଳାଳି, ପ୍ରଶିକ୍ଷକ, ଅଂଶୀଦାର, ଅଧିକାରୀ ଏବଂ ଅଭିଭାବକମାନେଅଂଶଗ୍ରହଣ କରିଛନ୍ତି। କଲୋନେଲ (ଅବସରପ୍ରାପ୍ତ) କେଦାରନାଥ ଦାଶ ପତାକା ଉତ୍ତୋଳନ କରି ମାର୍ଚ୍ଚ ପାଷ୍ଟରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସ୍ପେଶାଲ୍ ଅଲିମ୍ପିକ୍ସ ଭାରତର ଜାତୀୟ ବୋର୍ଡ ସଦସ୍ୟ ରାଜଶେଖର ଚେଲି, ଅବସରପ୍ରାପ୍ତ ଡିଜିଏମ୍, ଏସବିଆଇ ଗୋକୁଳାନନ୍ଦ ଦାଶ, ଉପାଧ୍ୟକ୍ଷ ଉମାକାନ୍ତ ସାରଙ୍ଗୀ, କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ ରଥ, ଏସଓବି-ଓଡିଶାର ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ ଅର୍ପିତା ମହାପାତ୍ର ଏବଂ କେଟି ଗ୍ଲୋବାଲ୍ ସ୍କୁଲର ସିଇଓ ସିଦ୍ଧାର୍ଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ସ୍ୱତନ୍ତ୍ର ଅଲିମ୍ପିଆନ ସରିତା ରାଉତରାୟ, ଅରିଦିତା ଚକ୍ରବର୍ତ୍ତୀ ଏବଂ ବୈଷ୍ଣବ ରାଜପାଲିଆ ସମସ୍ତ ଅତିଥି ଏବଂ କ୍ୟାମ୍ପରମାନଙ୍କୁ ଶପଥ ପାଠ କରାଇଥିଲେ। ବୋର୍ଡ ସଦସ୍ୟ ମାନତୋଷ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଦିନର ଶେଷ ଭାଗରେ ଓଡ଼ିଶା ସରକାରଙ୍କ କ୍ରୀଡା ବିଭାଗ ଓଏସଡି ସୋନାଲି ଚାନ୍ଦ ଜର୍ସି ଉନ୍ମୋଚନ କରିଥିଲେ ଏବଂ ଗୁଜରାଟ ଏବଂ ମହାରାଷ୍ଟ୍ରର ମହିଳା ଦଳ ମଧ୍ୟରେ ପ୍ରଥମ ଲିଗ୍ ମ୍ୟାଚ୍ ଆରମ୍ଭ କରିବା ପାଇଁ ବଲ୍ ଟସ୍ କରିଥିଲେ। ସ୍ପେଶାଲ୍ ଅଲିମ୍ପିକ୍ସ ଭାରତର ସୁରେଶ କୁମାର ଏବଂ ଓମଶ୍ରୀଙ୍କ ଦ୍ୱାରା ଏକ ଜାତୀୟ ଯୁବ ତାଲିମ କାର୍ଯ୍ୟକ୍ରମ ଏବଂ ପରିବାର ଫୋରମ୍ କାର୍ଯ୍ୟକ୍ରମ ମଧ୍ୟ ପରିଚାଳନା କରାଯାଇଥିଲା।



ସ୍ପେଶାଲ୍ ଅଲିମ୍ପିକ୍ସ ଭାରତ ଜାତୀୟ ବାସ୍କେଟବଲ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଖେଳାଳିମାନେ।

# ଜାତୀୟ ଜୁ-ଜିତ୍‌ସୁ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୬।୧୦ (ତପନ ସ୍ୱାଇଁ)**

ଉତ୍ତର ପ୍ରଦେଶର ସାହାରାନପୁରସ୍ଥିତ ଡ. ଆମ୍ବେଡକର ସ୍ପୋର୍ଟ୍ସ ଇନ୍‌ଡୋର ଷ୍ଟାଡିୟମରେ ନଭେମ୍ବର ୯ରୁ ୧୨ ପର୍ଯ୍ୟନ୍ତ ଜାତୀୟ ୨୧ ବର୍ଷରୁ କମ୍ ଓ ସିନିୟର ଜୁ- ଜିତ୍‌ସୁ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜୁ-ଜିତ୍‌ସୁ ଆସୋସିଏଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ହେବାକୁଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନିମନ୍ତେ ଏକ ୩୫ ଜଣିଆ ଓଡ଼ିଶା ଦଳ ମନୋନୀତ ହୋଇ ଉତ୍ତରପ୍ରଦେଶ ଯାତ୍ରା କରିଛି। ଓଡ଼ିଶାରୁ ଅନେକ ଜାତୀୟ ପଦକ ବିଜେତା ଖେଳାଳି ଏହି ପ୍ରତିଯୋଗିତାରେ ଭାଗ ନେଉଛନ୍ତି। ଓଡ଼ିଶା ପ୍ରତିଯୋଗୀଙ୍କ ମଧ୍ୟରେ ୮ ମହିଳା ଓ ୨୭ ଜଣ ପୁରୁଷ ପ୍ରତିଯୋଗୀ ରହିଛନ୍ତି। ପୁରୁଷ ବିଭାଗରେ ସୁମନ୍ତ ସାହୁ, ଅମରେଶ ସ୍ୱାଇଁ, ଉମାକାନ୍ତ ଦାସ, ସିଦ୍ଧାର୍ଥ ମହନ୍ତ, ରଞ୍ଜନ ମଙ୍ଗରାଜ, ଦେବାଶିଷ ସାମନ୍ତରାୟ, ସ୍ୱରାଜ ଯାନୀ, ରାଧାକାନ୍ତ ସେଠୀ, ନିଶାନ୍ତ ଧାରୁଆ, ସନ୍ତୋଷ ସିଂ, ଅକ୍ଷୟ କୁମାର କାହାଳି, ସିଦ୍ଧାନ୍ତ ବେହେରା, କାହ୍ନା ସାହୁ , ମିର୍ଜା ତାହିର ବେଗ, ଅମିତାଭ ନାୟକ, ସମରେଶ ସାହୁ, କାମେଶ ମହାପାତ୍ର, ସିଦ୍ଧାର୍ଥ ଭୂୟାଁ, ଖିତେଶ ବଞ୍ଚୋର, ତନ୍ମେସ ଲେଙ୍କା, ଅନିଲ ପ୍ରଧାନ, ଦୀପକ ଗୌଡ, ସନ୍ଦୀପ ବେହେରା, ସୋନୁ କୁମାର, ଲିଙ୍କନ ବିଶ୍ୱାଳ, ଓମ୍ ପ୍ରଧାନ, ରେବତୀ ରମନ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେହିପରି ମହିଳା ବିଭାଗରେ ରୋଜାଲିନ ଜେନା, ଅନୁପମା ସ୍ୱାଇଁ, ନିରୁପମା ସ୍ୱାଇଁ, ଅଜିଜା ବେଗମ, ରୋଜାଲିନ ପାଲ, ବିଦ୍ୟା ପୃସ୍ଟି, ପ୍ରିୟଦର୍ଶିନୀ ଘଟୁଆରୀ ଓ ପାଲକ ପ୍ରିୟଦର୍ଶିନୀ ଭାଗନେବେ। ଓଡ଼ିଶା ଜୁ-ଜିତ୍‌ସୁ ସଂଘ ସମ୍ପାଦକ ହରି ପ୍ରସାଦ ପଟ୍ଟନାୟକ, ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଓ ଅନ୍ୟ କର୍ମକର୍ତ୍ତାମାନେ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।


କର୍ମକର୍ତ୍ତାଙ୍କ ଗହଣରେ ଜାତୀୟ ଜୁ-ଜିତ୍‌ସୁ ପାଇଁ ମନୋନୀତ ଓଡ଼ିଶା ଦଳ।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ